

ନେମାର ଯୁଗର ଅନ୍ତ
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-36 •THURSDAY •30 JULY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୩୬ •ଗୁରୁବାର •୩୦ ଜୁଲାଇ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଓଃ! କି ବଢ଼ି

## ଗାଁରୁ ସହର ଜଳବନ୍ଦି; ଗଲାଣି ୪ ଜୀବନ



■ ଭୁବନେଶ୍ୱର, ୨୯।୭ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁଁ ୫ ଜିଲ୍ଲାର ୫ ଲକ୍ଷ ୨୬ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହାସହିତ ଏବେ ସୁଦ୍ଧା ବନ୍ୟାରେ ଜଣେ ଅଗ୍ନିଶମ ବାହିନୀ ଯବାନଙ୍କ ସହ ମୋଟ ୪ ଜଣ ଲୋକଙ୍କ ଜୀବନ ଯାଇଛି। ସମସ୍ତ ମୃତ୍ୟୁ ଘଟଣା କେନ୍ଦୁଝର ଜିଲ୍ଲାରେ ହିଁ ଘଟିଛି। ବନ୍ୟା ଜଳରେ ମା-ଝିଅ ଭାସିଯାଇ ପ୍ରାଣ ହରାଇଥିବା ବେଳେ ଅନ୍ୟ ଏକ ଘଟଣାରେ କାନ୍ଥପଡ଼ି ଜଣେ ବୃଦ୍ଧ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଜଣେ ଅଗ୍ନିଶମ ଯବାନ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି । ବର୍ତ୍ତମାନ ସୁଦ୍ଧା ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ବେଳେ ୧୫୯୧ ଗାଁ ପ୍ରଭାବିତ ହୋଇଛି। ଏଥି ମଧ୍ୟରୁ ୩ ଜିଲ୍ଲାରେ ୧୦୬୭ ଘର ଭାଙ୍ଗିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ୩୭୫୪ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲାରେ ୯ଟି ଗୃହପାଳିତ ପ୍ରାଣୀଙ୍କର ମଧ୍ୟ ଜୀବନ ଯାଇଛି। ବନ୍ୟାରେ ଭଦ୍ରକରେ ସର୍ବାଧିକ ୩ ଲକ୍ଷ ୩୯ ହଜାର ୭୭୦ ଲୋକ ଓ ବାଲେଶ୍ୱରରେ ୧ ଲକ୍ଷ ୪୫ ହଜାର ୮୬୬ ଲୋକ ପ୍ରଭାବିତ ହୋଇଛନ୍ତି।

ବନ୍ୟା ପ୍ରଭାବିତ ଲୋକଙ୍କ ମଧ୍ୟରୁ ୮୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଏହାସହିତ ସରକାରଙ୍କ ପକ୍ଷରୁ ରନ୍ଧାଖାଦ୍ୟ ସାଙ୍ଗକୁ ଶୁଖିଲା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ବନ୍ୟା ସ୍ଥିତି ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିବା ବେଳେ ଏଥିରେ ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ କାର୍ଯ୍ୟ, ସ୍ୱାସ୍ଥ୍ୟ ସେବାର ପ୍ରସ୍ତୁତି, ନଦୀଗୁଡ଼ିକର ଜଳସ୍ତର, ପାଣିପାଗ ପୂର୍ବାନୁମାନ ଏବଂ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା ହୋଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରାଯାଇଛି ବୋଲି ▶ପୃଷ୍ଠା-୭



### ୫ ଜିଲ୍ଲାର ୫ ଲକ୍ଷ ପ୍ରଭାବିତ, ଭାଙ୍ଗିଲା ୧୦୬୭ ଘର

### କେବଳ ଭଦ୍ରକରେ ସର୍ବାଧିକ ୩.୫ ଲକ୍ଷ ଲୋକ ପ୍ରଭାବିତ

### ୧୦ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଛୁଟି

## ବୈତରଣୀ ବନ୍ୟାରେ ଭଦ୍ରକ, ଯାଜପୁର ଉବୁଟୁବୁ

■ ଭୁବନେଶ୍ୱର, ୨୯।୭ (ସମିସ): ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଜଟିଳ ହେବାରେ ଲାଗିଛି। ବୈତରଣୀରେ ଆସିଥିବା ଏହି ବଡ଼ ଧରଣର ବନ୍ୟା ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ବ୍ୟାପକ ଅଞ୍ଚଳକୁ ଜଳାର୍ଣ୍ଣବ କରିଥିବା ବେଳେ ବାଲେଶ୍ୱରେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାର ପାଣି ଓ ଜଳକାର ବନ୍ୟା ସ୍ଥିତି ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଅନ୍ୟପଟେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଏବେ ପିକ୍‌ରେ ରହିଥିବା ବେଳେ ଏପଟେ ମହାନଦୀର ଉଚ୍ଛୁଳା ପାଣି ଓ ବନ୍ୟା ସ୍ଥିତି କଟକ, ପୁରୀ, କେନ୍ଦ୍ରାପଡ଼ା, ଆଦି ଜିଲ୍ଲା ପାଇଁ ଡର ଆଣିଛି। ମହାନଦୀରେ ଏକ ମଧ୍ୟମ ଧରଣର ବନ୍ୟା ଆସିବା ଏକ ପ୍ରକାର ସ୍ପଷ୍ଟ ହୋଇସାରିଥିବା ବେଳେ ଛତିଶଗଡ଼ରେ ଭୀଷଣ ବର୍ଷା ଲାଗି ରହିଥିବାରୁ ବନ୍ୟା ବିପ୍ଳବ କେତେ ରହିବ ତାକୁ ନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି। ବୁଧବାର ସନ୍ଧ୍ୟା ୮ ଟା ସୁଦ୍ଧା ବୈତରଣୀ ନଦୀ ଯଦିଓ ଆନନ୍ଦପୁରଠାରେ ▶ପୃଷ୍ଠା-୭

### ଆଖୁଆ ପଦାରେ ଏବେ ବି ବିପଦ ସଙ୍କେତ ଉପରେ ବୈତରଣୀ

### ମହାନଦୀରେ ଆସୁଛି ବଡ଼ ବନ୍ୟା; ଆଜି ସନ୍ଧ୍ୟାରେ ମୁଣ୍ଡଳୀରେ ପହଞ୍ଚିବ ୯ ଲକ୍ଷ କ୍ୟୁସେକ ପାଣି

## ପ୍ରତ୍ୟେକ ଜୀବନ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



### ସହାୟତା ତ୍ୱରାନ୍ୱିତ କରିବାକୁ ୩ ମନ୍ତ୍ରୀଙ୍କୁ ଦାୟିତ୍ୱ

■ ଭୁବନେଶ୍ୱର, ୨୯।୭ (ସମିସ): ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ସୁରକ୍ଷା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଲଗାଣ ବର୍ଷା ଓ କେତେକ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଉପରେ ସରକାର ନଜର ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବନ୍ୟା ପରିସ୍ଥିତି ଓ ଏହାର ମୁକାବିଲା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହିତ ଆଲୋଚନା କରିଛି। ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ସମଗ୍ର ପ୍ରଶାସନକୁ ମୁଁ ନିର୍ଦ୍ଦେଶ ଦେଇଛି। ତେବେ ଏହି ସମୟରେ ଆଦୌ ବିଚଳିତ କିମ୍ବା ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିବେଦନ କରିଛନ୍ତି। ସରକାର ପ୍ରତିଟି ▶ପୃଷ୍ଠା-୭

## ସରକାରୀ ବସ୍ ଡ୍ରାଇଭର ଘରୁ ମିଳିଲା ୨୦ କୋଟି ଟଙ୍କା ଓ ୧୫ କିଲୋ ସୁନା

■ କୋଲକାତା, ୨୯।୭ (ଏଜେନ୍ସି): ପଶ୍ଚିମବଙ୍ଗ ପୁଲିସ ଏକ ବଡ଼ ଧରଣର ଚଢ଼ାଉ କରି ଜଣେ ପୂର୍ବତନ ସରକାରୀ ବସ୍ ଡ୍ରାଇଭରଙ୍କ ବାସଭବନରୁ କୋଟି କୋଟି ଟଙ୍କାର ନଗଦ ଅର୍ଥ ଏବଂ ବିପୁଳ ପରିମାଣର ସୁନା ଜବତ କରିଛି। ପୂର୍ବରୁ ସରକାରୀ ବସ୍ ଚାଳକ ଭାବେ କାର୍ଯ୍ୟ କରୁଥିବା ଏହି ବ୍ୟକ୍ତିଜଣକ ପରବର୍ତ୍ତୀ ସମୟରେ ପଥର ବ୍ୟବସାୟରେ ନିୟୋଜିତ ହୋଇଥିଲେ। ପୁଲିସର ସୂଚନା ଅନୁଯାୟୀ, ଗୁପ୍ତ ଖବର ଆଧାରରେ ଅଭିଯୁକ୍ତ ବ୍ୟବସାୟୀଙ୍କ ସମ୍ପତ୍ତି ଓ ବାସଭବନରେ ଚଢ଼ାଉ କରାଯାଇଥିଲା।



ପ୍ରାଥମିକ ତଦନ୍ତ ସମୟରେ ବିଭିନ୍ନ ବ୍ୟାଗ୍ ମଧ୍ୟରେ ଭର୍ତ୍ତି ହୋଇ ରହିଥିବା ପ୍ରାୟ ୨୦ କୋଟିରୁ ଅଧିକ ଟଙ୍କାର ନଗଦ ଅର୍ଥ ଏବଂ ୧୫ କିଲୋଗ୍ରାମ ଓଜନର ସୁନା ଜବତ କରାଯାଇଛି। ଖବର ଲେଖାଯିବା ସୁଦ୍ଧା ଟଙ୍କା ଗଣତି ପ୍ରକ୍ରିୟା ଜାରି ରହିଥିଲା। ଜଣେ ସାଧାରଣ ସରକାରୀ ବସ୍ ଚାଳକ ଭାବେ କାର୍ଯ୍ୟାରମ୍ଭ କରିଥିବା ଏହି ବ୍ୟକ୍ତି କିପରି ଏତେ ଶୀଘ୍ର ପଥର ବ୍ୟବସାୟ ମାଧ୍ୟମରେ ବିପୁଳ ସମ୍ପତ୍ତିର ମାଲିକ ହେଲେ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ବିପୁଳ ପରିମାଣର ଅର୍ଥରାଶି ଓ ସୁନାର ସେ କେଉଁଠାରୁ ▶ପୃଷ୍ଠା-୭

ଛାତ୍ରଛାତ୍ରୀଙ୍କୁ ପୁଲିସ୍‌ର ଗୁଳି

## ଗୃହ ତତାଇଲେ ରାହୁଲ



### ଅମିତ ଶାହ ଦେଇଥିଲେ ଗୁଳି ନିର୍ଦ୍ଦେଶ: ରାହୁଲ

### ମିଛ କହୁଛନ୍ତି ରାହୁଲ, କ୍ଷମା ମାଗନ୍ତୁ: ସରକାର

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଗତ ୨୦ ତାରିଖରେ କକ୍‌ରୋଚ୍ ଜନତା ପାର୍ଟିର ସଂସଦ ଚଲୋ ଅଭିଯାନ ବେଳେ ଆନ୍ଦୋଳନକାରୀଙ୍କ ଉପରେ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନ ନେଇ ସଂସଦରେ ଉତ୍ତେଜନା ଥମିନାହିଁ। ଆନ୍ଦୋଳନକାରୀଙ୍କୁ ଗୁଳି କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିର୍ଦ୍ଦେଶ ଦେଇଥିଲେ ବୋଲି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ନେଇ ଲୋକସଭାରେ ଆଜି ପ୍ରବଳ ହଙ୍ଗାମା ହୋଇଛି। ସରକାର ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏବଂ କୌଣସି ଗୁଳିମାଡ଼ ହୋଇନାହିଁ ବୋଲି କହିଛନ୍ତି। ବିନା ତଥ୍ୟ ପ୍ରମାଣରେ ରାହୁଲ ଏଭଳି ଅଭିଯୋଗ ଆଣିଥିବାରୁ ଏହାକୁ ନେଇ ଶାସକ ଦଳ ଭୀଷଣ ପାଟିତୁଣ୍ଡ କରିଥିଲେ। ଏଭଳି ମନ୍ତବ୍ୟ ପାଇଁ ରାହୁଲ ▶ପୃଷ୍ଠା-୭

## ହଙ୍ଗାମା ମଧ୍ୟରେ ଲୋକସଭାରେ ପାରିତ ହେଲା ପ୍ରଶ୍ନପତ୍ର ଲିକ୍ ସଂଶୋଧନ ବିଲ୍

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧୀ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଅମାନୁଷିକ ଓ ବର୍ବର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳର ପ୍ରବଳ ହଙ୍ଗାମା ମଧ୍ୟରେ ଲୋକସଭାରେ ଆଜି ପାରିତ ହୋଇଚି ପ୍ରଶ୍ନପତ୍ର ଲିକ୍ ସଂଶୋଧନ ବିଲ୍। 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ନାମକ ଏହି ବିଲ୍ ବାଚନିକ ଭୋଟରେ ଅନୁମୋଦନ ଲାଭ କରିଛି। ଦେଶବ୍ୟାପୀ ଚାଲିଥିବା ଛାତ୍ର ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରଶ୍ନପତ୍ର ଲିକ୍ ପାଇଁ ଦଣ୍ଡକୁ ଆହୁରି କଠୋର କରିବାକୁ ଯାଇ ସରକାର ଏହି ବିଲ୍ ଆଗତ କରିଥିଲେ। ଏହି ବିଲକୁ ଏବେ ବିଚାର ପାଇଁ ରାଜ୍ୟସଭାକୁ ପଠାଯାଇଛି।

ଏହି ନୂତନ ଆଇନ ଅନୁଯାୟୀ ପ୍ରଶ୍ନପତ୍ର ବିଭ୍ରାଟ ସହ ଜଡ଼ିତ ମାମଲାର ତ୍ୱରିତ ବିଚାର ପାଇଁ ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଅଦାଲତ (ଫାଷ୍ଟ ଟ୍ରାକ) ପ୍ରତିଷ୍ଠା କରାଯିବ। ଦୁଇ ମାସ ମଧ୍ୟରେ ସମସ୍ତ ତଦନ୍ତ ପ୍ରକ୍ରିୟା ଶେଷ କରିବା ବାଧ୍ୟତାମୂଳକ କରାଯାଇଛି। ଦୋଷୀ ପ୍ରମାଣିତ ହେଲେ ଅଭିଯୁକ୍ତଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ପଚାଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯିବାର ମଧ୍ୟ ପ୍ରାବଧାନ ରହିଛି। ସେହିପରି ସଂଗଠିତ ଚୋରା କାରବାର ସଂସ୍ଥାଗୁଡ଼ିକ ପାଇଁ ଦଶ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ନିର୍ଦ୍ଧାରଣ କରାଯାଇଛି।


ଜାତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା 'ନିଟ୍' ବିଭ୍ରାଟକୁ ନେଇ କକ୍‌ରୋଚ୍ ଜନତା ପାର୍ଟି ପକ୍ଷରୁ ଦିଲ୍ଲୀ ▶ପୃଷ୍ଠା-୭

### ରାଜ୍ୟସଭାରେ 'ବନ୍ଦେ ମାତରମ୍' ବିଲ୍ ପାସ୍

ଅତାବିରା କୋଇଲା ବ୍ଲକ ଆବଣ୍ଟନ ମାମଲା

## ମନମୋହନଙ୍କୁ କ୍ଲିନ୍‌ଚିଟ୍

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଅତାବିରା କୋଇଲା ବ୍ଲକ ଆବଣ୍ଟନ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂହଙ୍କ ବିରୋଧରେ ଚାଲିଥିବା ଆପରାଧିକ ମାମଲାକୁ ସୁପ୍ରିମ୍ କୋର୍ଟ ଆଜି ଆନୁଷ୍ଠାନିକ ଭାବେ ବନ୍ଦ କରିଛନ୍ତି। ୨୦୧୫ ମସିହାରେ ସିବିଆଇର ବନ୍ଦ ରିପୋର୍ଟ (କ୍ଲୋଜର ରିପୋର୍ଟ)କୁ ଖାରଜ କରି ବିଶେଷ ସିବିଆଇ ଅଦାଲତ ମନମୋହନ ସିଂହଙ୍କୁ ସମନ୍ ଜାରି କରିଥିଲେ। ସେତେବେଳେ ସୁପ୍ରିମକୋର୍ଟ ଏହା ଉପରେ ରୋକ୍ ଲଗାଇଥିବା ବେଳେ ଆଜି ଏହି ମାମଲା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସିବିଆଇର ଦୁଇଟିଯାକ କ୍ଲୋଜର ରିପୋର୍ଟକୁ ନିମ୍ନ ଅଦାଲତ ଅଗ୍ରାହ୍ୟ କରିବାର କୌଣସି ବଳିଷ୍ଠ କାରଣ ନ ଥିଲା ବୋଲି ସୁପ୍ରିମକୋର୍ଟ କହିଛନ୍ତି।



### ମାମଲା ବନ୍ଦକଲେ ସୁପ୍ରିମକୋର୍ଟ

ସୂଚନାଯୋଗ୍ୟ ଯେ, ୨୦୨୪ ଡିସେମ୍ବରରେ ୯୨ ବର୍ଷ ବୟସରେ ମନମୋହନ ସିଂହଙ୍କ ଦେହାନ୍ତ ହୋଇସାରିଛି। ତଥାପି, ନିମ୍ନ ଆଦାଲତ ତାଙ୍କ ବିରୋଧରେ କେତେକ ପ୍ରତିକୂଳ ଟିପ୍ପଣୀ ଦେଇଥିବାରୁ ତାଙ୍କର ସମ୍ମାନ ରକ୍ଷା ପାଇଁ ସୁପ୍ରିମ୍ କୋର୍ଟ ଏହି ଆବେଦନର ଶୁଣାଣି କରି ନିଷ୍ପତ୍ତି ଶୁଣାଇଛନ୍ତି। ଏହି ରାୟ ପରେ, ଅତାବିରା-୨ କୋଇଲା ବ୍ଲକ ଆବଣ୍ଟନ ସମ୍ପର୍କିତ ଏହି ଚର୍ଚ୍ଚିତ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଉପରୁ ସମସ୍ତ ଅଭିଯୋଗ ଆନୁଷ୍ଠାନିକ ଭାବେ ହଟାଇ ▶ପୃଷ୍ଠା-୭

## ପ୍ରେମ ପାଇଁ ହାଇଡ୍ରାମା; ପ୍ରେମିକ ଅଟକ

### ମନ୍ଦିର ଚୂଡ଼ାକୁ ଚଢ଼ି ପ୍ରେମିକାକୁ ଆତ୍ମହତ୍ୟା ଧମକ

■ କେନ୍ଦୁଝର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନାଞ୍ଚଳର ଜଣେ ଯୁବକ ନିଜ ପ୍ରେମିକାଙ୍କୁ ପାଇବା ପାଇଁ ଶୋଲେ ଫିଲ୍ମର ଏକ ଦୃଶ୍ୟର ବାସ୍ତବ ଅବତାରଣା କରିଛନ୍ତି। ଏକ ହାଇଭୋଲ୍ଟେଜ ଡ୍ରାମା କରିବା ପରେ ଥାନାକୁ ଯିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ବୁଧବାର ପ୍ରେମିକ ଜଣଙ୍କ ଏକ ମନ୍ଦିର ଚୂଳକୁ ଚଢ଼ିଯାଇ ସେଠାରେ ବସି ପ୍ରେମିକାଙ୍କୁ ଫୋନ୍ କଲ୍ କରିଥିଲେ। ଯୁବକ ଜଣଙ୍କ ହେଲେ ହରିଚନ୍ଦନପୁର ଥାନା କାଳିଆଦୁମା ଗ୍ରାମର ସୋନୁ ମହାନ୍ତ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଦୁଇ ଦିନ ପୂର୍ବରୁ ସୋନୁ ପ୍ରେମିକାଙ୍କ ସହ ଘରୁ ଅନ୍ୟତ୍ର ଚାଲିଯାଇଥିଲେ। ଖବର ପାଇ ଝିଅଙ୍କ ପରିବାର ଲୋକେ ଝିଅକୁ ଯୁବକଙ୍କ ପାଖରୁ ଛଡ଼ାଇ ନେଇଯାଇଛନ୍ତି। ଏଥିରେ ଯୁବକ ଜଣଙ୍କ ମ୍ରିୟମାଣ ହୋଇ ଏଭଳି କାଣ୍ଡ କରିଛନ୍ତି।



ପ୍ରେମିକାଙ୍କ ଉପରେ ଚାପ ସୃଷ୍ଟି କରିବା ଏବଂ ଯୋଗାଯୋଗ କରିବା ଉଦ୍ଦେଶ୍ୟରେ ଯୁବକ ଜଣକ ସେ ଅଞ୍ଚଳର ଏକ ମନ୍ଦିରର ଚୂଳ ଉପରକୁ ଚଢ଼ିଯାଇଥିଲେ। ଶୋଲେ ଫିଲ୍ମ ଦୃଶ୍ୟ ଭଳି ସେଠାରେ ବସି ତାଙ୍କ ପ୍ରେମିକାଙ୍କୁ ଆତ୍ମହତ୍ୟା କରିବାର ଧମକ ଦେଇଥିଲେ। ଦେଖଣାହାରୀ ଲୋକେ ଯେତେ କହିଲେ ମଧ୍ୟ ସେ କାହାରି କଥା ଶୁଣି ନଥିଲେ କିମ୍ବା ମନ୍ଦିର ଚୂଳରୁ ଓହ୍ଲାଇ ନଥିଲେ। ଏ ବାବଦରେ ଖବର ପାଇ ଘଟଣାସ୍ଥଳରେ ହରିଚନ୍ଦନପୁର ପୁଲିସ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପ୍ରେମିକ ଜଣଙ୍କୁ ବୁଝାସୁଝା କରି ସୁରକ୍ଷିତ ଭାବରେ ଉଦ୍ଧାର କରି ହରିଚନ୍ଦନପୁର ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

## ନଥିରେ ଯୋଜନା; ପାଣ୍ଠି ଶୂନ

### ପିଏମ୍ ଜନମନ ଯୋଜନାରେ ୨ ବର୍ଷ ହେଲା ଓଡ଼ିଶାକୁ ମିଳିନାହିଁ ଟଙ୍କାଏ ଅନୁଦାନ

■ ଭୁବନେଶ୍ୱର, ୨୯।୭ (ସମିସ): ଆଦିମ ଜନଜାତି ବା ପିଭିଟିଜି ସମ୍ପ୍ରଦାୟର ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବା ନିମନ୍ତେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜେଏଏନ୍‌ଏମ୍‌ଏମଏଏନ୍ ବା ପିଏମ୍-ଜନମନ ଯୋଜନା। ଏହି ଯୋଜନାରେ ସାରା ଦେଶର ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବସବାସ କରୁଥିବା ୭୫ ପିଭିଟିଜି ବର୍ଗର ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷା ପାଇଁ ଛାତ୍ରାବାସ ମଞ୍ଜୁର କରାଯାଇଛି ଏବଂ ଏଥିରୁ ଓଡ଼ିଶା ଭାଗରେ ପଡ଼ିଛି ୭୬ । ଗତ ଦୁଇ ବର୍ଷ ତଳେ ଏହି ଯୋଜନା ପ୍ରଣୟନ ହୋଇଥିଲା ଏବଂ ୭୬ଟି ଛାତ୍ରାବାସ ନିର୍ମାଣ ପାଇଁ ୨୦୪ କୋଟି ଟଙ୍କା ବ୍ୟୟଅଟକଳ କରାଯାଇଥିଲା।

### ରାଜ୍ୟର ପିଭିଟିଜି ଛାତ୍ରଛାତ୍ରୀଙ୍କ ପାଇଁ ଅନୁମୋଦନ ହୋଇଛି ୭୬ ଛାତ୍ରାବାସ

### ଅନୁଦାନ ଅଭାବରୁ ୨ ବର୍ଷରେ ନିର୍ମାଣ ହୋଇ ନାହିଁ ଗୋଟିଏ ବି ଛାତ୍ରାବାସ

### ଛାତ୍ରାବାସ ବାବଦ ଅର୍ଥ ଅଧା ଅଧା ବହନ କରିବେ ରାଜ୍ୟ ଓ କେନ୍ଦ୍ର ସରକାର

୬୦:୪୦ ଅନୁପାତରେ କେନ୍ଦ୍ର ସରକାର ଏହି ଅର୍ଥର ୧୨୨.୪୩ କୋଟି ଟଙ୍କା ଅନୁଦାନ ଦେଇଥାଆନ୍ତେ ଓ ରାଜ୍ୟ ସରକାର ଅବଶିଷ୍ଟ ଅର୍ଥ ବହନ କରିବାର ବ୍ୟବସ୍ଥା ଥିଲା। ମାତ୍ର ୨ ବର୍ଷ ପରେ ମଧ୍ୟ ରାଜ୍ୟରେ ଗୋଟିଏ ବି ଛାତ୍ରାବାସ ନିର୍ମାଣ ହୋଇପାରି ନାହିଁ । ଲୋକସଭାରେ ଖୋଦ୍ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ୱିକେ ଏହାକୁ ସ୍ୱୀକାର କରିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁସାରେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାକୁ ଏହି ଯୋଜନାରେ କୌଣସି ଅନୁଦାନ ପ୍ରଦାନ କରାଯାଇ ନାହିଁ। ତେଣୁ ଯୋଜନାକୁ ଅନୁମୋଦନ ମିଳିଥିଲେ ମଧ୍ୟ ଛାତ୍ରାବାସ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ଘଟିନାହିଁ ଓ ୭୬ଟି ଛାତ୍ରାବାସ ମଧ୍ୟରୁ ଗୋଟିଏ ବି ନିର୍ମାଣ ଶେଷ ହୋଇନାହିଁ।

ବିଡ଼ମ୍ବନା ହେଉଛି ଓଡ଼ିଶାରେ ୧୪ଟି ପିଭିଟିଜି ବର୍ଗ ବସବାସ କରୁଛନ୍ତି । ଅବହେଳିତ ଏହି ବର୍ଗର ପିଲାମାନେ ଶିକ୍ଷା କ୍ଷେତ୍ରରେ ପଛୁଆ ରହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି ଓ ନିଜେ ମଧ୍ୟ ଆଦିବାସୀ ବର୍ଗର ▶ପୃଷ୍ଠା-୭






# ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବିଦ୍ୟୁତ୍ ଆଘାତରେ ପିଏଚଡି ଛାତ୍ରୀଙ୍କ ମୃତ୍ୟୁ

ଚଣ୍ଡୀଗଡ଼, ୨୯ ।୭ (ଏଜେନ୍ସି): ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଯାଇଛି । ବିଦ୍ୟୁତ୍ ଆଘାତ'ର ଶିକାର ହୋଇ ୨୮ ବର୍ଷୀୟା ପିଏଚଡି ଗବେଷିକା ଜ୍ୟୋତିଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ପ୍ରବଳ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ହରିୟାଣାର ରେୱାଡ଼ି ନିବାସୀ ଜ୍ୟୋତି ମାଇକ୍ରୋବାୟୋଲୋଜି ବିଭାଗରେ ପିଏଚ୍‌ଡି କରୁଥିଲେ । ବର୍ଷା ଯୋଗୁଁ ରାସ୍ତାରେ ପାଣି ଜମିଥିବାରୁ ସେ କ୍ରୋସିଂ ବାଟ ଦେଇ ହୋଷ୍ଟେଲରୁ ବିଭାଗକୁ ଯାଉଥିବା ସମୟରେ, ନିକଟସ୍ଥ ଏକ ବିଦ୍ୟୁତ୍ ଜଙ୍କସନ୍ ବାକ୍ସରୁ ମାଡ଼ିଆସିଥିବା କରେଣ୍ଟ ସଂସ୍ପର୍ଶରେ ଆସି ଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁର୍ଘଟଣା ପରେ ଶତାଧିକ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବି କରିଥିଲେ । ଉତ୍ତେଜନାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ପାଇଁ ୧୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ତାଙ୍କ ଭାଇଙ୍କୁ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରିସିଆନ୍ ଭାବେ ଚାକିରି ଦେବାକୁ ଘୋଷଣା କରିଛନ୍ତି । ପୋଲିସ ଏହି ମାମଲାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ମଧ୍ୟପ୍ରଦେଶରେ କଂଗ୍ରେସ ନେତାଙ୍କୁ ଛୁରାମାଡ଼ କରି ହତ୍ୟା

ରେୱା, ୨୯ ।୭ (ଏଜେନ୍ସି): ମଧ୍ୟପ୍ରଦେଶର ରେୱା ଜିଲ୍ଲାରେ କଂଗ୍ରେସର ଜଣେ ସ୍ଥାନୀୟ ନେତାଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଛି । ନିହତ ନେତା ଅମିତ କୋଲ୍ କଂଗ୍ରେସର ଅନୁସୂଚିତ ଜନଜାତି ମୋର୍ଚ୍ଚାର ରେୱା ଜିଲ୍ଲା ସଭାପତି ଥିଲେ । ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ପୁଲିସ ସୂଚନା ଅନୁସାରେ, ପରିବହନ ନଗର ସ୍ଥିତ ଶାନ୍ତି ବିହାର କଲୋନୀର ଏକ ପେଟ୍ରୋଲ ପମ୍ପ ନିକଟରେ ଅମିତ କୋଲ୍ କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା କରୁଥିଲେ । ଏହି ସମୟରେ ଦୁଇରୁ ତିନୋଟି ଗାଡ଼ିରେ ଆସିଥିବା କିଛି ଦୁର୍ବୃତ୍ତ ତାଙ୍କୁ ଘେରି ଯାଇ ବାରମ୍ବାର ଛୁରିରେ ଆକ୍ରମଣ କରିଥିଲେ । ଗୁରୁତର ଆହତ ଅବସ୍ଥାରେ ଅମିତ କୋଲଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତରମାନେ ତାଙ୍କୁ ବଞ୍ଚାଇ ପାରିନଥିଲେ । ଘଟଣା ପରେ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ । ରେୱା ଜିଲ୍ଲା ପୁଲିସ ଅଧୀକ୍ଷକ ଗୁରୁକରଣ ସିଂହ କହିଛନ୍ତି, ଘଟଣାସ୍ଥଳର ଚାରିପାଖରେ ଲାଗିଥିବା ନିରୀକ୍ଷଣ କ୍ୟାମେରାର ଦୃଶ୍ୟ ଯାଞ୍ଚ କରାଯାଉଛି । ଘଟଣାସ୍ଥଳରୁ ଦୁଇଟି ମୋଟରସାଇକେଲ ଜବତ କରାଯାଇଥିଲା ।

# ଦୁର୍ଦ୍ଦାନ୍ତ ମାଓବାଦୀ ବେସରା ଗିରଫ




ରାଞ୍ଚି, ୨୯ ।୭ (ଏଜେନ୍ସି): ଝାଡ଼ଖଣ୍ଡରେ ମାଓବାଦ ବିରୋଧୀ ଅଭିଯାନକୁ ବଡ଼ ସଫଳତା ମିଳିଛି । ନିଷିଦ୍ଧ ମାଓବାଦୀ ସଂଗଠନର ରାଜନୈତିକ ସର୍ବୋଚ୍ଚ କମିଟିର ସଦସ୍ୟ ତଥା ଏକ କୋଟି ଟଙ୍କା ପୁରସ୍କାର ଘୋଷିତ ମିସିର ବେସରାଙ୍କୁ ଧାନବାଦ ଜିଲ୍ଲାରୁ ଗିରଫ କରିଛି ଝାଡ଼ଖଣ୍ଡ ପୁଲିସ । ତାଙ୍କ ନାମରେ ୧୪୧ ଆପରାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି । ପୁଲିସ ଅନୁସାରେ, ୬୫ ବର୍ଷୀୟ ମିସିର ବେସରାଙ୍କୁ ଧାନବାଦ ଜିଲ୍ଲାର ବରୱାଡ୍ଡା ଥାନା ଅନ୍ତର୍ଗତ ମଣିଆଡିହ ଅଞ୍ଚଳରୁ ଗତ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରାଯାଇଥିଲା । ସେ 'ସାଗର ଦା' ଏବଂ 'ଭାସ୍କର ଦା' ନାମରେ ମଧ୍ୟ ପରିଚିତ ଥିଲେ । ଏହି ଅଭିଯାନରେ ୧୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଜଣେ ମାଓବାଦୀଙ୍କ ସମେତ ଆଉ ଦୁଇଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ମିସିର ବେସରା ୧୯୮୦ରୁ ନିଷିଦ୍ଧ ସଂଗଠନ ସହ ଜଡ଼ିତ ଥିଲେ ଏବଂ ଦୁଇହଜାର ତିନି ମସିହାରେ କେନ୍ଦ୍ରୀୟ କମିଟିର ସଦସ୍ୟ ହୋଇଥିଲେ ।

# 'କୃତ୍ରିମ ସୂର୍ଯ୍ୟ' ତିଆରି କରୁଛି ଚୀନ୍

## ତିଆରି କଲା ୫୮୨ ଟନ୍‌ର ବିଶାଳ ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍

ହେଫେଇ, ୨୯ ।୭ (ଏଜେନ୍ସି): ନ୍ୟୁକ୍ଲିୟର ଫ୍ୟୁଜନ୍ ମାଧ୍ୟମରେ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଚୀନ୍ ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛି । ଚୀନ୍‌ର 'ବର୍ନିଂ ପ୍ଲାଜ୍ମା ଏକ୍ସପେରିମେଣ୍ଟାଲ ସୁପରକଣ୍ଡକ୍ଟିଂ ଟୋକାମାକ୍' (ବିଏସ୍‌ଟି) ପ୍ରକଳ୍ପ ପାଇଁ ଏକ ୫୮୨ ଟନ୍ ଓଜନର ବିଶାଳ ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍ (ଚୁମ୍ବକ) ନିର୍ମାଣ ଓ ପରୀକ୍ଷଣ ଶେଷ ହୋଇଛି । ୨୧ ମିଟର ଲମ୍ବ ବିଶିଷ୍ଟ ଏହି ମ୍ୟାଗ୍ନେଟ୍‌ଟି ୧୦୦ ନିୟୁତ (୧୦ କୋଟି) ଡିଗ୍ରୀ ସେଲସିୟସରୁ ଅଧିକ ଉତ୍ତପ୍ତ ପ୍ଲାଜ୍ମାକୁ ନିୟନ୍ତ୍ରଣ କରି ରଖିବାରେ ସାହାଯ୍ୟ କରିବ, ଯାହା ସୂର୍ଯ୍ୟର କେନ୍ଦ୍ରଭାଗର ତାପମାତ୍ରା ଠାରୁ ପ୍ରାୟ ୬ ଗୁଣ ଅଧିକ । ଏତେ ଅଧିକ ତାପମାତ୍ରାରେ କୌଣସି ଭୌତିକ ବସ୍ତୁ ତିଷ୍ଠି ପାରିବ ନାହିଁ, ତେଣୁ ଏହି ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ପ୍ଲାଜ୍ମାକୁ ରିଆକ୍ଟରର କାନ୍ଥକୁ ସ୍ପର୍ଶ କରିବାକୁ ନଦେଇ ମହାକାଶରେ ଭାସମାନ ଅବସ୍ଥାରେ ରଖିବ । ଏହି ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍‌ଟି ଫ୍ରାନ୍ସର ପ୍ରସିଦ୍ଧ 'ଆଇଟିଇଆର' ପ୍ରକଳ୍ପର ମ୍ୟାଗ୍ନେଟ୍ ଠାରୁ ୧.୩ ଗୁଣ ବଡ଼ ଏବଂ ୩ ଗୁଣ ଅଧିକ ଚୁମ୍ବକୀୟ ଶକ୍ତି ସଂରକ୍ଷଣ କରିପାରିବ ।





ଚୀନ୍‌ର 'ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍‌ସେସ୍' (ଏଏସ୍‌ଆଇପିପି) ଦ୍ୱାରା ନିର୍ମିତ ଏହି ଟେକ୍ନୋଲୋଜି ସାହାଯ୍ୟରେ ୨୦୨୭ ସୁଦ୍ଧା ରିଆକ୍ଟର ନିର୍ମାଣ ଶେଷ କରି ୨୦୩୦ ମସିହା ସୁଦ୍ଧା ପରମାଣୁ ସଂଲୟନରୁ ବାଣିଜ୍ୟିକ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ

# ଗୁଳି ନୁହେଁ, କେବଳ ଲୁହବୁହା ଗ୍ୟାସ୍: ମନ୍ତ୍ରୀ



ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ଅଭିଯୋଗକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି । ଗତ ଦିନରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଛାତ୍ର ଆନ୍ଦୋଳନ ସମୟରେ ପୁଲିସ କୌଣସି ଗୁଳିଚାଳନା କରିନାହିଁ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏପରି କୌଣସି ନିର୍ଦ୍ଦେଶ ଦେଇନଥିଲେ ବୋଲି କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଲୋକସଭାରେ ସ୍ପଷ୍ଟ କରିଛନ୍ତି । ଲୋକସଭାରେ ପରୀକ୍ଷା ପ୍ରଶ୍ନପତ୍ର ବେଆଇନ ନିରୋଧୀ ସଂଶୋଧନ ବିଲ୍-୨୦୨୬ ଉପରେ ଚାଲିଥିବା

### ଛାତ୍ରଙ୍କ ଉପରେ ଗୁଳିମାଡ଼ ଅଭିଯୋଗକୁ ସରକାରଙ୍କ ଖଣ୍ଡନ

ଆଲୋଚନାରେ ଭାଗ ନେଇ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଥିଲେ ଯେ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ତଥ୍ୟଗତ ଭାବେ ସମ୍ପୂର୍ଣ୍ଣ ଭୁଲ । ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ କେବଳ ଲୁହବୁହା ଗ୍ୟାସ ବ୍ୟବହାର କରାଯାଇଥିଲା । ସେ ଆହୁରି ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଗୁଳିଚାଳନା ନିର୍ଦ୍ଦେଶ ଦେବାର ଅଧିକାର କେବଳ ମାଜିଷ୍ଟ୍ରେଟଙ୍କର ରହିଛି, ପୁଲିସ କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କର ନୁହେଁ । ଏହାସହ ଅମିତ ଶାହ ୩୦ଟି ଗାଡ଼ି ସହ ଗସ୍ତ କରୁଥିବା ଅଭିଯୋଗକୁ ମଧ୍ୟ ସେ ଅସତ୍ୟ ବୋଲି କହିଥିଲେ । କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ବକ୍ତବ୍ୟକୁ ମଧ୍ୟ କେନ୍ଦ୍ର ମନ୍ତ୍ରୀ କଡ଼ା ସମାଲୋଚନା କରିଥିଲେ । ପ୍ରିୟଙ୍କା ଗାନ୍ଧୀ ଦେଶରେ ୧୫୨ ଥର ପ୍ରଶ୍ନପତ୍ର ପ୍ରକାଶନ ବେଆଇନ ଘଟଣା ଘଟିଥିବା ଏବଂ ଏହାଦ୍ୱାରା ସାତ ଶହ ପଚାଶ କୋଟି ଶିଶୁ ପ୍ରଭାବିତ ହୋଇଥିବା କହିଥିଲେ । ଏହି ତଥ୍ୟକୁ ହାସ୍ୟାସ୍ପଦ ଦର୍ଶାଇ ମନ୍ତ୍ରୀ କହିଥିଲେ ଯେ ସମଗ୍ର ବିଶ୍ୱର ଜନସଂଖ୍ୟା ପ୍ରାୟ ଆଠ ଶହ କୋଟି ହୋଇଥିବା ବେଳେ ଏହି ସଂଖ୍ୟା ସମ୍ପୂର୍ଣ୍ଣ ଭିତ୍ତିହୀନ । ଏଥିସହ ୨୦୨୪ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ଦୁଇ ବର୍ଷ ମଧ୍ୟରେ ବାବନଟି ପ୍ରଥମ ସୂଚନା ପତ୍ର ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ ଗୃହକୁ ଜଣାଇଥିଲେ । ରାହୁଲ ଗାନ୍ଧୀଙ୍କ ଗସ୍ତ ଓ ପ୍ରତିବାଦ ପ୍ରଦର୍ଶନକୁ ନେଇ ମଧ୍ୟ ଡକ୍ଟର ଜିତେନ୍ଦ୍ର ସିଂହ ତୀବ୍ର ସମାଲୋଚନା କରିଥିଲେ । ଜୁଲାଇ ୨୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଆବାସ ବାହାରେ ରାହୁଲ ଧାରଣା ଦେବା ଘଟଣାକୁ ସେ ତାଙ୍କର ନିରାଶା ଏବଂ ପ୍ରଧାନମନ୍ତ୍ରୀ ହେବାର ଅପୂରଣୀୟ ଅଭିଳାଷର ପରିଣାମ ବୋଲି କହିଥିଲେ । ଆନ୍ଦୋଳନ ତୀବ୍ର ହେବା ପରେ ହିଁ ରାହୁଲ ଏଥିରେ ସାମିଲ ହୋଇଥିବାରୁ ସେ ତାଙ୍କୁ ସମାଲୋଚନା କରିଥିଲେ ।

# କାର୍ଯ୍ୟାନୁଷ୍ଠାନ ସପକ୍ଷରେ ନଡ୍ଡାଙ୍କ ଯୁକ୍ତି



ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ଛାତ୍ର ଆନ୍ଦୋଳନରେ ସକ୍ରିୟ ଥିବା ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖିବା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ରାଜ୍ୟସଭାର ସଦନନେତା ଜେପି ନଡ୍ଡା । ଛାତ୍ର ଆନ୍ଦୋଳନକାରୀଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳର ଆକ୍ରମଣ ମଧ୍ୟରେ ସେ ଏହି ମନ୍ତବ୍ୟ ରଖିଛନ୍ତି । ରାଜ୍ୟସଭାରେ ବିରୋଧୀ ଦଳନେତା ମଲ୍ଲିକାର୍ଜୁନ ଖଡ଼ଗେ କେନ୍ଦ୍ର ସରକାର ଉପରେ ଗଣତନ୍ତ୍ରକୁ ଅସୁରକ୍ଷିତ କରିବା ଏବଂ ଛାତ୍ରଙ୍କ ବିରୋଧରେ ପୁଲିସର ଅତ୍ୟଧିକ ବଳପ୍ରୟୋଗ ପ୍ରତି ନୀରବ ରହିବାର ଅଭିଯୋଗ ଆଣିଥିଲେ । ଏହାର ଜବାବରେ ନଡ୍ଡା କହିଥିଲେ, ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ଆବଶ୍ୟକ ପଦକ୍ଷେପ ନେବା ସ୍ୱାଭାବିକ । ନଡ୍ଡା ନିଜ ଛାତ୍ରଜୀବନର ଅନୁଭୂତି ଉଲ୍ଲେଖ କରି କହିଥିଲେ ଯେ ଜରୁରୀକାଳ ସମୟରେ ସେ ଜଣେ ଛାତ୍ର ଆନ୍ଦୋଳନକାରୀ ଭାବେ ଦୁଇଥର ଶ୍ରେଣୀଗୃହରୁ ଗିରଫ ହୋଇଥିଲେ । ତେଣୁ ଆନ୍ଦୋଳନରେ ସାମିଲ ହେଲେ ପୁଲିସ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ସେ କହିଥିଲେ । ଅନ୍ୟପଟେ, ବିରୋଧୀ ଦଳ ପକ୍ଷରୁ ଜୁଲାଇ ୨୦ରେ ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ସମୟରେ ପୁଲିସର ବଳପ୍ରୟୋଗକୁ ନେଇ କେନ୍ଦ୍ର ସରକାର ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଜବାବ ଦାବି କରାଯାଇଛି । ପ୍ରଧାନମନ୍ତ୍ରୀଙ୍କଠାରୁ କ୍ଷମାପ୍ରାର୍ଥନା ଦାବି ମଧ୍ୟ ବିରୋଧୀ ଉଠାଇଛନ୍ତି । ରାଜ୍ୟସଭା ସଦସ୍ୟ ଜନ୍ ବ୍ରିଟାସ ଅଭିଯୋଗ କରିଥିଲେ ଯେ ଛାତ୍ରନେତ୍ରୀ ଐଶୀ ଘୋଷଙ୍କୁ ଗିରଫ କରିବା ପାଇଁ ପୁଲିସ ଏକ ଜାତୀୟ ରାଜନୈତିକ ଦଳର କାର୍ଯ୍ୟାଳୟରେ ପ୍ରବେଶ କରିଥିଲା । ଏହାକୁ ସେ ଗଣତାନ୍ତ୍ରିକ ଅଧିକାର ଉପରେ ଆଘାତ ବୋଲି ବର୍ଣ୍ଣନା କରିଥିଲେ । ଏହି ପ୍ରସଙ୍ଗକୁ ନେଇ ସଂସଦର ଉଭୟ ସଦନରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି । ଛାତ୍ର ଆନନ୍ଦୋଳନ, ପୁଲିସର ଭୂମିକା ଏବଂ ଗଣତାନ୍ତ୍ରିକ ଅଧିକାରକୁ ନେଇ ରାଜନୈତିକ ବିବାଦ ଆହୁରି ତୀବ୍ର ହେବାର ସଙ୍କେତ ମିଳୁଛି ।

# ମୋଦୀଙ୍କ ବିରୋଧରେ ପୋଷ୍ଟ ହଟାଇବାକୁ 'ଏକ୍ସ'କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ' (ପୂର୍ବରୁ ଟ୍ୱିଟର)ରେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଅପମାନଜନକ ଏବଂ ଆପତ୍ତିଜନକ ପୋଷ୍ଟ ଶେୟାର କରାଯାଉଥିବା ନେଇ ଦିଲ୍ଲୀ ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଏହିପରି ସମସ୍ତ ବିବାଦୀୟ ପୋଷ୍ଟ ଓ ଭିଡିଓଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଦିଲ୍ଲୀ ପୋଲିସ ଏକ୍ସ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି । ଏହାସହିତ, ସମ୍ପୃକ୍ତ ଆକାଉଣ୍ଟଧାରୀଙ୍କ ପୂର୍ଣ୍ଣ ନାମ, ଠିକଣା, ଫୋନ ନମ୍ବର, ଇମେଲ ଆଇଡି ଏବଂ ଲଗଇନ୍-ଲଗଆଉଟ୍ ସମ୍ପର୍କିତ ସମସ୍ତ ତଥ୍ୟ ଯୋଗାଇଦେବାକୁ ପୋଲିସ ଦାବି କରିଛି । ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୬୩(୪) ଅଧୀନରେ ପ୍ରମାଣପତ୍ର ସହ ଏହି ସମସ୍ତ ତଥ୍ୟକୁ ପରବର୍ତ୍ତୀ ତଦନ୍ତ ପାଇଁ ସୁରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୦ରେ ଯନ୍ତର ମନ୍ତରଠାରେ ଆୟୋଜିତ 'ସଂସଦ ଚାଲୋ' ନାମକ ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ କେତେକ ଅଶାଳୀନ ଓ ଆପତ୍ତିଜନକ ପୋଷ୍ଟ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ ହୋଇଥିଲା । ଏହାପୂର୍ବରୁ ଜୁଲାଇ ୨୭ରେ ମଧ୍ୟ ପୋଲିସ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମଗୁଡ଼ିକୁ ଏପରି ପୋଷ୍ଟ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା । ଦିଲ୍ଲୀ ପୋଲିସର ଏହି ପଦକ୍ଷେପ ସାମାଜିକ ଗଣମାଧ୍ୟମରେ ଭ୍ରାମକ ଏବଂ ଅପମାନଜନକ ତଥ୍ୟ ପ୍ରସାରଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଆହୁରି କଡ଼ାକଡ଼ି କରିଛି ।

# ଯୁଦ୍ଧକୁ ଓହ୍ଲାଇଲା ସାଉଦିଆରବ



- ଇରାକ୍‌ରେ ଆମେରିକା ସହ ସାଉଦି ବିମାନ ଆକ୍ରମଣ
- ୨୦ ମିଲିସିଆ କ୍ୟାଡରଙ୍କ ମୃତ୍ୟୁ

ବାଗଦାଦ, ୨୯ ।୭ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଆହୁରି ଭୟାନକ ରୂପ ନେବାକୁ ଯାଉଛି । ଏବେ ଏହି ଯୁଦ୍ଧରେ ସାଉଦି ଆରବ ପ୍ରତ୍ୟେକ୍ଷ ଭାବେ ଓହ୍ଲାଇଛି । ଇରାକ୍‌ରେ ଥିବା ଇରାନ-ସମର୍ଥିତ ସଶସ୍ତ୍ର ଗୋଷ୍ଠୀ (ମିଲିସିଆ)ର ବିଭିନ୍ନ ଠିକଣା ଉପରେ ଆମେରିକା ଏବଂ ସାଉଦି ଆରବ ଆରବ ମିଳିତ ଭାବେ ଶକ୍ତିଶାଳୀ ବିମାନ ଆକ୍ରମଣ ଅର୍ଥାତ ଏୟାରଷ୍ଟ୍ରାଇକ୍ କରିଛନ୍ତି । ଏହି କାର୍ଯ୍ୟାନୁଷ୍ଠାନରେ ଅତିକମରେ ୨୦ ଜଣ ମିଲିସିଆ କ୍ୟାଡର ମୃତ୍ୟୁବରଣ କରିଥିବା ବେଳେ ୩୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଏବଂ ସାଉଦି ଆରବ ଆରବ ପ୍ରତିରକ୍ଷା ମନ୍ତ୍ରାଳୟ ଅନୁଯାୟୀ, ଗତ ୭୨ ଘଣ୍ଟା ମଧ୍ୟରେ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର' (ଆଇଆରଜିସି) ଦ୍ୱାରା ନିୟନ୍ତ୍ରିତ ସଂଗଠନଗୁଡ଼ିକ ଆମେରିକୀୟ ସେନା ଏବଂ ସାଉଦି ଆରବ ଆରବର ତୈଳ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ । ଏହାର କଡ଼ା ଜବାବ ଦେଇ ଦକ୍ଷିଣ ଓ ପୂର୍ବ ଇରାକ୍‌ର ବାଗଦାଦ, ବସ୍‌ରା, ନିନେଭେ ଏବଂ ଦିୟାଲା ଭଳି ସ୍ଥାନରେ ଥିବା ଆତଙ୍କବାଦୀ କ୍ୟାମ୍ପଗୁଡ଼ିକୁ ବିମାନ ଆକ୍ରମଣ କରି ଧ୍ୱଂସ କରାଯାଇଛି । ଏହି ଏୟାରଷ୍ଟ୍ରାଇକ୍ ପୂର୍ବରୁ ଇରାନ ଜୋର୍ଡାନରେ ଥିବା ଆମେରିକାର ସାମରିକ ଘାଟି ଉପରକୁ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯାହାକୁ ଆମେରିକା ଆକାଶମାର୍ଗରେ ହିଁ ନଷ୍ଟ କରିଦେଇଥିବା ଦାବି କରିଛି । ଏହାସହ ହୋରମୁଜ୍ ପ୍ରଣାଳୀରେ ଇରାନ ତିନୋଟି ତୈଳବାହୀ ଜାହାଜକୁ ଆକ୍ରମଣ କରିଥିବା ସୂଚନା ମିଳିଛି । ଇରାକ୍ ସରକାରୀ ସେନାର ଅଂଶବିଶେଷ 'ପପୁଲାର ମୋବିଲାଇଜେସନ ଫୋର୍ସ' (ପିଏମ୍‌ଏଫ୍) ଏହି ଆକ୍ରମଣକୁ ନିନ୍ଦା କରିବା ସହ ଏହା ଇରାକ୍‌ର ସାର୍ବଭୌମତ୍ୱ ଉପରେ କଠୋର ଆଘାତ ବୋଲି କହିଛି । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ପ୍ରାୟ ୪.୩ ପ୍ରତିଶତ ବୃଦ୍ଧି ଘଟିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ୱାସିଂଟନ୍‌ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଥିବା ସମୟରେ ଏହି ପ୍ରତିଶୋଧମୂଳକ ଆକ୍ରମଣ ମଧ୍ୟପ୍ରାଚ୍ୟର ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଦେଇଛି ।

## ଅହମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା



# ଇନ୍ଧନ ସ୍ୱିଚ୍‌ରେ ତ୍ରୁଟି ନାହିଁ: କେନ୍ଦ୍ର

ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ଅହମଦାବାଦ୍‌ରେ ଗତବର୍ଷ ଘଟିଥିବା ଏଆଇ-୧୭୧ ବିମାନ ଦୁର୍ଘଟଣାର ତଦନ୍ତ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ବିମାନ ଦୁର୍ଘଟଣାରେ ୬୦ ଜଣ ଲୋକ ପ୍ରାଣ ହରାଇଥିଲେ । ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍‌ର ଲକିଂ ବ୍ୟବସ୍ଥାରେ କୌଣସି ତ୍ରୁଟି ମିଳିନଥିବା ବୋଲି ବୁଧବାର ସଂସଦରେ କେନ୍ଦ୍ର ସରକାର ସୂଚନା ଦେଇଛନ୍ତି । ରାଜ୍ୟସଭାରେ ପ୍ରଶ୍ନର ଉତ୍ତର ଦେଇ ବେସାମରିକ ବିମାନ ଚଳାଚଳ ରାଜ୍ୟମନ୍ତ୍ରୀ ମୁରଲୀଧର ମହୋଳ କହିଛନ୍ତି, ମୂଳ ଉପକରଣ ନିର୍ମାତା ସଂସ୍ଥା ପକ୍ଷରୁ କରାଯାଇଥିବା ଉନ୍ନତ ପରୀକ୍ଷଣରେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ଏବଂ ଏହାର ସୁରକ୍ଷା ବ୍ୟବସ୍ଥାରେ କୌଣସି ଅସ୍ୱାଭାବିକତା ଚିହ୍ନଟ ହୋଇନାହିଁ । ସେ କହିଛନ୍ତି, ସମ୍ପୂର୍ଣ୍ଣ ଥ୍ରଷ୍ଟ ନିୟନ୍ତ୍ରଣ ମଡ୍ୟୁଲର ପରୀକ୍ଷଣ ଆମେରିକାର ସିଆଟଲ୍‌ସ୍ଥିତ ନିର୍ମାତା ସଂସ୍ଥାର କାରଖାନାରେ ଏପର୍ଯ୍ୟନ୍ତ ଜାରି ରହିଛି । ଏହି ପରୀକ୍ଷଣର ଅନ୍ତିମ ରିପୋର୍ଟ ଆସିବା ପରେ ତଦନ୍ତର ସମସ୍ତ ଦିଗ ସ୍ପଷ୍ଟ ହେବ । କେନ୍ଦ୍ର ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ଅନ୍ତିମ ରିପୋର୍ଟ ପ୍ରକାଶରେ କୌଣସି ବିଳମ୍ବ ହୋଇନାହିଁ । ବଡ଼ ବିମାନ ଦୁର୍ଘଟଣାର ତଦନ୍ତରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥାଏ ଏବଂ ସମ୍ଭାବ୍ୟ ସମସ୍ତ କାରଣ ଓ ସହାୟକ ପରିସ୍ଥିତିର ଗଭୀର ଯାଞ୍ଚ କରାଯାଉଛି । ସରକାରଙ୍କ କହିବା ଅନୁଯାୟୀ, ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଅନ୍ତିମ ରିପୋର୍ଟ ସାର୍ବଜନୀନ କରାଯିବ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ୱେବସାଇଟ୍‌ରେ ପ୍ରକାଶ କରାଯିବ । ଏଆଇ-୧୭୧ ବିମାନ ଦୁର୍ଘଟଣାର ତଦନ୍ତ ଅନ୍ତିମ ପର୍ଯ୍ୟାୟରେ ଥିବାବେଳେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍‌ରେ କୌଣସି ଯାନ୍ତ୍ରିକ ତ୍ରୁଟି ନ ମିଳିବା ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତେବେ ଦୁର୍ଘଟଣାର ପ୍ରକୃତ କାରଣ ଅନ୍ତିମ ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ହିଁ ସ୍ପଷ୍ଟ ହେବ ।

# ଥାଇଲାଣ୍ଡରେ ୩ ଭାରତୀୟ ପର୍ଯ୍ୟଟକଙ୍କୁ ଅପହରଣ

- କାଳ ହେଲା ଶସ୍ତା ଭ୍ରମଣର ଲୋଭ
- ୫ ଭାରତୀୟ, ଅପହର୍ତ୍ତା ଗିରଫ



ବ୍ୟାଙ୍କକ, ୨୯ ।୭ (ଏଜେନ୍ସି): ଶସ୍ତା ମୂଲ୍ୟରେ ଥାଇଲ୍ୟାଣ୍ଡ ଭ୍ରମଣ କରାଇବାର ପ୍ରଲୋଭନ ଦେଇ ତିନି ଭାରତୀୟ ଯୁବକଙ୍କୁ ଅପହରଣ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି । ଥାଇ ପୁଲିସ ଅଭିଯୁକ୍ତମାନଙ୍କ କବଳରୁ ତିନିଜଣଙ୍କୁ ଉଦ୍ଧାର କରିଥିବାବେଳେ ଏହି ମାମଲାରେ ପାଞ୍ଚ ଭାରତୀୟଙ୍କୁ ଗିରଫ କରିଛି । ଏହି ଅପରାଧରେ କିଛି ପାକିସ୍ତାନୀ ନାଗରିକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ମଧ୍ୟ ରହିଛି । ପୁଲିସ ସୂଚନା ଅନୁସାରେ, ତିନିଜଣ ଭାରତୀୟ ଯୁବକଙ୍କୁ ସାତ ଦିନିଆ ଶସ୍ତା ଭ୍ରମଣ ପ୍ୟାକେଜ୍‌ର ପ୍ରଲୋଭନ ଦେଇ ଥାଇଲ୍ୟାଣ୍ଡକୁ ଡକାଯାଇଥିଲା । ଜୁଲାଇ ୨୧ରେ ସେମାନେ ବ୍ୟାଙ୍କକରେ ପହଞ୍ଚିବା ପରେ ପଟ୍ଟାୟାକୁ ନିଆଯାଇଥିଲେ । ସେଠାରେ ଏକ ଭଡ଼ା ଘରକୁ ନେଇ ସେମାନଙ୍କୁ ବନ୍ଦୀ କରାଯାଇଥିଲା । ଅପହରଣକାରୀମାନେ ବନ୍ଦୀମାନଙ୍କୁ ପ୍ରତିଦିନ ନିର୍ଯାତନା ଦେବା ସହ ସେମାନଙ୍କ ପରିବାର ଲୋକଙ୍କଠାରୁ ମୁକ୍ତି ବଦଳରେ ପ୍ରାୟ ସତର ଲକ୍ଷ ଟଙ୍କା ଦାବି କରିଥିଲେ । ପରିବାର ସଦସ୍ୟଙ୍କ ସହ କଥା ହେବାକୁ ବାଧ୍ୟ କରାଯାଇ ଟଙ୍କା ପଠାଇବା ପାଇଁ ଚାପ ସୃଷ୍ଟି କରାଯାଉଥିଲା । ନିର୍ଯାତନାର ଦୃଶ୍ୟକୁ ଅଧିକ ଭୟଙ୍କର ଦେଖାଇବା ପାଇଁ ଜଣେ ପୀଡ଼ିତଙ୍କ ଶରୀରରେ ଲାଲ ରଙ୍ଗ ଲଗାଇ ଭିଡିଓ କଲ୍ କରାଯାଇଥିବା ତଦନ୍ତରେ ଜଣାପଡ଼ିଛି । ଭାରତରେ ଥିବା ପରିବାର ସଦସ୍ୟମାନେ ଥାଇ ପୁଲିସର ସହାୟତା ଲୋଡ଼ିବା ପରେ ତଦନ୍ତ ଆରମ୍ଭ ହୋଇଥିଲା । ଜୁଲାଇ ୨୭ରେ ପଟ୍ଟାୟାର ଏକ ଦୁଇମହଲା ଘର ଉପରେ ଚଢ଼ାଉ କରି ପୁଲିସ ତିନିଜଣଙ୍କୁ ଉଦ୍ଧାର କରିଥିଲା । ତେବେ ପୁଲିସ ପହଞ୍ଚିବା ପୂର୍ବରୁ କିଛି ଅଭିଯୁକ୍ତ ମୋଟରସାଇକେଲରେ ଫେରାର ହୋଇଯାଇଥିଲେ । ପରବର୍ତ୍ତୀ ଅଭିଯାନରେ ବ୍ୟାଙ୍କକର ଏକ ହୋଟେଲରୁ ପାଞ୍ଚ ଭାରତୀୟଙ୍କୁ ଗିରଫ କରାଯାଇଛି । ପୁଲିସ କହିଛି, ଦୁବାଇରୁ କାର୍ଯ୍ୟ କରୁଥିବା ଜଣେ ପାକିସ୍ତାନୀ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ଏହି ଅପହରଣ ଯୋଜନା କରାଯାଇଥିଲା । ମୁକ୍ତିପଣର ଟଙ୍କା ଡିଜିଟାଲ୍ ମୁଦ୍ରା ମାଧ୍ୟମରେ ନେବାର ଯୋଜନା ଥିବା ମଧ୍ୟ ତଦନ୍ତରେ ସାମ୍ନାକୁ ଆସିଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନ ଜାରି ରହିଛି ।


# ଯୌନ ଶୋଷଣ ପରେ ଗର୍ଭପାତ ପାଇଁ ବାଧ୍ୟ କରି ଥାନା ଅଧିକାରୀ ନିଲମ୍ବିତ



ହାଇଦରାବାଦ, ୨୯ ।୭ (ଏଜେନ୍ସି): ଜଣେ ମହିଳାଙ୍କୁ ଯୌନ ଶୋଷଣ, ଗର୍ଭପାତ କରିବାକୁ ବାଧ୍ୟ କରିବା ଏବଂ ବ୍ଲାକମେଲ କରିବା ଅଭିଯୋଗରେ ହାଇଦରାବାଦର ଜୁବିଲି ହିଲ୍ସ ଥାନାର ଥାନା ଅଧିକାରୀ ଉ. ଶ୍ରୀନିବାସୁଲୁ ରେଡ୍ଡୀଙ୍କୁ ନିଲମ୍ବିତ କରାଯାଇଛି । ପ୍ରାଥମିକ ତଦନ୍ତ ପରେ ହାଇଦ୍ରାବାଦ ପୁଲିସ କମିଶନର ଏହି ପଦକ୍ଷେପ ନେଇଛନ୍ତି । ସଙ୍ଗାରେଡ୍ଡି ଜିଲ୍ଲାର ଜଣେ ଏକତିରିଶ ବର୍ଷୀୟା ମହିଳା ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଶ୍ରୀନିବାସୁଲୁ ରେଡ୍ଡୀ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଗର୍ଭବତୀ ହେବା ପରେ ଗର୍ଭପାତ କରାଇବାକୁ ବାଧ୍ୟ କରିଥିଲେ । ଏହାଛଡ଼ା ତାଙ୍କୁ ମାଡ଼ ମାରିବା ଓ ଧମକ ଦେଇଥିବା ଅଭିଯୋଗ ମଧ୍ୟ ସେ କରିଛନ୍ତି । ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଘଟଣାର ଆରମ୍ଭ ୨୦୨୧ରେ ହୋଇଥିଲା । ପାରିବାରିକ ବିବାଦ ନେଇ ସେ ଆମିନପୁର ଥାନାକୁ ଯାଇଥିବାବେଳେ ସେତେବେଳେ ସେଠାରେ କାର୍ଯ୍ୟରତ ଥିବା ଶ୍ରୀନିବାସୁଲୁ ରେଡ୍ଡୀ ତାଙ୍କ ସହ ସମ୍ପର୍କ ସ୍ଥାପନ କରି ଧୀରେ ଧୀରେ ଯୌନ ସମ୍ପର୍କ ପାଇଁ ଚାପ ପକାଇଥିଲେ । ପରେ ନିଜ ଘରକୁ ଡାକି ସେଠାରେ ଯୌନ ନିର୍ଯାତନା କରିଥିବା ଅଭିଯୋଗ ହୋଇଛି । ଅଭିଯୋଗରେ ଆହୁରି କୁହାଯାଇଛି ଯେ, ଅଭିଯୁକ୍ତ ଅଧିକାରୀ ବ୍ୟକ୍ତିଗତ ଭିଡିଓ ସାମାଜିକ ମାଧ୍ୟମରେ ପ୍ରକାଶ କରିଦେବାର ଧମକ ଦେଇ ଦୁଇ କୋଟି ଟଙ୍କା ଦାବି କରିଥିଲେ । ଭୟଭୀତ ହୋଇ ସେ ବିଭିନ୍ନ ସମୟରେ ତାଙ୍କୁ ହଜାର ହଜାର ଟଙ୍କା ଦେଇଥିବା ମଧ୍ୟ ମହିଳା ଦାବି କରିଛନ୍ତି । ସେହିପରି ଜୁବିଲି ହିଲ୍ସ ଥାନାରେ ପୋଷ୍ଟିଂ ପାଇଁ ପାଇଁ ପଚିଶ ଲକ୍ଷ ଟଙ୍କା ଦିଆଯାଇଥିବା ଅଭିଯୋଗ ମଧ୍ୟ ସେ ଆଣିଛନ୍ତି ।

### ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର; ସହର ଅବସ୍ଥା ବେହାଲ

# ବଢୁଛି ବୈତରଣୀ, ସାଳନ୍ଦୀ; ୩୨୨ ଗାଁରେ ପଶିଲା ପାଣି





**୫୪ ହଜାରରୁ ଅଧିକ ବିପନ୍ନଙ୍କୁ ସ୍ଥାନାନ୍ତର**

**୩ ଲକ୍ଷ ୩୯ ହଜାର ୭୭୦ ଲୋକ ପ୍ରଭାବିତ**

ଭଦ୍ରକ,୨୯।୭(ସମିସ): ଲଗାଣ ବର୍ଷା ଓ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ଯୋଗୁଁ ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟା ୫ଟା ସୁଦ୍ଧା ମିଳିଥିବା ଦୈନିକ ସ୍ଥିତି ରିପୋର୍ଟ ଅନୁଯାୟୀ, ଜିଲ୍ଲାର ତିହିଡ଼ି, ବାସୁଦେବପୁର, ଧାମନଗର, ଭଦ୍ରକ ଓ ଭଣ୍ଡାରିପୋଖରୀ ସମେତ ୫ଟି ବ୍ଲକ୍‌ର ୭୨ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୩୨୨ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ଏହା ସହ ଧାମନଗର ଏନ୍‌ଏସି, ଭଦ୍ରକ ପୌରପାଳିକା ଓ ଧୂଷୁରୀ ଏନ୍‌ଏସିର ୧୩ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଜିଲ୍ଲାରେ ମୋଟ୍ ୩ ଲକ୍ଷ ୩୯ ହଜାର ୭୭୦ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୫୪ ହଜାର ୧୮୪ ଜଣଙ୍କୁ ସୁରକ୍ଷିତ ସ୍ଥାନ ଓ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଲୋକଙ୍କ ପାଇଁ ୧୯୫ଟି ମାଗଣା ରୋଷେଇ କେନ୍ଦ୍ର ଓ ରିଲିଫ୍ କେନ୍ଦ୍ର ଖୋଲାଯାଇଛି ଏବଂ ସମସ୍ତ ହିତାଧିକାରୀଙ୍କୁ ଖାଦ୍ୟ ସହାୟତା ପ୍ରଦାନ କରାଯାଉଛି।

ସୂଚନାନୁଯାୟୀ, ଏ ପର୍ଯ୍ୟନ୍ତ କୌଣସି ମାନବ ମୃତାହତ ଘଟଣା ଘଟିନାହିଁ। ପଶୁସମ୍ପଦ କ୍ଷେତ୍ରରେ ୧୮୫ଟି ବଡ଼ ପଶୁ ଓ ୨୨୬ଟି ଛୋଟ ପଶୁ ପ୍ରଭାବିତ ହୋଇଥିବାବେଳେ କୌଣସି ପଶୁ ମୃତ୍ୟୁର ବି ସୂଚନା ମିଳିନାହିଁ। ଫସଲ କ୍ଷୟକ୍ଷତିର ଆକଳନ ଚାଲିଥିବାବେଳେ ଘରବାରି କିମ୍ବା ଭିତ୍ତିଭୂମି କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ। ରିଲିଫ୍ ସାମଗ୍ରୀ ଭାବେ ବୁଧବାର ୧୬୬.୩୩ କ୍ୱିଣ୍ଟାଲ ଚୁଡ଼ା ଓ ୧୭.୭୮ କ୍ୱିଣ୍ଟାଲ ଗୁଡ଼, ଚିନି ବଣ୍ଟନ କରାଯାଇଛି। ଜିଲ୍ଲାରେ ୧୪ଟି ମେଡିକାଲ ଟିମ୍ ଓ ୫ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ ରହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୩ଟି ଏନ୍‌ଡିଆର୍‌ଏଫ୍ ଓ ୪ଟି ଓଡ୍ରାଫ୍ ଦଳ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ କ୍ରମାଗତ ନଜର ରଖାଯାଇଥିବା ବେଳେ ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି ବୋଲି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସୂଚନା ଦେବା ସହ ବନ୍ୟାଞ୍ଚଳ ଲୋକମାନେ ଭୟଭୀତ ନ ହୋଇ ସତର୍କତା ଅବଲମ୍ବନ କରି ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଲଗାଣ ବର୍ଷା ପରେ ଭଦ୍ରକ ସହର ସ୍ଥିତି ମଧ୍ୟ ବେହାଲ ହୋଇପଡ଼ିଛି। ଭଦ୍ରକ ପୌରାଞ୍ଚଳର ଅଧିକାଂଶ ୱାର୍ଡ ଜଳବନ୍ଦୀ ହୋଇପଡ଼ିଛି। ବିଶେଷକରି ୫, ୧୫, ୧୬, ୧୯, ୨୧, ୨୫, ୨୭, ୨୮, ୨୯ ନମ୍ବର ୱାର୍ଡ ଜଳବନ୍ଦୀ ହୋଇପଡ଼ିଛି। ବହୁ ଲୋକଙ୍କ ଘରେ ପାଣି ପଶିଥିବାବେଳେ ଅନେକ ରାସ୍ତାରେ ପାଣିର ସୁଅ ଛୁଟିଛି। ସେହିଭଳି ସହର ଉପକଣ୍ଠ ସାଳନ୍ଦୀ ନଦୀ ବାଉଦପୁର ବ୍ରିଜ୍ ଉପରେ ବନ୍ୟାପାଣିର ସୁଅ ଛୁଟିଛି। ଫଳରେ ପ୍ରଶାସନ ପକ୍ଷରୁ ଏହି ବ୍ରିଜ୍‌କୁ ବାଉଁଶ ଦେଇ ବନ୍ଦ କରାଯାଇଛି। ସେହିଭଳି ସହରାଞ୍ଚଳର ତଳିଆ ଅଞ୍ଚଳ ଓ ନଦୀକୂଳିଆ ଅଞ୍ଚଳବାସୀଙ୍କୁ ପୌରପାଳିକା ପକ୍ଷରୁ ମାଇକ୍ ଯୋଗେ ସତର୍କ ରହିବାକୁ ସୂଚନା ଦିଆଯାଇଛି।

### ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା; ଆନନ୍ଦପୁର ରିଙ୍ଗବନ୍ଧରେ ୫୦ ଫୁଟ୍‌ର ଘାଇ

## ଭାସିଗଲା କାର୍ ସହ ଭ୍ୟାନ୍; ପୁଅ ନିଖୋଜ, ବାପା ଗୁରୁତର





ଆନନ୍ଦପୁର, ୨୯।୭ (ସମିସ): ଆନନ୍ଦପୁର ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ପାଇଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ରିଙ୍ଗ ବନ୍ଧଠାରେ ଥିବା ଦୁର୍ବଳ ସ୍ଲୁଇସ ଭାଙ୍ଗିଯିବାରୁ ପ୍ରାୟ ୫୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି। ଘାଇରେ ପଡି ଏକ ପିକଅପ ଭ୍ୟାନ ଓ ଅନ୍ୟ ଏକ କାର ଭାସି ଯାଇଥିଲା। ଗାଡିରେ ଥିବା ଫକୀରପୁର ଗ୍ରାମର ପ୍ରଦୀପ ମହାନ୍ତି ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ପୁଅ ସଦାଶିବ ମହାନ୍ତି ନିଖୋଜ ଥିବା ସୂଚନା ମିଳିଛି। ଗତ ମଙ୍ଗଳବାର ରାତି ପ୍ରାୟ ୩ଟା ସମୟରେ ହଠାତ୍ ବନ୍ଧ ଭାଙ୍ଗି ଏହି ଘାଇ ସୃଷ୍ଟି ହେବାରୁ ବନ୍ଧ ନିଟରେ ରହୁଥିବା ତଳ ମୁଖୀସାହି, ଉପର ମୁଖୀସାହି ଓ ୫ନମ୍ବର ୱାର୍ଡର କେତେକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଗୁହାଳରେ ଥିବା ଅନେକ ଗୃହପାଳିତ ପଶୁଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ବନ୍ୟାଜଳରୁ ୩୭ ଜଣଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି। ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ନାରାୟଣ ପ୍ରଧାନ ଆନନ୍ଦପୁରଠାରେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଆନନ୍ଦପୁର ପୌରପାଳିକା ପକ୍ଷରୁ ୪୦ ପରିବାରକୁ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ବନ୍ୟାପାଣି ପଶିଯିବାରୁ ୧୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି। ଏପଟେ ଫାପୁଡ଼ିଆ ନାଳରେ ପ୍ରବଳ ପାଣି ପଶିଆସିବାରୁ ଆନନ୍ଦପୁରରେ ୫୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି। ଆନନ୍ଦପୁର ପୌରାଞ୍ଚଳ ୧୩ନମ୍ବର ୱାର୍ଡ ଖପରାଖାଇ ସାଉଁତିସାହିରେ ବନ୍ୟାଜଳ ପ୍ରବେଶ କରିବାରୁ ଅନେକ ପରିବାରର ଘର କାନ୍ଥ ପଡ଼ିଯାଇଛି। ଅନେକ ଘରର ଆସବାବପତ୍ର ନଦୀରେ ଭାସିଯାଇଛି। ସେହିପରି ସୁଡୁମୁଡ଼ିଆ ଦେହୁରୀସାହି ଓ ଆନନ୍ଦପୁର ବ୍ଲକର ଖଡ଼ିବିଲ (ବାଲିପଶି) ନିକଟରେ ପୋଲ ଭାଙ୍ଗିଯାଇଛି। ଘସିପୁରା ବ୍ଲକ୍‌କୁ ଯୋଗଯୋଗ ବିଚ୍ଛିନ୍ନ ହୋଇଛି। ସରେଇଁ, ଭଗାନଇ, ମଦନପୁର ଗ୍ରାମକୁ ଯାଉଥିବା ଲୋକେ ହସନପୁର ଓ ବଳରାମପୁର ଦେଇ ଯାଉଛନ୍ତି। ଆନନ୍ଦପୁର ବ୍ଲକ୍ ଟୁକୁଣାର କୁଣ୍ଡେଶ୍ୱର ମନ୍ଦିରରେ ବନ୍ୟାପାଣି ପଶିଛି। ପଞ୍ଚୁପଲ୍ଲୀ ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ବନ୍ୟାଜଳ ପଶିବା ଯୋଗୁଁ ପରିବା ଓ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ପଞ୍ଚୁପଲ୍ଲୀ ପଞ୍ଚାୟତ ବେଉସାହିରେ ପାଣି ପଶିଯାଇଥିବାରୁ ୨୦ ପରିବାର ପାଣି ଘେରରେ ରହିଛନ୍ତି।

## ବାସୁଦେବପୁରର ବିଭିନ୍ନ ଅଞ୍ଚଳ ଜଳମଗ୍ନ

ବାସୁଦେବପୁର,୨୯।୭(ସମିସ): ଲଗାଣ ବର୍ଷା ଯୋଗୁଁ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଓ ପୌରପାଳିକାର କେତୋଟି ୱାର୍ଡ ଜଳମଗ୍ନ ହୋଇପଡ଼ିଛି। ଦୁଇ ଦୁଇ ଥର ବନ୍ୟା ଲୋକମାନଙ୍କର ଚାଷ ଜମିର ତଳି ଓ ବୁଣା ଧାନକୁ ନଷ୍ଟ କରିଦେଇଛି। ଉପର ମୁଣ୍ଡର ବର୍ଷା ପାଣି ତଳକୁ ଗଡୁଛି। ସୁସୁ ହୋଇ ମାଡ଼ି ଆସୁଛି ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ, ଦୀକ୍ଷିତବିନ୍ଧା ଗ୍ରାମରେ ବନ୍ୟା ଜଳ। କିଛି ଲୋକଙ୍କ ଘରେ ପାଣି ପଶିଛି। ଯେଉଁ ପରିମାଣରେ ବନ୍ୟା ପାଣି ପଶୁଛି ବୁଧବାର ରାତି ସୁଦ୍ଧା ଅନେକ ଘର ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ସୁଦର୍ଶନପୁର ପଞ୍ଚାୟତର ସୁଦର୍ଶନପୁର (ଅଫୁଲା ଓ ମିରିଗା), ସୁଆଁ ଓ ଜଗନ୍ନାଥୀର ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ନରସିଂହପୁର ପଞ୍ଚାୟତର ବଡ଼ଚନ୍ଦ୍ରଭାନୁପୁର ଓ କାଳିଦାସପୁର ଗ୍ରାମ ଜଳମଗ୍ନ ହୋଇ ପଡ଼ିଛି। ବଡ଼ଚନ୍ଦ୍ରଭାନୁପୁର ଗାଁ ଦାଣ୍ଡରେ ୩ ଫୁଟ୍ ଉଚ୍ଚରେ ବନ୍ୟା ପାଣି ଜମିରହିଛି। ଚୂଡ଼ାମଣୀ ପଞ୍ଚାୟତର ତଳସାହି ଓ ଅଡୁଆଁ ପଞ୍ଚାୟତର ନନ୍ଦପୁର ଗ୍ରାମର ଚାଷ ଜମିରେ ବନ୍ୟା ପାଣି ପ୍ରବାହିତ ହେଉଛି। ପୌରପାଳିକାର ବିଭିନ୍ନ ୱାର୍ଡରେ ହଜାର ହଜାର ଏକର ଚାଷ ଜମିରେ ବର୍ଷା ଜଳ ଜମି ରହିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପର ମୁଣ୍ଡରୁ ବର୍ଷା ପାଣି ଖସୁଥିବାବେଳେ ତଳ ମୁଣ୍ଡର ବନ୍ୟା ସୃଷ୍ଟି ହୋଇଛି। ଚାଷ ଜମିରେ ୮/୧୦ ଫୁଟ୍ ଉଚ୍ଚତାର ପାଣି ଲହଡ଼ି ଭାଙ୍ଗୁଛି। ବରଣ୍ଡୁଆ ଓ ସୁଦର୍ଶନପୁର ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କିଛି ଘର ଜଳବନ୍ଦୀ ମଧ୍ୟରେ ରହିଛି। ଭୈରବପୁର ପୋଲ ନିକଟରେ ଗୋଟିଏ ପରିବାର ୪ ଦିନ ଧରି ଜଳ ବନ୍ଦୀରେ ଫସି ରହିଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରି ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରିଛନ୍ତି।

### ବର୍ଷାଜଳ ନିଷ୍କାସନ ବେଳେ ଲାଗିଲା ବିଦ୍ୟୁତ୍ କରେଣ୍ଟ

## ଅଗ୍ନିଶମ ଯବାନଙ୍କ ମୃତ୍ୟୁ



**ମୁଖ୍ୟମନ୍ତ୍ରୀଙ୍କ ଶୋକ**

କେନ୍ଦୁଝର, ୨୯।୭(ସମିସ): ଲୋକଙ୍କ ଘର ଏବଂ ସେମାନଙ୍କ ଅଗଣାରେ ଜମି ରହିଥିବା ଜଳ ନିଷ୍କାସନ ବେଳେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ ଆଘାତରେ ଜଣେ ଅଗ୍ନିଶମ ବାହିନୀ ଯବାନଙ୍କର ଦୁଃଖଦ ମୃତ୍ୟୁ ହୋଇଛି। ଉକ୍ତ ଯବାନ ହେଉଛନ୍ତି ଚନ୍ଦନ ପଟ୍ଟନାୟକ। ତାଙ୍କ ମୂଳ ଘର ଅନୁଗୋଳ ଜିଲ୍ଲାରେ ବୋଲି ଜଣାପଡ଼ିଥିଲା ବେଳେ କେନ୍ଦୁଝର ଟାଉନ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ କରାଇଛି। ଘଟଣାଟି ସାରା କେନ୍ଦୁଝରରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତଦେହକୁ ତାଙ୍କ ପୈତୃକ ବାସଗୃହକୁ ପଠାଇବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ, ସମ୍ପୃକ୍ତ ଘର ମାଲିକ ବିଦ୍ୟୁତ ବିଭାଗର ବିନାନୁମତିରେ ନିଜ ଘରୁ ଖୋଲାମେଲା ତାରରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ବିଦ୍ୟୁତ ସଂଯୋଗ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଟାଟା ପାୱାର କମ୍ପାନୀ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।

ସୂଚନା ଅନୁସାରେ, ଦୁଇ ଦିନ ଧରି ଲଗାଣ ବର୍ଷାରେ କେନ୍ଦୁଝର ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ରାସ୍ତାଘାଟ ଘରଦ୍ୱାର ସବୁଆଡେ ପାଣି ଭରି ଯାଇଥିଲା। ମଙ୍ଗଳବାରଠାରୁ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ କରିବା ପାଇଁ କେନ୍ଦୁଝରଗଡ ପୌରପାଳିକା ଓ ଅଗ୍ନିଶମବାହିନୀର ୧୦ଟି ଟିମ୍ ଦିନରାତ୍ରି କାମରେ ଲାଗିଥିଲେ। ବୁଧବାର ସକାଳେ ପାଳି ଥିଲା ଟାଉନ ଥାନା ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ପୁଲିସ କ୍ଲବ୍ ଏବଂ ପାଖରେ ଥିବା ବିଭିନ୍ନ ଘର। ଦୁଇଟି ଟିମ୍ ମଧ୍ୟରୁ ଗୋଟିଏ ଟିମ୍ ପୁଲିସ କ୍ଲବରେ ଜଳ ନିଷ୍କାସନ କରୁଥିବା ବେଳେ ଅନ୍ୟ ଟିମଟି ନିକଟସ୍ଥ ବିଜୟ ଦାଶଙ୍କ ଘର ଓ ଅଗଣାରୁ ପାଣି ନିଷ୍କାସନ କରୁଥିଲେ। ସେହି ଟିମରେ ସାମିଲ୍ ଥିଲେ ଚନ୍ଦନ। ଆଣ୍ଠୁଏ ପାଣିରେ ପଶି ଘର ଭିତରେ ପାଇପ୍ ପକାଇବା ସହ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରିଥିଲେ। ଲୁଗା ଶୁଖାଇବା ପାଇଁ ଏକ ଜିଆଇ ତାର ଘର ଅଗଣାରୁ ଅନ୍ୟ ଅଗଣାକୁ ବନ୍ଧା ହୋଇଥିଲା। ଉକ୍ତ ତାରରେ ଓଦା ଲୁଗା ମଧ୍ୟ ଶୁଖା ଯାଇଥିଲା। କୌଣସି କାରଣରୁ ସେହି ତାରଟିରେ ବିଜୁଳି କରେଣ୍ଟ ସଂଯୋଗ ହୋଇଯାଇଥିଲା। ସେହି ସମୟରେ ପାଣି ଭିତରେ ଥାଇ ଉକ୍ତ ଜିଆଇ ତାର ଉପରେ ଚନ୍ଦନଙ୍କ ହାତ ବାଜିଯାଇଥିଲା। ଫଳରେ ଶକ୍ତ କରେଣ୍ଟ ଖାଇ ସେ ତଳେ ପଡ଼ି ଯାଇଥିଲେ। ସହକର୍ମୀ ଅଗ୍ନିଶମ ଯବାନମାନେ ସଙ୍ଗେ ସଙ୍ଗେ ନିକଟରେ ଥିବା ଏକ ପ୍ଲାଷ୍ଟିକ ପାଇପ୍ ଯୋଗେ ଜିଆଇ ତାରଟିକୁ ଟାଣି ଛିଣ୍ଡାଇ ଯବାନ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅଳ୍ପମାସ ହେବ କେନ୍ଦୁଝର ଅଗ୍ନିଶମ କାର୍ଯ୍ୟାଳୟରେ ନିୟୋଜିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏଥିରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ନାଳର ପ୍ରଖର ସ୍ରୋତରେ ଭାସିଯାଇ ମହିଳା ସହ ଶିଶୁ ମୃତ



ତେଲକୋଇ, ୨୯।୭(ସମିସ): ବନ୍ୟା ଜଳରେ ଭାସିଯାଇ ଦୁଇ ଜଣଙ୍କ ପ୍ରାଣହାନି ଘଟିଛି। ଦୁଇ ମୃତକ ମଧ୍ୟରୁ ଜଣେ ମହିଳା ହୋଇଥିବା ବେଳେ ଅନ୍ୟ ଜଣେ ଶିଶୁ। ମୃତ ମହିଳା ହେଲେ କନ୍ତଲେଇ ଡାଡିଆ ସାହିର ଆଖରି ଦେହୁରୀ(୫୮)। ମୃତକ ଶିଶୁକନ୍ୟା ହେଲା କାଳିଆହତା ଗ୍ରାମ ଘାସିଡ଼ାହି ସାହିର ସିତୁମ୍ ମୁଣ୍ଡାଙ୍କ ବର୍ଷକର ଝିଅ ଏଲିନା ମୁଣ୍ଡା। ପୃଥକ ସ୍ଥାନରେ ବନ୍ୟାଜଳରେ ଭାସିଯାଇ ସେମାନଙ୍କ ମୃତ୍ୟୁ ହୋଇଛି। କନ୍ତଲେଇ ଦାଡିଆ ସାହିର ଅଖାରୀ ଦେହୁରୀ ୨୮ ତାରିଖ ଦିନ ସ୍ୱାମୀ ରଙ୍ଗାଧର ଦେହୁରୀଙ୍କ ସହିତ ଗାଇ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରିବା ବେଳେ ଦାଡିଆ ସାହିକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରୁ ଅଖାରି ବନ୍ୟା ଜଳରେ ଭାସି ଯାଇଥିଲେ। ସନ୍ଧ୍ୟା ସମୟରେ ଗ୍ରାମବାସୀ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇ ନଥିଲେ। ବୁଧବାର ସକାଳେ ଅଗ୍ନିଶମ ବିଭାଗ ଖୋଜାଖୋଜି ପରେ କିଛି ଦୂରରେ ଥିବା ଏକ ତାଳ ଗଛ ବୁଦାରେ ମୃତଦେହ ଠାବ କରିଥିଲେ। ସେହିପରି କାଳିଆହତା ଗ୍ରାମବାସୀ ଡାହିସାହିର ଶିଶୁ ଏଲିନା ମୁଣ୍ଡା ବୁଧବାର ପିଲାଙ୍କ ସହିତ ଘର ପାଖ ନାଳକୁ ଯାଇଥିବା ବେଳେ ସେଠାରେ ଭାସି ଯାଇଥିଲା। ଅଗ୍ନିଶମ ବାହିନୀ ଦୀର୍ଘ ୧ କିମି ତଳେ ଶିଶୁର ମୃତଦେହ ଠାବ କରିଥିଲେ। ଉଭୟ ମୃତଦେହକୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଯାଇଛି। ଘଟଣାକୁ ନେଇ ତେଲକୋଇ ଥାନା ପକ୍ଷରୁ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ବୁଢ଼ାବଳଙ୍ଗ ନଦୀରେ ବନ୍ୟା: ୬୪ ଗାଁ ଜଳବନ୍ଦୀ



ବାଲେଶ୍ୱର,୨୯।୭(ସମିସ): ଲଘୁଚାପଜନିତ ବର୍ଷା ପରେ ଏବେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଦେଖାଦେଇଛି। ଚଳିତ ବର୍ଷରେ ଏହି ନଦୀରେ ପ୍ରଥମ ବନ୍ୟା ଆସିଛି। ଏଥିରେ ସଦର ବ୍ଲକର ୧୨ଟି ପଞ୍ଚାୟତର ୬୪ଟି ଗାଁ ଏବେ ଜଳବନ୍ଦୀ। ବହୁ ଗାଁ ଏବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ସେମାନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଁଚିପାରି ନାହିଁ। ବାଲେଶ୍ୱର ସହରକୁ ଆସିବା ପାଇଁ ଦହପଡା ଠାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଥିବା ବେଳେ ବାଲିଘାଟ ପୋଲ ନିକଟସ୍ଥ ଘୋଡାପଦା ସିନ୍ଧିଆ ଠାରୁ ସମସ୍ତ ତଳି ଅଞ୍ଚଳକୁ ଏବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ହଜାର ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି।

ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ସଦର ବ୍ଲକର ୧୨ଟି ପଂଚାୟତ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ବୋଟ ଯୋଗେ ଲୋକମାନଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳିରେ ରଖାଯାଉଛି। ବିଶେଷ କରି ଆଜି ଅପରାହ୍ନ ୨ଟା ସୁଦ୍ଧା ବୁଢ଼ାବଳଙ୍ଗ ନଦୀର ଜଳସ୍ତର ୮.୬୬ମିଟରରେ ସ୍ଥିର ରହିଛି। ଆଜି ପୂର୍ଣ୍ଣମୀ ଥିବାରୁ ସମୁଦ୍ର ପାଣି ଟାଣୁ ନଥିବା ବେଳେ ତାହା ଗାଁଗୁଡିକୁ ମାଡି ଯାଇଛି। ବୁଢ଼ାବଳଙ୍ଗ ନଦୀ କୂଳିଆ ଅଂଚଳ ଗୁଡିକରେ ବସବାସ କରୁଥିବା ଲୋକମାନେ ଜଳବନ୍ଦୀରେ ରହି ଯାଇଛନ୍ତି। ବିଶେଷକରି ଫୁଲାଡି ନିକଟସ୍ଥ ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ୧୧ଟି ପରିବାର ଏବେ ପାଣିଘେରରେ ରହିଛନ୍ତି। ସଦର ବ୍ଲକର ବଇଁଚା, ବୁଆଁଳ, ଚାନ୍ଦିପୁର, ଗୋପୀନାଥପୁର, କୁରାଡ଼ିଆ, ନଗ୍ରମ, ଓଲନ୍ଦା ସାରଗାଁ, ଓଡ଼ଙ୍ଗୀ, ପରୀକ୍ଷୀ, ପାତ୍ରପଡା, ସିନ୍ଧିଆ ଓ ଶ୍ରୀକୋଣା ପଂଚାୟତର ସହ ବିଭିନ୍ନ ପଂଚାୟତ ସମେତ ତୋଟାପାଳ, ପାଖରାବାଡ, ରଘୁନାଥପୁର, ବଳରାମଗଡି, ମୀର୍ଜାପୁର,ଚାନ୍ଦିପୁର, ନଳକୂଳୀ, ମାଣିକୁଲା, କାଠପାଳ, ପରମାନନ୍ଦପୁର, ଫୁଲଓ୍ୱରକସବା, କଂଟାବଣିଆ ଆଦି ୬୪ଟି ଗାଁ ପାଣିଘେରରେ ରହିଛି। ବଇଁଚା ପଂଚାୟତର ମୁଖ୍ୟ ରାସ୍ତାରେ ୫ଫୁଟରୁ ଅଧିକ ଉଚ୍ଚତାର ପାଣି ଚାଲୁଥିବା ବେଳେ ସୁଅ ପ୍ରଖର ରହିଛି। ପାଖାପାଖି ଅଞ୍ଚଳର ଲୋକେ ଖାଦ୍ୟ ଆଣିବା ପାଇଁ ବାହାରକୁ ଯିବା ଆସିବା କରିପାରୁ ନାହାନ୍ତି। ସେଠାକାର ସ୍ଥାନୀୟ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଗୃହ ପାଳିତ ପାଶୁମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଛି। ସଦର ବିଡ଼ିଓ ଉତ୍ତମ କୁମାର ଜେନା କହିଛନ୍ତି ଯେ, ବୁଢ଼ାବଳଙ୍ଗ ନଦୀରେ ଭୟଙ୍କର ବନ୍ୟା ଆସିବା ଫଳରେ ବହୁ ଗାଁ ଏବେ ଜଳବନ୍ଦୀରେ ରହିଛନ୍ତି। ଗତକାଲି ଠାରୁ ଆଜି ପର୍ଯ୍ୟନ୍ତ ୭ହଜାରରୁ ଅଧିକ ଲୋକ ଜଳବନ୍ଦୀରେ ରହିଛନ୍ତି। ସେଥିମଧ୍ୟରୁ ପୁରୁଷ ହେଉଛନ୍ତି ୩୫୪୦,ମହିଳା ହେଉଛନ୍ତି ୩୧୫୮ ଏବଂ ଛୋଟ ପିଲା ହେଉଛନ୍ତି ୮୦୨। ସେଥିମଧ୍ୟରୁ ଏବେ ସୁଦ୍ଧା ୭୯୦ଜଣ ପୁରୁଷ,୬୨୦ଜଣ ମହିଳା ଏବଂ ୧୨୦ଜଣ ଛୋଟ ପିଲାମାନଙ୍କୁ ଉଦ୍ଧାର କରାଯାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାବ୍ୟତିତ ଉଦ୍ଧାର ହୋଇଥିବା ଲୋକଙ୍କୁ ୧୭ଟି ସେଣ୍ଟରରେ ରଖା ଯାଇ ସେମାନଙ୍କୁ ରନ୍ଧାଖାଦ୍ୟ ମଧ୍ୟ ପ୍ରଦାନ କରାଯାଉଛି। ଏହାଛଡା ୧୨ଟି ମାଟି ଘର ଭାଙ୍ଗିଯାଇଥିବା ସେ କହିଛନ୍ତି।

## ବନ୍ୟା ପାଣିରେ ବୁଡ଼ିଲା ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ସଡ଼କ

ବେତାଳିଗାଁ,୨୯।୭(ସମିସ): ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଭଦ୍ରକରୁ ଆଖଣ୍ଡଳମଣିକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କର ମଙ୍ଗଳପୁର, ଉଚପଦା, ଅସୁରାଳି, କୋଠାର, ସୂର୍ଯ୍ୟପୁର, ପାୟାସାହି ଏବଂ ପନ୍ଦରବାଟିଆ ସମେତ ବିଭିନ୍ନ ସ୍ଥାନରେ ବନ୍ୟା ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ହଜାର ହଜାର ଲୋକ ଯାତାୟାତରେ ଚରମ ଦୁର୍ଦ୍ଦଶା ଭୋଗୁଥିବାବେଳେ ଜରୁରୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବନ୍ୟା ପରିସ୍ଥିତି ଯୋଗୁଁ ସାଧାରଣ ଲୋକଙ୍କ ସହ ଗାଇଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କ ସୁରକ୍ଷା ନେଇ ମଧ୍ୟ ଚିନ୍ତା ବଢ଼ିଛି। ଅନେକ ସ୍ଥାନରେ ପଶୁଖାଦ୍ୟର ଅଭାବ ଦେଖାଦେଇଥିବା ବେଳେ ବନ୍ୟା ପାଣି ଚାଷଜମିରେ ପ୍ରବେଶ କରି ବ୍ୟାପକ ଫସଲ କ୍ଷତି ଘଟାଇଛି। ଏଥିରେ ଚାଷୀମାନେ ଆର୍ଥିକ କ୍ଷତିକୁ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ସଡ଼କରେ ସମାନ ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାୟୀ ପଦକ୍ଷେପର ଅଭାବରୁ ବର୍ଷକୁ ବର୍ଷ ଲୋକେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟବାସିନ୍ଦାମାନେ ରାସ୍ତାର ଉଚ୍ଚତା ବୃଦ୍ଧି, ଆବଶ୍ୟକ ସ୍ଥାନରେ ଅଧିକ କଲଭର୍ଟ କିମ୍ବା ସେତୁ ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଦୀର୍ଘମିଆଦି ବନ୍ୟା ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

## +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା

ଭୁବନେଶ୍ୱର, ୨୯।୭(ସମିସ): +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା ଆଜି ପ୍ରକାଶ ପାଇଛି। ଏହି ରାଉଣ୍ଡରେ ୫୩,୬୫୬ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୧,୮୭୯ ଜଣ ଛାତ୍ର, ୩୧,୭୭୩ ଜଣ ଛାତ୍ରୀ ମହିଳା ଓ ୪ ଜଣ ତୃତୀୟ-ଲିଙ୍ଗୀ ରହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର କଟ୍‌ଅଫ୍ ମାର୍କ ସର୍ବାଧିକ ରହିଛି। କଳାରେ ଇଂରାଜୀ ବିଷୟ ପାଇଁ ୯୪.୮୦% ରହିଥିବା ବେଳେ ବିଜ୍ଞାନରେ ପଦାର୍ଥ ବିଜ୍ଞାନ ପାଇଁ ୯୫.୬୭% ମାର୍କ ରହିଛି। ସେହିପରି ଜୀବ ବିଜ୍ଞାନରେ ୯୩.୫୦%, ବାଣିଜ୍ୟରେ ୯୧.୮୩%, ଶାସ୍ତ୍ରୀରେ ୫୮.୨୯%, ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସର ୯୨% କଟଅଫ୍ ରହିଛି। ଆଇନ ପାଠ୍ୟକ୍ରମରେ ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ପାଇଁ ୮୬.୫୦% କଟଅଫ୍ ଯାଇଛି। ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ଅଗଷ୍ଟ ୧ ତାରିଖ ସୁଦ୍ଧା ନାମଲେଖା ସାରିବେ। ଚଳିତ ବର୍ଷ ସ୍ନାତକରେ ନାମଲେଖା ପାଇଁ ମୋଟ ୨,୮୭,୫୧୯ଟି ସିଟ୍ ରହିଛି। ପ୍ରଥମ ରାଉଣ୍ଡରେ ୮୮,୪୮୦ ଏବଂ ଦ୍ୱିତୀୟ ରାଉଣ୍ଡରେ ୩୦,୧୫୦ ଛାତ୍ରଛାତ୍ରୀ ନାମଲେଖାଇଛନ୍ତି।

### ବୈତରଣୀ ଓ କାଣୀ ବନ୍ୟାରେ ଉବୁଟୁବୁ ଦଶରଥପୁର

# ଡୋଭାବିଲ ପଟଣାସାହିରେ ୩ ଶହ ଫୁଟର ଘାଇ



ଯାଜପୁର/ଦଶରଥପୁର/କୟାଁଗୋଲା, ୨୯।୭ (ସମିସ): ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ବଡ଼ ବନ୍ୟା ଆସିବା ଯୋଗୁ ଅଧା ଦଶରଥପୁର ବ୍ଲକର ହଜାର ହଜାର ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ତରପଦା ପଞ୍ଚାୟତ ଡୋଭାବିଲ ଗ୍ରାମ ପଟଣାସାହି ନିକଟରେ କାଣୀ ନଦୀର ଡାହାଣ ପାଶ୍ୱର୍ ବନ୍ଧରେ ପାଖାପାଖି ୩ ଶହ ଫୁଟ ଆକାରର ଘାଇ ସୃଷ୍ଟି ହୋଇଛି। ଘାଇ ଯୋଗୁ ଦଶରଥପୁର ବ୍ଲକର ତରପଦା, ଛଞ୍ଚିଣା, ମଲ୍ଲିକାପୁର, କସପା, ଦଶରଥପୁର, ଦୁଦୁରାଅନ୍ତା, କନିକାପଡା, ଶୁଶୁଆ, ନିଜାମପୁର, ଖାନନଗର, କମାରଢିହି, କୟାଁ, ବିରିପଟା, ଜାଫରପୁର, ପାଲଟପୁର, ମଙ୍ଗଳପୁର ଆଦି ପଞ୍ଚାୟତର ୪୦ହଜାରରୁ ଅଧିକ ଲୋକ ପ୍ରଭାବିତ ହେବାର ଆଶଙ୍କା ବୃଦ୍ଧିପାଇଛି। ସେହିପରି ବୈତରଣୀ ନଦୀରେ ବଡ଼ ବନ୍ୟା ଯୋଗୁ ବ୍ଲକର କଟିକଟା, ଜୟନ୍ତରା, ଦଉପୁର, ଖାନନଗର, ନିଜାମପୁର, କମାରଢିହି ଓ କୟାଁ ପଞ୍ଚାୟତରେ ସ୍ଥିତି ସଂଗୀନ ହୋଇପଡିଛି। କଟିକଟା ମାଝୀ ସାହି ଓ ତରାଇ ସାହି ନିକଟ ବୈତରଣୀ ନଦୀ ବନ୍ଧ ଉପରେ ୫ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେବା ସହିତ ଉଭୟ ସାହିରେ ବନ୍ୟା ଜଳ ପ୍ରବେଶ କରିବାରୁ ଏନ୍‌ଡିଆରଏଫ୍ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରିଛନ୍ତି। ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହି ଘେରିବନ୍ଧ ଅତିକ୍ରମ କରି ସୋମବାର ରାତିରୁ ବନ୍ୟା ଜଳ ଜନବସତିରେ ପ୍ରବେଶ କରିବାରୁ ଜୟନ୍ତରା ଗ୍ରାମର ମହାପାତ୍ର ସାହି ଓ ବ୍ରାହ୍ମଣ ସାହିରେ ମଙ୍ଗଳବାର ସକାଳୁ ପ୍ରଶାସନ ପକ୍ଷରୁ ଏନ୍‌ଡିଆରଏଫ ଟିମ୍ ଉଭୟ ସାହିରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରିଥିବା ପରିଲକ୍ଷିତ ହୋଇଛି। ସେହିପରି କାଣୀ ନଦୀର ଜଙ୍ଗଲିସାହି, ବ୍ରହ୍ମଚାରୀପାଟଣା, ପଛପଡା ସମେତ ମଲ୍ଲିକାପୁର, ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡାକୁ ସଂଯୋଗ କରୁଥିବା ନଦୀ ବନ୍ଧ ବନ୍ୟା ପାଣିରେ ଉବୁଟୁବୁ ହେଉଥିବା ଦେଖିବାକୁ ମିଳିଛି। ବ୍ଲକ ବନ୍ୟା ନିୟନ୍ତ୍ରଣ ବିଭାଗ ଦାୟିତ୍ୱରେ ଥିବା ଜରୁରୀକାଳୀନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ସୂଚନା ଅନୁଯାୟୀ ସୋମବାର ଅପରାହ୍ନ ସୁଦ୍ଧା ବ୍ଲକର କଟିକଟା, ଜୟନ୍ତରା, ଦଉପୁର, କସପା, କୟାଁ ଆଦି ପଞ୍ଚାୟତର ୧୦ଟି ଆଶ୍ରୟସ୍ଥଳରେ ୧୭୨୨ଜଣ ବନ୍ୟା ପ୍ରଭାବିତଙ୍କୁ ଉଦ୍ଧାର କରାଯାଇ ଥଇଥାନ କରାଯିବା ସହିତ ସେମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ମଧ୍ୟାହ୍ନରେ କାଣୀ ଜଙ୍ଗଲିସାହି ନିକଟ ନଦୀ ବନ୍ଧ ଉପରେ ହଠାତ ୮ ଫୁଟ ଆକାରର ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ଉକ୍ତ ଗର୍ତ୍ତକୁ ବାଲିବସ୍ତା ମାଧ୍ୟମରେ ମରାମତି କରାଯିବାରୁ ସେଠାରେ ଆଉ ଗୋଟିଏ ଘାଇ ସୃଷ୍ଟି ହେବାର ବିପଦ ଟଳିଥିଲା।

ସକାଳ
THE SAKALA



## ଯାଜପୁର, କୋରେଇ, ଦଶରଥପୁର ପ୍ରଭାବିତ

# କମୁଛି ବୈତରଣୀ, ବଢୁଛି ବ୍ରାହ୍ମଣୀ ଓ ଖରସ୍ରୋତା









- ପଟଣାସାହିରେ ୩୦୦ ଫୁଟର ଘାଇ
- ଯାଜପୁର-ଛତାବର ରାସ୍ତାରେ ୫ ଫୁଟର ପାଣି
- ଜୟନ୍ତରା ଘେରିବନ୍ଧ ଉପରେ ୮ ଫୁଟର ବନ୍ୟା ଜଳ
- କଟିଆ ବୈଷପାନ ରାସ୍ତା ବାହ୍ୟଜଗତରୁ ବିଚ୍ଛିନ୍ନ
- ବନ୍ୟା ମୁକାବିଲାରେ ଓଡ୍ରାଫ ବାହିନି ନିୟୋଜିତ
- ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ
- ଗୁରୁବାର ମଧ୍ୟ ଶିକ୍ଷାନୁଷ୍ଠାନ ଛୁଟି

ଯାଜପୁର,୨୯।୭ (ସମିସ):

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲାରେ ପ୍ରବାହିତ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷକରି ବୈତରଣୀ ନଦୀର ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହେବା ଫଳରେ ଏହାର ଶାଖା ନଦୀ ଗୁଡିକ ଯୋଗୁଁ ତଳିଆ ଅଞ୍ଚଳବାସୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ବୈତରଣୀ ଏବଂ ଏହାର ଶାଖା କାଣୀ ଏବଂ ବୁଢ଼ା ନଦୀରେ ବନ୍ୟା ଫଳରେ କୋରେଇ, ଯାଜପୁର ଏବଂ ଦଶରଥପୁର ବ୍ଲକର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଦଶରଥପୁର ବ୍ଲକର ସର୍ବାଧିକ ଅଞ୍ଚଳ ଜଳମଗ୍ନ ହେବା ସହିତ ଜୟନ୍ତରା ଘେରିବନ୍ଧ ଉପରେ ୮ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। ସେହିଭଳି ତରପଦା ଡୋଭାବିଲ ଗ୍ରାମ ପଟଣାସାହିରେ ୩ଶହ ଫୁଟର ଘାଇ ସୃଷ୍ଟି ହେବା ଫଳରେ ଶତାଧିକ ପରିବାର ଜଳବନ୍ଦୀ ଜୀବନ କାଟୁଛନ୍ତି। ଏହି ଅଞ୍ଚଳ ଗୁଡିକ ତଳିଆ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ବୈତରଣୀର ଜଳସ୍ତର ଉପର ମୁଣ୍ଡରେ ଖସୁଥିଲେ ମଧ୍ୟ ତଳିଆ ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇବାର ଭୟ ରହିଛି। ଏଥିପାଇଁ ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଓଡ୍ରାଫ ବାହିନୀ ଓ ଅଗ୍ନିଶମ ବାହିନୀ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲ୍ଲାର ବନ୍ୟା ନିୟନ୍ତ୍ରଣ ପାଇଁ ପୂର୍ବତନ ଯାଜପୁର ଜିଲ୍ଲାପାଳ ତଥା ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ ଜିଲ୍ଲାର ବିଭିନ୍ନ ବନ୍ୟା ଅଞ୍ଚଳ ପରିଦର୍ଶନ କରି ପରିସ୍ଥିତି ଉପରେ ନଜର ରଖିଛନ୍ତି। ବିଭିନ୍ନ ସ୍ଥାନରେ ବନ୍ୟା ବିପନ୍ନମାନଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ଜଣାପଡିଛି। ସେହିପରି ଜିଲ୍ଲାରେ ପ୍ରବାହିତ ଖରସ୍ରୋତା ଏବଂ ବ୍ରାହ୍ମଣୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଅନ୍ୟବ୍ଲକ ଯଥା ବରୀ, ଧର୍ମଶାଳା ବ୍ଲକ ଅଞ୍ଚଳର ଲୋକେ ଭୟଭୀତ ହୋଇପଡିଛନ୍ତି।

**ଦଶରଥପୁର:** ବନ୍ୟା ପାଣି ନଦୀବନ୍ଧ ଅତିକ୍ରମ କରି ତଳିଆ ଅଞ୍ଚଳରେ ପ୍ରବେଶ କରୁଥିବା ବେଳେ ବନ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ଦଶରଥପୁର ବ୍ଲକ ପାଇଁ ଦାୟିତ୍ୱରେ ଥିବା ରାଜ୍ୟ ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ ପଟଣା, ଜଙ୍ଗଲିସାହି, କଟିକଟା, ଜୟନ୍ତରା, ବ୍ରହ୍ମଚାରିପାଟଣା, ବଳରାମପୁର, କୟାଁ ଆଦି ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ହରେକୃଷ୍ଣ ବେହେରା, ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ ତ୍ରିପାଠୀ, ବିଡିଓ ଆକାଶ ପଟ୍ଟନାୟକ, ତହସିଲଦାର ଶୁଭ୍ରାଂଶୁ ସାହୁ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ଓ ବନ୍ୟା ପାଇଁ ସ୍ୱେଶାଲ ଡ୍ୟୁଟିରେ ଯୋଗଦେଇଥିବା ଜଳ ସମ୍ପଦର ଅତିରିକ୍ତ ସର୍ବୋଚ୍ଚଯନ୍ତ୍ରୀ ଦିଲ୍ଲୀପ ନନ୍ଦନ ମହାପାତ୍ର, କାମଦେବ ଦାସ, ଶରତ ଚନ୍ଦ୍ର ଘଡ଼ାଇଙ୍କ ଗହଣରେ ସ୍ଥିତି ସମୀକ୍ଷା କରିଥିଲେ। ସେଠାରୁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଅନୁଷ୍ଠିତ ସମୀକ୍ଷା ବୈଠକରେ ଏନଡିଆରଏଫ୍ ଟିମ ଦ୍ୱାରା ଉଦ୍ଧାର ହୋଇ ଥଇଥାନ ହୋଇଥିବା କଟିକଟା ଓ ଜୟନ୍ତରା ପଞ୍ଚାୟତର ପ୍ରଭାବିତ ଲୋକଙ୍କୁ ସବୁପ୍ରକାରର ସହାୟତା ଯୋଗାଣକୁ ନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ ତ୍ରିପାଠୀ ଓ ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆଜି ବୈତରଣୀ ଓ କାଣୀ ନଦୀର ଏକାଧିକ ଦୁର୍ବଳ ସ୍ଥାନକୁ ଶହ ଶହ ବାଲି ବସ୍ତା ମାଧ୍ୟମରେ ସୁରକ୍ଷିତ ରଖିବାକୁ ଜୋରଦାର ଉଦ୍ୟମ ଜାରି ରହିଥିଲେ ମଧ୍ୟ ବନ୍ୟା ପାଣି କାଣୀ ନଦୀ ପଛପଡା ସେତୁର ତଳଭାଗ ଛାତରେ ମାଡ଼ ଖାଇ ଉପର ମୁଣ୍ଡରେ ଉଛୁଳିବା ସହିତ ନଦୀ ବନ୍ଧରେ କେବଳ ପାଣି ଆଉ ପାଣି ଦେଖି ନଦୀ ବନ୍ଧକୁଳିଆ ଆତଙ୍କିତ ହୋଇ ପଡ଼ିଥିଲେ।

# ବାହ୍ୟଜଗତରୁ ବିଚ୍ଛିନ୍ନ ଏକାଧିକ ଗ୍ରାମ

**ପାଣିକୋଇଲି:** ବୈତରଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଛି। କୋରେଇ ବ୍ଲର ଅସନଝର, ରଣପୁର, ମକୁନ୍ଦପୁର, ବନ୍ଧାଳୋ, ଅମୃତିଆ, ମୂଳାପାଳ, ପଥରପଦା, ପାଣିକୋଇଲି ଆଦି ପଞ୍ଚାୟତ ବନ୍ୟା ଜଳରେ ପ୍ରଭାବିତ ହୋଇଛି। ଅନେକସ୍ଥାନରେ ଘରେ ପାଣିପସିବା ସହ ଗାଁ ଦାଣ୍ଡ ବୁଡି ରହିଛି। ମୁଖ୍ୟ ରାସ୍ତା ବୁଡିଥିବା ଦେଖାଦେଇଛି। ନମିଟିକରି, ଚୂମାପଶି, ନୁରୁଙ୍ଗା, କଣ୍ଟିଗଡିଆ ଗ୍ରାମରେ ପାଣି ପସିଛି। ମନ୍ଦିର, ଶ୍ମଶାନ, ଗ୍ରାମଦେବତୀ ମନ୍ଦିର ପାଣିରେ ବୁଡିଯାଇଛି। ନଦୀବନ୍ଧରେ ଅନେକ ସ୍ଥାନ ଧସିଯାଇଚି। ବାଲିବସ୍ତା ପକାଇ ରୋକିବାକୁ ଚେଷ୍ଟା ଜାରିରହିଛି। କୋରେଇ ବିଧାୟକ ଆକାଶ ଦାସ ନାୟକ ପ୍ରଶାସନିକ ଅଧିକାରୀ ବିଡିଓ, ତହସିଲଦାର ଓ ପୁଲିସଙ୍କ ସହ ବିଚ୍ଛିନାଞ୍ଚଳ ପରିଦର୍ଶନ କରି କିଭଳି ବନ୍ୟା ମୁକାବିଲା କରାଯାଇ ପାରିବ ଓ ପାଣିଘେରରେ ଥିବା ଲୋକମାନଙ୍କୁ କିପରି ଶୁଖିଲା ଖାଦ୍ୟ ପହଞ୍ଚି ପାରିବ ସେ ନେଇ ପ୍ରଶାସନିକ ଅଧିକାରୀ ମାନଙ୍କ ସହ ଆଲୋଚନା କରିଛନ୍ତି। କେତେକ କଚ୍ଚା ଘର ଭାଙ୍ଗିଛି। ରାସ୍ତାରେ ପାଣି ଚାଲୁଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ପାଣିଘେରର ଲୋକ ଛାତ ଉପରେ ଆଶ୍ରୟ ନେଇଛନ୍ତି। ଅନେକ ବସ୍ତିର ଲୋକମାନଙ୍କୁ ଉଦ୍ଧାର କରାଯାଇ ଆଶ୍ରୟସ୍ଥଳକୁ ନିଆଯାଇଛି। ମଧ୍ୟାହ୍ନ ଠାରୁ ଧିରେ ଧିରେ ଜଳସ୍ତର କମିବାକୁ ଲାଗିଛି। ପାଣିଘେରରେ ଥିବା ଲୋକମାନଙ୍କୁ ପ୍ରଶାସନ ସମସକ୍ତ ସୁବିଧା ଯୋଗଇଦେବାକୁ ସାଧାରଣରେ ଦାବି ହୋଇଛି।

### କୟାଁ ପଞ୍ଚାୟତରେ ରନ୍ଧା ଖାଦ୍ୟ ବଣ୍ଟନ

**କୟାଁଗୋଲା:** ବୈତରଣୀ ନଦୀର ବନ୍ୟା ଜଳ ପ୍ରବେଶ କରିବା ଫଳରେ ଦଶରଥପୁର ବ୍ଲକର କୟାଁ ପଞ୍ଚାୟତ ଅଧୀନ ଧରମପୁର, ଇଛାପୁର, ଗହୀରପାଳ, ଗୁଣ୍ଡୁଣିପଡ଼ା, ଦରଭା, ଗରବନ୍ଧ ସମେତ ବିଭିନ୍ନ ଗ୍ରାମ ଜଳମଗ୍ନ ହୋଇପଡ଼ିଛି। ଅନେକ ସ୍ଥାନରେ ଘର, ରାସ୍ତା ଓ ଚାଷଜମିରେ ବନ୍ୟା ପାଣି ପ୍ରବେଶ କରିଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷକରି ଧରମପୁର ଗ୍ରାମର ୧୩ ଓ ୧୪ ନମ୍ବର ୱାର୍ଡ ସମ୍ପୂର୍ଣ୍ଣ ଜଳଘେରରେ ରହିଛି। କୟାଁଗୋଲା ସ୍କୁଲ, ମେଡିକାଲ ଓ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନ ଚାରିପାଖରେ ମଧ୍ୟ ବନ୍ୟା ପାଣି ଘେରି ରହିଛି। ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ଫ୍ରି୍ୟ' କିଚେନ ବ୍ୟବସ୍ଥା କରାଯାଇଛି। ସେଠାରେ ପ୍ରଭାବିତ ପରିବାରମାନଙ୍କୁ ନିୟମିତ ଭାବେ ଖାଦ୍ୟ ବଣ୍ଟନ କରାଯାଉଥିବା ବେଳେ ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଛି।

### ବ୍ରାହ୍ମଣୀ ନଦୀରେ ବଢୁଛି ବନ୍ୟାଜଳ

**ଧର୍ମଶାଳା/ଜେନାପୁର:** ଓଡିଶାର ଦ୍ୱିତୀୟ ବୃହତମ ନଦୀ ବ୍ରାହ୍ମଣୀ ନଦୀରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ସମଲ ବ୍ୟାରେଜର ୧୧ ଗୋଟି ଗେଟ ଖୋଲାଯାଇଥିବା ବେଳେ ଧର୍ମଶାଳା ବ୍ଲକ ଜେନାପୁର ଠାରେ ସନ୍ଧ୍ୟା ୭ଟା ସୁଦ୍ଧା ୬୬. ୬୦ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଜେନାପୁର ଠାରେ ବ୍ରାହ୍ମଣୀ ନଦୀର ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ଆଜି ରାତି ସୁଦ୍ଧା ବନ୍ୟାଜଳ ବିପଦ ସଙ୍କେତ ଅତିକ୍ରମ କରିଯିବ ବୋଲି ଜଳସେଚନ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ବ୍ରାହ୍ମଣୀରେ ବନ୍ୟା ଆସିବା ଫଳରେ ନଦୀ କୁଳିଆ ଲୋକମାନେ ଅତଙ୍କିତ ହୋଇପଡିଛନ୍ତି। ଏବେ ସମଲ ବ୍ୟାରେଜରେ ବନ୍ୟାଜଳ ହ୍ରାସ ପାଉଥିବାରୁ ୪ ଗୋଟି ଗେଟକୁ ବନ୍ଦ କରିଦିଆଯାଇଛି। ଫଳରେ ସମଲ ବ୍ୟରେଜରେ ଏବେ ୭ ଗୋଟି ଗେଟ ଦେଇ ବନ୍ୟାଜଳ ନଦୀରେ ପ୍ରବେଶ କରୁଛି। ପର୍ଯ୍ୟାୟ କ୍ରମେ ଅନ୍ୟ ଗେଟ ଗୁଡିକ ବନ୍ଦ କରାଯିବ। ଆଜି ରାତି ସୁଦ୍ଧା ଜେନାପୁର ଠାରେ ବ୍ରାହ୍ମଣୀ ନଦୀ ବି ବିପଦ ସଙ୍କେତ ଅତିକ୍ରମ କରି ପାରେ ବୋଲି ଆକଳନ କରାଯାଇଛି। ଏହାପରେ ଧିରେ ଧିରେ ବନ୍ୟାଜଳ ହ୍ରାସ ପାଇବ ବୋଲି ଜାରକା ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଆଜି ରେଙ୍ଗାଲି ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇ ୧୨୧.୩୫ ରହିଛି। ତେବେ ଆଗକୁ ବ୍ରାହ୍ମଣୀର ଗେଟ ଖୋଲା ହେବାର ସମ୍ଭାବନା ରହିଥିବା ଜଣାପଡିଛି। ତେବେ ସମଲ ବ୍ୟାରେଜ ବନ୍ଦ ହେବା ପରେ ଯଦି ରେଙ୍ଗାଲି ଡ୍ୟାମରେ ଗେଟ ଖୋଲାଯାଏ ତେବେ ସେଭଳି ବଡଧରଣର ବିପଦ ଦେଖାଦେବାର ଅଶଙ୍କା ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ନଦୀ ଜଳ ପୂର୍ଣ ରହିଥିବାରୁ ଧର୍ମଶାଳା ବ୍ଲକର ନଦୀକୂଳିଆ ଗାଁ ଭାବେ ଏଣ୍ଡଲବା, ରେଖିଦେଇପୁର, ରାଇଛନ୍ଦା, କବାଟବନ୍ଧ, ମର୍ଜିତାପୁର, ବୃନ୍ଦାଦେଇପୁର, ଜେନାପୁର ଆଦି ପଞ୍ଚାୟତର ଲୋକ ମାନେ ସାମାନ୍ୟ ଆଶଙ୍କାରେ ରହିଥିବା ଜଣାପଡିଛି। ବ୍ଲକର ଏରଶଣ୍ଡା, କୁସୁନପୁର, କୁସ୍ତିରା ଆଦି ଅନେକ ନଦୀ କୁଳିଆ ଗାଁ ତଥା ନଦୀ ସଲଗ୍ନ ଚାଷ ଜମିରେ ପନିପରିବା ଫସଲ ଜମିରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି।

### ବିଚ୍ଛିନ୍ନ ପଙ୍କପାଳ ବ୍ରାହ୍ମଣୀ ବ୍ରିଜ ରାସ୍ତା

**ଯଖପୁରା:** ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ନୀଳମଣି ଦେଇପୁରରୁ ବ୍ରାହ୍ମଣୀ ବ୍ରିଜକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ବ୍ରାହ୍ମଣୀ ନଦୀର ବନ୍ୟାଜଳରେ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ପ୍ରାୟ ୧୧ଟି ପଞ୍ଚାୟତର ହଜାର ହଜାର ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେବା ପରେ ସେମାନେ ବିକଳ୍ପ ରାସ୍ତାରେ ପ୍ରାୟ ୬ କିଲୋମିଟର ଅଧିକ ବାଟ ବୁଲି ଯିବାକୁ ବାଧ ହେଉଛନ୍ତି। ବନ୍ୟା ପାଣିରେ ବ୍ୟାପକ ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଏଠାରେ ନିର୍ମିତ ଆନିକଟ ଆଶାନୁରୂପ କାର୍ଯ୍ୟକାରୀ ହୋଇପାରିନାହିଁ। ଯଦି ଏହି ରାସ୍ତାର ଉଚ୍ଚତା ଅତିରିକ୍ତ ୪ ଫୁଟ ବୃଦ୍ଧି କରାଯାଇଥାନ୍ତା, ତେବେ ପ୍ରତିବର୍ଷ ବନ୍ୟା ସମୟରେ ଏଭଳି ଦୁର୍ଦ୍ଦଶାରୁ ମୁକ୍ତି ମିଳିପାରିଥାନ୍ତା। ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ଛୋଟ ଓ ବଡ଼ ଯାନବାହନ ଅଟକି ରହୁଛି। ଗୋରୁଗାଇ ସମେତ ପଶୁ ଧନକୁ ନେଇ ଯାଉଥିବା ଲୋକମାନେ ମଧ୍ୟ ନାନା ଅସୁବିଧା ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଫଳରେ ସମଗ୍ର ଅଞ୍ଚଳର ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅଞ୍ଚଳବାସୀ ରାସ୍ତାର ସ୍ଥାୟୀ ସମାଧାନ ସହ ଏହାର ଉଚ୍ଚତା ବୃଦ୍ଧି କରିବାକୁ ପ୍ରଶାସନଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

### ବିପଦରେ ଖରସ୍ରୋତା ନଦୀବନ୍ଧ

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଲାରପୁର ନିକଟସ୍ଥ ଖରସ୍ରୋତା ନଦୀବନ୍ଧରେ ଅତଡ଼ା ଖସିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ନଦୀବନ୍ଧ ଦୁର୍ବଳ ହେବା ପଛରେ ସେତୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥାର ଅବହେଳା ମୁଖ୍ୟ କାରଣ ପାଲଟିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ୨୦୨୪ ମସିହାରୁ କଟକର ଏକ ଠିକା ସଂସ୍ଥା ଖରସ୍ରୋତା ନଦୀ ଉପରେ ସେତୁ ନିର୍ମାଣ କାମ କରୁଛି। କିନ୍ତୁ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପରିବର୍ତ୍ତେ ଦୀର୍ଘଦିନ ଧରି ବିଳମ୍ବ କରାଯାଉଛି। ଏହା ସହ ନଦୀବନ୍ଧ କାଟି କାମ କରାଯାଇଥିଲେ ମଧ୍ୟ ସୁରକ୍ଷା ପ୍ରାଚୀର (ସପୋର୍ଟ ୱାଲ୍) ନିର୍ମାଣରେ ଅବହେଳା କରାଯାଇଥିବାରୁ ବର୍ଷା ପାଣିର ପ୍ରବଳ ସ୍ରୋତରେ ବନ୍ଧର ଅତଡ଼ା ଖସିବା ଆରମ୍ଭ ହୋଇଛି। ଘଟଣାର ଖବର ପାଇ ଜଳସେଚନ ବିଭାଗ ଓ ଆର୍ ଆଣ୍ଡ ବି ବିଭାଗର ଯନ୍ତ୍ରୀମାନେ ସ୍ଥଳ ପରିଦର୍ଶନ କରି ବାଲି ବସ୍ତା ପକାଇ ଜରୁରୀକାଳୀନ ମରାମତି କାମ କରିଛନ୍ତି। ତେବେ ଏହା କେବଳ ଅସ୍ଥାୟୀ ପଦକ୍ଷେପ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି।ଅଞ୍ଚଳବାସୀଙ୍କ ଦାବି ହେଉଛି, ନିମ୍ନମାନର କାର୍ଯ୍ୟ ଓ ଅବହେଳା ପାଇଁ ଦାୟୀ ଠିକା ସଂସ୍ଥା ବିରୋଧରେ ତଦନ୍ତ କରାଯାଇ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉ। ସେହିପରି ନଦୀବନ୍ଧର ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରି ଭବିଷ୍ୟତରେ ବଡ଼ ଧରଣର ବିପଦକୁ ଏଡ଼ାଇବା ପାଇଁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି।

# ବନ୍ୟା ପ୍ରଭାବିତଙ୍କୁ ଭେଟିଲେ ରାଜନେତା

**ଯାଜପୁର ଟାଉନ/ଦଶରଥପୁର:** ଦଶରଥରପୁର ବ୍ଲକ ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ଦେଖି ବିଭିନ୍ନ ରାଜନୈତିକ ଦଳର ନେତା ମାନେ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନ ଲୋକଙ୍କର ଅବସ୍ଥା ପଚାରି ବୁଝିବା ସହ ଶୁଖିଲା ଖାଦ୍ୟ, ବିସ୍କୁଟ ପିଇବା ପାଣି ଯୋଗାଇ ଦେଉଛନ୍ତି। ଯାଜପୁର ବ୍ଲକର ପଣସା ପଞ୍ଚାୟତ ସମ୍ପୂର୍ଣ୍ଣ ପାଣି ଘେରରେ ଥିବାବେଳେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଖଇରାବାଦ, ସିମିଳିଆ, ନାଥସାହି ପ୍ରଭୃତି ପଞ୍ଚାୟତ ପାଣି ଘୋରରେ ଶହଶହ ହେକ୍ଟର ଧାନ ଚାଷ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଇଯାଇଛି। ସେହିପରି ଦଶରଥପୁର ବ୍ଲକର କଟିକଟା ନଦୀ ବନ୍ଧ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।

ପୂର୍ବତନ ବିଧାୟକ ତଥା ବିଜେଡି ଉପ ସଭାପତି ପ୍ରଣବ ପ୍ରକାଶ ଦାସ ଆଜି ସକାଳୁ ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ମନୋଜ ରାଉତ, ମୁକ୍ତିକାନ୍ତ ପଣ୍ଡା, ବିଜୁ ରାଉତ, ଜ୍ୟୋତିରଞ୍ଜନ ପରିଡା, ରମାକାନ୍ତ ସାମଲ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନୋସ୍ୱିନୀ ଦାସ ପ୍ରମୁଖଙ୍କ ଗହଣରେ ବନ୍ୟା ପ୍ରଭାବିତ କଟିକଟା ଓ ଜୟନ୍ତରା ପଞ୍ଚାୟତରେ ପହଞ୍ଚି ବନ୍ୟା ଘେରରେ ଥିବା କଟିକଟା ମାଝୀ ସାହି ଓ ତରାଇ ସାହି ସମେତ ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହି ଓ ବ୍ରାହ୍ମଣ ସାହି ବନ୍ୟା ବିପନ୍ନଙ୍କ ସମସ୍ୟା ପଚାରି ବୁଝିଥିଲେ। ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହିର ବନ୍ୟା ବିପନ୍ନଙ୍କୁ ଜରି ପାଲ, ବିସ୍କୁଟ ଓ ପାଣି ବୋତଲ ଯୋଗାଣ କରିବାକୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ।ସେହିପରି ପୁର୍ବତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟଙ୍କ ସମେତ ଦଳୀୟ ସମର୍ଥକ ସବ୍ୟସାଚୀ ଦାସ୍, ପ୍ରଦୀପ ଧଳ, ଇନ୍ଦ୍ରଜିତ ଦାସ୍, ଦିଗାମ୍ବର ବେହୁରାିଆ, ଜ୍ୟୋତି ପ୍ରାସାଦ ରାୟ ପ୍ରଭୃତି ଉଭୟ ନଦୀ ବନ୍ଧର ଦୁର୍ବଳ



ସ୍ଥାନ ଗୁଡ଼ିକୁ ବୁଲି ଦେଖିବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଯାଜପୁର କଂଗ୍ରେସ ନେତୃମଣ୍ଡଳୀ ଘାଇ ହୋଇଥିବା ସ୍ଥାନ ବୁଲି ଦେଖିବା ସହ ଲୋକଙ୍କ ଅବସ୍ଥା ପଚାରି ବୁଝିଥିଲେ। ସେଠାରୁ ଫେରି ଦଶରଥପୁର ବିଡିଓ ଏବଂ ଅତିରିକ୍ତ ଜିଲ୍ଲାପାଳ ଯାଜପୁରଙ୍କୁ ଭେଟି ଲୋକଙ୍କ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଏହି ବନ୍ୟାଞ୍ଚଳ ପରିଦର୍ଶନ ସମୟରେ ଯାଜପୁର ବିଧାନସଭା ମଣ୍ଡଳୀର ନେତା ସନ୍ତୋଷ ନନ୍ଦ, ବରିଷ୍ଠ ନେତା ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, ଭାସ୍କର ମହାନ୍ତି, ଦେବକାନ୍ତ ପତି, ଚନ୍ଦ୍ରଶେଖର ସାହୁ, ପ୍ରଭୃତି ସ୍ଥାନୀୟ କଂଗ୍ରେସର କର୍ମୀମାନେ ସାମିଲ ହୋଇଥିଲେ।

# ୨୫,୧୯୬ ଲୋକ ପ୍ରଭାବିତ; ୧୧,୫୬୫ ଜଣଙ୍କୁ ସ୍ଥାନାନ୍ତର

**ଯାଜପୁର:** ଯାଜପୁର ଜିଲ୍ଲାରେ ବନ୍ୟା ଜନିତ ସ୍ଥିତି ନିମନ୍ତେ ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଆଭାସୀ ମାଧ୍ୟମରେ ସମୀକ୍ଷା କରିଥିଲେ। ବନ୍ୟା ସ୍ଥିତି ତଦାରଖ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ବରିଷ୍ଠ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ଗତକାଲି ଯାଜପୁର ଜିଲ୍ଲାରେ ଯୋଗ ଦେବା ସହ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକୁ ପରିଦର୍ଶନ କରି ସମୀକ୍ଷା କରିଥିଲେ। ଯାଜପୁର ଜିଲ୍ଲାରେ ବୈତରଣୀ ନଦୀରେ ଅଧିକ ବନ୍ୟାଜଳ ପ୍ରବାହିତ ହେବା ଯୋଗୁ ଯାଜପୁର, ଦଶରଥପୁର ଓ କୋରେଇ ବ୍ଲକ୍ ଅଧିକ ପ୍ରଭାବିତ ହୋଇଛି। ଆଜି ଅପରାହ୍ନ ୪ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୩ଟି ବ୍ଲକ୍ ଯାଜପୁର, କୋରେଇ, ଦଶରଥପୁର ପ୍ରଭାବିତ ହୋଇଛି। ଦଶରଥପୁର ବ୍ଲକରେ ୧୨ଟି ଗ୍ରାମ ପଞ୍ଚାୟତର ୨୯ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହୋଇଥିବା ବେଳେ, ଯାଜପୁର ବ୍ଲକରେ ୧୩ଟି ଗ୍ରାମ ପଞ୍ଚାୟତ ଓ ୭୩ଟି ଗ୍ରାମ ପ୍ରଭାବିତ ହୋଇଛି ଏବଂ କୋରେଇ ବ୍ଲକରେ ୬ଟି ଗ୍ରାମ ପଞ୍ଚାୟତର ୨୦ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହୋଇଛି। ୨୫,୧୯୬ ଜଣ ଲୋକ ପ୍ରଭାବିତ



ହୋଇଥିବା ବେଳେ ୧୧,୫୬୫ ଜଣଙ୍କୁ ୩୭ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୧୮ଟି ରିଲିଫ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ସମୁଦାୟ ୭୫୯୬ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୧୧,୪୯୭ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ଜଳମଗ୍ନ ହୋଇଛ। ୧୦ଟି ବ୍ଲକ୍ ଓ ବ୍ୟାସନଗର ମ୍ୟୁନିସିପାଲିଟିରେ ସମୁଦାୟ ୪୦୪ କ୍ୱିଣ୍ଟାଲ୍ ଚୁଡ଼ା ଓ ୧୯୪ କ୍ୱିଣ୍ଟାଲ୍ ଗୁଡ ମହଜୁଦ ରଖାଯାଇଛି। ଅପରାହ୍ନ ୪ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୨୪ କ୍ୱିଣ୍ଟାଲ୍ ଚୁଡ଼ା, ୨.୪ କ୍ୱିଣ୍ଟାଲ୍ ଗୁଡ଼, ୧୨ଟି ପଲିଥିନ୍ ରୋଲ୍ ବଣ୍ଟା ସରିଛି। ୪ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୪ଟି ଭେଟେନାରି ଟିମ୍ ନିୟୋଜିତ କରାଯାଇଛି। ୧ଟି ଏନ୍‌ଡିଆର୍‌ଏଫ୍ ଟିମ୍, ୪ଟି ଓଡ୍ରାଫ୍ ଟିମ୍ ଏବଂ ୧୨ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ ବଣ୍ଟନ ନିମନ୍ତେ ଓଡ୍ରାଫ୍ ଟିମ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଛି। ଦୁର୍ବଳ ଏବଂ ଜଳମଗ୍ନ ଥିବା ବ୍ରିଜରେ ଭାରୀଯାନ ଚଳାଚଳ ଓ ଯାତାୟାତ ବନ୍ଦ କରିବାକୁ ପି. ଅନ୍ୱେଷା ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ଆବଶ୍ୟକୀୟ ଔଷଧ କିଟ୍ ମହଜୁଦ ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶରଥପୁର ବ୍ଲକର କସପା, ମଲିକାପୁର, ତାରପଡ଼ା, କୟାଁ, କମାରଡିହ ପଞ୍ଚାୟତର ବନ୍ୟା ପରିସ୍ଥିତିକୁ ଅନୁଧ୍ୟାନ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ୍ ଖାନନଗର, ସୁସୁଆ, ନିଜାମପୁର, ଦୁଦୁରାନ୍ତ, ଦଉପୁର ପଞ୍ଚାୟତର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ; ଛଞ୍ଚିନା, କଟିକଟା, ଜୟନ୍ତରା, ମଙ୍ଗଳପୁର ଓ ବିରିପଟା ଗ୍ରାମ ପଞ୍ଚାୟତର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଉପଜିଲ୍ଲାପାଳ, ତାପସ ରଞ୍ଜନ ଦେହୁରୀ ଏବଂ ପାଲଟପୁର, ଜାଫରପୁର, ଥାଲକୁଡ଼ି ଓ କନିକାପଡ଼ା ଦଶରଥପୁର ଗ୍ରାମ ପଞ୍ଚାୟତର ବନ୍ୟା ପରିସ୍ଥିତି ଅନୁଧ୍ୟାନ ନିମନ୍ତେ ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆଙ୍କୁ ନିୟୋଜିତ କରାଯାଇଛି। ଆଜି ରାତିରେ ବ୍ରାହ୍ମଣୀ ନଦୀ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି। ବରୀ, ରସୁଲପୁର, ଧର୍ମଶାଳା ବ୍ଲକ୍ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ପରେ ଜିଲ୍ଲାପାଳ ଯାଜପୁର ଓ ଦଶରଥପୁର ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ।

## ଗେଙ୍ଗୁଟି ଓ ବୈତରଣୀରେ ପ୍ରଳୟ; ଧାମନଗରରେ ବନ୍ୟା ବିଭୀଷିକା

# ୩୦ ପଞ୍ଚାୟତ ଜଳମଗ୍ନ; ୧.୭୦ ଲକ୍ଷ ଲୋକ ପ୍ରଭାବିତ






ଧାମନଗର/ଦୋବଲ,୨୯।୭ (ସମିସ)

ବୈତରଣୀ ଓ ଏହାର ଶାଖାନଦୀ ଗେଙ୍ଗୁଟିରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଧାମନଗର ଅଞ୍ଚଳରେ ତାଣ୍ଡବ ରଚିଛି। ବନ୍ୟା ଜଳ ପ୍ରବେଶ କରିବା ଫଳରେ ଧାମନଗର ବ୍ଲକ୍‌ର ୩୦ଟି ପଞ୍ଚାୟତର ୧୪୩ଟି ଗାଁର ୧ ଲକ୍ଷ ୭୦ ହଜାର ୨୦୩ ଜଣ ଲୋକ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଏହାସହିତ ଧାମନଗର ଏନ୍‌ଏସି, ଧୂଷୁରୀ ଏନ୍‌ଏସି ଏବଂ ଲଗାଣ ବର୍ଷା ଯୋଗୁଁ ଜଅ ନଦୀର ବନ୍ୟା ଜଳ ପଶି ଧାମନଗର ଏନ୍‌ଏସିର ୬ରୁ ଊର୍ଦ୍ଧ୍ୱ ୱାର୍ଡ ଜଳମଗ୍ନ ହୋଇପଡ଼ିଛି। ବନ୍ୟା ଦ୍ୱାରା ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, କରଦା, ପଧାନି, ମୁସ୍ତଫାପୁର, ଅର୍ଜ୍ଜୁନପୁର, ହସନାବାଦ, ଭଟ୍ଟସାହି, ପାଳସାହି, ବମକୁରା, କାଶିମପୁର, କୋଠାର, ଗଡ଼ିଆଳି ଓ ଅସୁରାଳି ପଞ୍ଚାୟତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଅଞ୍ଚଳର ୩୪ ହଜାରରୁ ଅଧିକ ପଶୁସମ୍ପଦ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଗୃହପାଳିତ ପଶୁଙ୍କ ଚିକିତ୍ସା ଓ ସେବା ପାଇଁ ୩ଟି ପ୍ରାଣୀ ଚିକିତ୍ସକ ଟିମ୍‌କୁ ନିୟୋଜିତ କରାଯାଇଛି। ୧୫ ହଜାରରୁ ଊର୍ଦ୍ଧ୍ୱ ସ୍ଥାନାନ୍ତରିତ କରାଯାଇଛି। ବୁଧବାର ସୁଦ୍ଧା ଧାମନଗରର ତଳିଆ ଅଞ୍ଚଳରୁ ୧୫ ହଜାର ୪୬୭ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ବନ୍ୟା ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ମଙ୍ଗଳବାର ଓ ବୁଧବାର ୨ ଦିନ ପାଇଁ ୧୪୦ଟି କେନ୍ଦ୍ରରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ପ୍ରାୟ ୨୦ ହଜାର ଲୋକଙ୍କୁ ବିତରଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସଠିକ୍ ଆକଳନ କରାଯାଇ ନ ଥିଲେ ହେଁ ପ୍ରାଥମିକ ସୂଚନା ଅନୁସାରେ, ୪୦ ହଜାର ହେକ୍ଟରରୁ ଅଧିକ ଚାଷଜମି ବନ୍ୟା ଜଳରେ ବୁଡ଼ି ରହିଛି। ବର୍ତ୍ତମାନ ତଳି ପକାଇବାର ସମୟ ହୋଇଥିବାରୁ ଅନେକ ସ୍ଥାନରେ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ନଦୀବନ୍ଧରେ ସ୍ଥିତି ସଙ୍କଟଜନକ, ପାଟ୍ରୋଲିଂ ଜୋର୍‌ଦାର୍ ବୈତରଣୀ ନଦୀର ବାମ ପାର୍ଶ୍ୱ ନଦୀବନ୍ଧକୁ ସୁରକ୍ଷିତ ରଖିବା ପାଇଁ ଜଳସମ୍ପଦ ବିଭାଗ ଓ ପୁଲିସର ମିଳିତ ଟିମ୍ ଅହୋରାତ୍ର ପାଟ୍ରୋଲିଂ ଜାରି ରଖିଛନ୍ତି। ଆନନ୍ଦପୁର ପଞ୍ଚାୟତର ବାବୁସାହି ନିକଟରେ ନଦୀବନ୍ଧ ଉପରେ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସେହିପରି ସୋହଡ଼ା ପଞ୍ଚାୟତର ଷେଣ୍ଢପୁର ନିକଟରେ ନଦୀବନ୍ଧ ବୁଡ଼ିବା ଅବସ୍ଥାକୁ ଚାଲିଆସିଛି। ସବୁଠାରୁ ଦୟନୀୟ ପରିସ୍ଥିତି ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ଗାଁରେ ଦେଖାଦେଇଛି। ଗେଙ୍ଗୁଟି ନଦୀର ଗାଇଛନ୍ଦା, ମଠମାହାରା ଓ କନକେଇ ଏସ୍କେପ୍ ଦେଇ ବନ୍ୟାଜଳ ସିଧାସଳଖ ଗାଁ ଭିତରକୁ ପ୍ରବେଶ କରୁଛି। ପାଣିରେ ପଶି ବନ୍ୟା ସ୍ଥିତି ସମୀକ୍ଷା କଲେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ ସକାଳୁ ଧାମନଗର ଓ ଧୂଷୁରୀ ଅଞ୍ଚଳର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ପରିଦର୍ଶନ କରିଛନ୍ତି।

ସକାଳେ ଧାମନଗର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ସେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଜଳମଗ୍ନ ଅଞ୍ଚଳରେ ବିପନ୍ନଙ୍କୁ ତୁରନ୍ତ

### ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ; ବନ୍ୟାଞ୍ଚଳ ବୁଲିଲେ ମନ୍ତ୍ରୀ

ରନ୍ଧାଖାଦ୍ୟ, ପିଇବା ପାଣି, ଚୁଡ଼ା, ମୁଢ଼ି, ବିସ୍କୁଟ, ଚିନି ଓ ଗୁଡ଼ ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଧାମନଗର ଅଞ୍ଚଳରେ ବନ୍ୟାଜଳ ସ୍ଥିର ଥିବାବେଳେ ଧୂଷୁରୀ ଅଞ୍ଚଳରେ ବୃଦ୍ଧି ପାଉଛି। ପତ୍ରୀସାହି, ସୂରଜପୁର, ହରିହଂସ, କାକୁଡ଼ିଗଡ଼ିଆ, ବାଲିଚତୁରି ଓ ଅସୁରାଳି ପଞ୍ଚାୟତର ବିଭିନ୍ନ ଗାଁରେ ଲୋକଙ୍କ ଘର ଭିତରେ ପାଣି ପଶିଛି। ଧାମନଗର ବ୍ଲକ୍‌ର ୧୪୦ଟି ସ୍ଥାନରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ଜଳମଗ୍ନ ଗାଁଗୁଡ଼ିକରେ ବ୍ଲକ୍ ପ୍ରଶାସନ ପକ୍ଷରୁ ରୋଷେଇ କରାଯାଇ ପ୍ରାୟ ୨୦ ହଜାର ଲୋକଙ୍କୁ



ଖାଦ୍ୟ ପରସାଯାଇଛି। ଖଡ଼ିପଦା ପଞ୍ଚାୟତର ଦକ୍ଷିଣକୁରୁଆ, ମୁଥାନଗର, କାଞ୍ଜିଆପାଳ, କରଦାର ଖରାଖାଇ, ପଧାନି, ସୋହଡ଼ା, ଅର୍ଜ୍ଜୁନପୁର, ପାଳସାହି, ଅସୁରାଳି, ହସନାବାଦ, ଫଳପୁର ପ୍ରଭୃତି ଅଞ୍ଚଳରେ ରିଲିଫ୍ କେନ୍ଦ୍ର ଚାଲୁ ରହିବା ସହ ପିଇବା ପାଣି ବୋତଲ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟରେ ୬ଟି ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ଧାମନଗର ଅଗ୍ନିଶମ ବାହିନୀକୁ ମଧ୍ୟ ସମ୍ପୂର୍ଣ୍ଣ ସକ୍ରିୟ କରାଯାଇଛି। ବୈତରଣୀ ନଦୀ ବାମପାର୍ଶ୍ୱ ବନ୍ଧର କଣ୍ଟି, ବାଲିପୋଖରୀ, ମଲ୍ଲୀମାହାରା, ଗୌରାଙ୍ଗପୁର ଓ ଗେଙ୍ଗୁଟି ନଦୀ ଦକ୍ଷିଣପାର୍ଶ୍ୱ ବନ୍ଧର ଗାଇଛନ୍ଦା, ମଠମାହାରା, କନକେଇ ଆଦି ଏସ୍କେପ୍‌ଗୁଡ଼ିକରେ ବନ୍ୟାଜଳ ବାହାରି ଧାମନଗର ବ୍ଲକ୍‌ର ବିସ୍ତୃତ ଅଞ୍ଚଳ ବୁଡ଼ିଥିବାବେଳେ ଶହଶହ ପରିବାର ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଦେହୁଡ଼ିଆନନ୍ଦପୁର, ଖଡ଼ିପଦା, ଦୋବଲ, କରଦା, ସୋହଡ଼ା, ଦଳାଙ୍ଗ, ପଧାନି, ନଦୀଗାଁ, ଅର୍ଜ୍ଜୁନପୁର, ଭଟ୍ଟସାହି, ଧୂଷୁରୀ, ହସନାବାଦ ଆଦି ପଞ୍ଚାୟତକୁ ବନ୍ୟାଜଳ ବୁଡ଼ାଇ ରଖିଛି। ଫଳରେ ଧାମନଗର-ଦୋବଲ, ଧାମନଗର-ଫଳପୁର, ଦୋବଲ-ଷଣ୍ଢପୁର, ଖଡ଼ିପଦା-କାଞ୍ଜିଆପାଳ, ଖଡ଼ିପଦା -ଆନନ୍ଦପୁର, ଖଡ଼ିପଦା-ପଧାନି, ଧୂଷୁରୀ-ହସନାବାଦ, ଧୂଷୁରୀ-ଆରଡ଼ି, ଗୋପବନ୍ଧୁନଗର-ହସନାବାଦ ଆଦି ରାସ୍ତାରେ ବନ୍ୟାଜଳ ପ୍ରବାହିତ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ବୈତରଣୀ ନଦୀର ତଳମୁଣ୍ଡ ଗାନ୍ଧୀଘାଟଠାରେ ବନ୍ୟାଜଳ ବିପଦ ସଙ୍କେତର ଊର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାବେଳେ ତାହା କ୍ରମଶଃ ବଢ଼ିବାରେ ଲାଗିଛି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁଲିସ ଡିଆଇଜି ପିନାକୀ ମିଶ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ବିଡିଓ ବନବିହାରୀ ଦିନ୍ଦା, ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ, ଆଇଆଇସି ଶୁଭ୍ରଜିତ ଦାଶ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକ, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ ପ୍ରକାଶ ନାୟକ, ଏସ୍‌ଇ ସଞ୍ଜୀବ ସାମଲ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ସ୍ୱାସ୍ଥ୍ୟ ଅଧିକାରୀ ମନ୍ମୟ ସାମନ୍ତସିଂହାର ପ୍ରମୁଖଙ୍କ ସହ ବହୁ ଉଚ୍ଚପଦାଧିକାରୀ ଧାମନଗର ବ୍ଲକ୍ ଓ ଏନ୍‌ଏସି ବନ୍ୟାଞ୍ଚଳରେ ସ୍ଥିତି ଅନୁଧ୍ୟାନ କରି ଉଦ୍ଧାର ଓ ଥଇଥାନ କାର୍ଯ୍ୟ ତଦାରଖ କରୁଛନ୍ତି। ବିଗତ ୨ବର୍ଷ ମଧ୍ୟରେ ନଦୀବନ୍ଧଗୁଡ଼ିକରେ ମାଟି ମୁଠେ ପଡ଼ିଲା ନାହିଁ ବୋଲି ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ବିନୋଦ ନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡି ନେତା ଡ. ସଞ୍ଜୟ କୁମାର ଦାସ, ସମିତିସଭ୍ୟ ଭାରତ ବିଜୟ ଦଳେଇ ପ୍ରମୁଖ ଧାମନଗରରେ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ ସହ ତୁରନ୍ତ ଲୋକଙ୍କ ନିକଟରେ ରିଲିଫ୍ ଓ ଉଦ୍ଧାର ପାଇଁ ଓଡ୍ରାଫ୍ ଟିମ୍ ପହଞ୍ଚାଇବା ପାଇଁ ପ୍ରଶାସନକୁ ଦାବି କରିଛନ୍ତି।

---

**ଉଛୁଳୁଛି ବୈତରଣୀ, କୋଚିଲା ଓ ଗେଙ୍ଗୁଟି**

## ୨୦୧୧ ବନ୍ୟା ରେକର୍ଡ ଭାଙ୍ଗିବା ଆଶଙ୍କା




ଅସୁରାଳି/ଧୂଷୁରୀ,୨୯।୭ (ସମିସ): ଲଘୁଚାପ ବର୍ଷା ଯୋଗୁଁ ବୈତରଣୀ ନଦୀର ଉପର ମୁଣ୍ଡରେ ପ୍ରବାହିତ ଜଳରାଶି ଫଳରେ ଧାମନଗର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ବୈତରଣୀ ସହ ଏହାର ଶାଖା ନଦୀ କୋଚିଲା ଓ ଗେଙ୍ଗୁଟିର ବନ୍ୟାଜଳ ଗାଁ ଗଣ୍ଡାରେ ପ୍ରବେଶ କରିବାରୁ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବନ୍ୟା ୨୦୧୧ ମସିହାରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାର ରେକର୍ଡକୁ ମଧ୍ୟ ଟପିଯିବାର ଆଶଙ୍କା ସୃଷ୍ଟି ହୋଇଛି। ବ୍ଲକ୍‌ର ହସନାବାଦ ଓ ଅର୍ଜ୍ଜୁନପୁର ପଞ୍ଚାୟତର ଅଧିକାଂଶ ଘରେ ବନ୍ୟାଜଳ ପ୍ରବେଶ କରି ସ୍ଥିତିକୁ ସଙ୍ଗୀନ କରିଦେଇଛି। ଏହାବାଦ ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, ପଧାନି, ଦୋବଲ, କରଦା, ଦଳାଙ୍ଗ, ନଦୀଗାଁ, ସାହସପୁର, ପାଳସାହି, କାସିମପୁର, ଫତେପୁର, କୋଠାର, ଅସୁରାଳି, ବଇଆଁଡିହ, ଗଡ଼ିଆଳି, ଭଟସାହି ଓ ଧୂଷୁରୀ ଏନ୍‌ଏସିକୁ ମଧ୍ୟକୁ ବନ୍ୟାଜଳ ମାଡ଼ିଆସିଛି। ପ୍ରମୁଖ ରାସ୍ତାଗୁଡ଼ିକ ଉପରେ ହାତେ-ଛାତିଏ ପାଣି ଚାଲୁଥିବାରୁ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଭଦ୍ରକରୁ ଆରଡ଼ି ଏବଂ ଯାଜପୁରରୁ ଆରଡ଼ି ମଧ୍ୟରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି।

ବୈତରଣୀ ନଦୀର ବାମପାର୍ଶ୍ୱ ଆଠଘରିଆ, ହସନାବାଦ, ରାମେଶ୍ୱରପୁର ଏବଂ କୋଚିଲା ନଦୀର ଅର୍ଜ୍ଜୁନପୁର, ମଠସାହି, ପଙ୍ଗଟା ଓ ପଙ୍ଗଟା ଛକଠାରେ ବନ୍ୟାଜଳ ନଦୀବନ୍ଧ ବୁଡ଼ି ପ୍ରବାହିତ ହେଉଛି। ସେହିପରି କୋଚିଲା ନଦୀର ତିନିଘରିଆ ଓ ପଙ୍ଗଟାଠାରେ ନଦୀବନ୍ଧରେ ବିରାଟ ଘଳିଆ ପଡ଼ିଥିବାରୁ ନଦୀଗାଁ, ଧୂଷୁରୀ, ସାହାସପୁର, କୋଠାର, ବମୁକୁରା ଓ ପାଳସାହି ପଞ୍ଚାୟତର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ୍ୟା ସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାତିରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ବ୍ଲକ୍ ପରିସରରେ ଏକ ସମୀକ୍ଷା ବୈଠକ କରି ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ତଦାରଖ କରିଥିଲେ। ବୁଧବାର ସକାଳେ ମନ୍ତ୍ରୀଙ୍କ ସହ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବିଜେପି ନେତା ମନୋଜ ମଲ୍ଲିକ, ଚତୁର୍ଭୁଜ ନାୟକ, ବିଦ୍ୟାଧର ରାଉତ, ଆଶିଷ ଜେନା, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ବିଜେଡି ନେତା ଡ. ସଞ୍ଜୟ ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ ପ୍ରମୁଖ ଦଳମତ ନିର୍ବିଶେଷରେ ବନ୍ୟାଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ ବନ୍ୟାଞ୍ଚଳରେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ବୁଝୁଛନ୍ତି।

---

## ୧୫ ବର୍ଷ ପରେ ବୈତରଣୀରେ ବଡ଼ ବନ୍ୟା

ବାରିକପୁର,୨୯।୭ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ବଡ଼ ବନ୍ୟା ଆସିଛି। ୨୦୧୧ରେ ଏଭଳି ଗ୍ରାମାଞ୍ଚଳରେ ଦ୍ରୁତ ଗତିରେ ବନ୍ୟା ଜଳ ବୃଦ୍ଧି ପାଇଥିବା ଦେଖାଯାଇଥିଲା। ଯଦିଓ ୨୦୧୪ ଓ ୨୦୧୯ ରେ ପାଖାପାଖି ଏହିଭଳି ବନ୍ୟା ହୋଇଥିଲା, କିନ୍ତୁ ଦ୍ରୁତ ଭାବେ ଜଳସ୍ତର ବୃଦ୍ଧି ହୋଇ ନ ଥିଲା।

ସୂଚନା ମୁତାବକ, ଗତ ମଙ୍ଗଳବାର ସକାଳୁ ସକାଳୁ ନଦୀର ଆଖୁଆପଦା ଆନିକଟଠାରେ ଜଳସ୍ତର ସାମାନ୍ୟ ବୃଦ୍ଧି ହୋଇଥିଲା। ଦିନ ୧୦ଟା ପରେ ଉପରମୁଣ୍ଡ ବର୍ଷା ତଥ୍ୟ ହସ୍ତଗତ ଅନୁଯାୟୀ, ନୂତନ ନିର୍ମାଣ ପରେ ୪/୫ ବର୍ଷ ମଧ୍ୟରେ ବାଲିପୋଖରୀ ଏସ୍କେପ୍ ଦେଇ ବନ୍ୟା ଜଳ ପ୍ରବେଶ କରି ନ ଥିବାବେଳେ ଚଳିତ ବନ୍ୟା ଜଳ ବୁଧବାର ସକାଳେ ଏସ୍କେପ୍‌କୁ ଅତିକ୍ରମ କରିଥିଲା। ବାଲିପୋଖରୀ ଓ ରଣଜିତ ପଞ୍ଚାୟତ ଦେଇ ପାଣି ସିଧା କଣ୍ଟି ଏସ୍କେପ୍‌ରେ ନିଷ୍କାସିତ ବନ୍ୟା ଜଳ ସହିତ ମିଶିଯାଇଥିଲା। ଫଳରେ ବନ୍ୟାର ଆହୁରି ଉଗ୍ର ରୂପ ଦେଖାଯାଇଥିଲା। ସାନମାଳଦାଠାରୁ ବଲ୍ଲବୀ ଘାଟ ସେତୁ ଯାଏଁ ପୂର୍ତ୍ତର ରାସ୍ତା ଉପରେ ବନ୍ୟା ଜଳ ତୀବ୍ର ବେଗରେ ପ୍ରବାହିତ ହୋଇଥିଲା। ପାଖାପାଖି ୨୪ ଘଣ୍ଟା ଧରି ବନ୍ୟା ଦୁର୍ଦ୍ଦଶା ଭୋଗିବା ପରେ ସନ୍ଧ୍ୟା ୫ଟା ବେଳକୁ ଜଳସ୍ତର ହ୍ରାସ ପାଇଥିଲା। ଯଦିଓ ଆଖୁଆପଦା




ନଦୀରେ ଏକ ବଡ଼ଧରଣର ବନ୍ୟା ଆସୁଥିବା ପ୍ରଶାସନ ଘୋଷଣା କରିଥିଲା। ଠିକ୍ ୨ ଘଣ୍ଟା ପରେ ଅର୍ଥାତ୍ ଅପରାହ୍ଣ ୧ଟାରୁ ଦ୍ରୁତ ଭାବେ ଜଳସ୍ତର ବୃଦ୍ଧି ପାଇଥିଲା। ଚାହୁଁ ଚାହୁଁ ୩/୪ ଘଣ୍ଟାରେ କଣ୍ଟି ଏସ୍କେପ୍‌କୁ ବନ୍ୟା ଜଳ ଛୁଇଁ ଯାଇଥିଲା। ସନ୍ଧ୍ୟା ୬ଟାରୁ ଏସ୍କେପ୍ ଦେଇ ବନ୍ୟା ଜଳ ରହଣିଆ, ନପଙ୍ଗ, କୁରିଗାଁ, ମାଳଦା, ଷୋଳମପୁର ପଞ୍ଚାୟତ ଅଞ୍ଚଳକୁ ପ୍ରବେଶ କରିଥିଲେ। ରାତି ତମାମ ଜନବସତି, ଚାଷ ଜମିକୁ ବନ୍ୟା ଜଳ ଘେରିଯାଇଥିଲା। ବୁଧବାର ସକାଳ ହେବା ବେଳକୁ ବ୍ଲକ୍‌ର ଅଧା ଅଞ୍ଚଳ ସମୁଦ୍ର ଭଳି ଦେଖାଯାଉଥିଲା। ଏପଟେ ଆନିକଟଠାରେ ଦିନ ୧ଟାରୁ ବନ୍ୟା ଜଳ ସାମାନ୍ୟ ହ୍ରାସ ପାଇଥିଲା କିନ୍ତୁ ୩/୪ ଘଣ୍ଟା ପରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପାଣି କମିଥିବା ଦେଖିବାକୁ ମିଳିଥିଲା। ବୁଧବାର ସନ୍ଧ୍ୟା ସୁଦ୍ଧା ୯ଟି ପଞ୍ଚାୟତର ଜନସାଧାରଣ ଜଳବନ୍ଦୀରେ ଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ କେତେକ ସ୍ଥାନରେ ଶୁଖିଲା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ତାହା ସମୁଦ୍ରକୁ ଶଙ୍ଖେ ହୋଇଥିଲା। ଜିଲ୍ଲାପାଳଙ୍କ ସମେତ ଆର୍‌ଡିସି, ପିଡି, ବିଡିଓ ପ୍ରମୁଖ କେତେକ ଅଞ୍ଚଳକୁ ଯାଇ ବନ୍ୟା ପାଣିର ସ୍ଥିତି ଅନୁଧ୍ୟାନ କରିଥିବା ଦେଖିବାକୁ ମିଳିଥିଲା।

---

## ବିଧାୟକଙ୍କ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ରିଲିଫ୍ ବଣ୍ଟନ

ବାରିକପୁର,୨୯।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ବନ୍ୟା ବିଭୀଷିକା ଲାଗି ରହିଥିବାବେଳେ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇନାହିଁ। ଅନେକ ଲୋକଙ୍କ ଘରେ ବନ୍ୟା ପାଣି ପଶି ଯାଇଥିବାବେଳେ ଦୁଇଦିନ ହେବ ସେମାନେ ରୋଷେଇବାସ କରିପାରିନାହାନ୍ତି। ବାହ୍ୟ ଜଗତରୁ ସେମାନେ ଏକପ୍ରକାର ବିଚ୍ଛିନ୍ନ ହୋଇ ରହିଛନ୍ତି। ପ୍ରଶାସନ ପକ୍ଷରୁ ଯେଉଁଭଳି ଭାବେ ଜରୁରୀକାଳୀନ ସେବା ଯୋଗାଇ ଦିଆଯିବା କଥା ତାହା



ମଧ୍ୟ ସେଭଳି ହୋଇନାହିଁ ବୋଲି ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଅଭିଯୋଗ କରିଛନ୍ତି। ତେଣୁ ବିଧାୟକ ଶ୍ରୀ ମଲ୍ଲିକ ନିଜସ୍ୱ ପ୍ରଚେଷ୍ଟା ଓ ସହାୟତାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବଣ୍ଟନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଛନ୍ତି। ବ୍ଲକ୍‌ର ମାଳଦା, ନପଙ୍ଗ, ଷୋଳମପୁର, କୁରିଗାଁ, ରହଣିଆ, ବନ୍ଧାଲୋ-ମଢ଼ିଆଳୀ, ଝୁଟୁଣା ପ୍ରମୁଖ ପଞ୍ଚାୟତକୁ ବିଧାୟକ ପରିଦର୍ଶନ କରିବା ସହ ସେଠାରେ ଶୁଖିଲା ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା ଲୋକଙ୍କୁ ଅଧିକରୁ ଅଧିକ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରଶାସନ ସହିତ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଆଜି ବି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଛୁଟି


ଭଦ୍ରକ,୨୯।୭ (ସମିସ): ଭଦ୍ରକ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଏବଂ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠପଢ଼ା ସ୍ଥଗିତ ରଖାଯାଇଛି। ତେବେ ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀମାନେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବେ ଏବଂ ପ୍ରଶାସନର ଆବଶ୍ୟକତା ଅନୁଯାୟୀ ସେମାନେ ତୁରନ୍ତ ଦାୟିତ୍ୱ ପାଳନ କରିବେ।

---

● ବିପନ୍ନଙ୍କୁ ଥଇଥାନ ଓ କ୍ଷୟକ୍ଷତିର ଆକଳନ ପାଇଁ ସରକାରଙ୍କ ନିର୍ଦ୍ଦେଶ

## ବନ୍ୟା ପାଣି ଟପିଲା ଗୋପାଳିଆ କେନାଲ ବନ୍ଧ

ତିହିଡ଼ି,୨୯।୭ (ସମିସ): ତିହିଡ଼ି ବ୍ଲକ୍‌ରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଏବେ ଉଦ୍‌ବେଗଜନକ ହୋଇଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡ଼ି ଭାଙ୍ଗୁଛି। ଫଳରେ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତିହିଡ଼ି ବ୍ଲକ୍‌ର ୭ ପଞ୍ଚାୟତରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ହୋଇଥିବା ବେଳେ ବାରୋ ଓ ବିଲଣା ପଞ୍ଚାୟତର ୫ଶହ ବିପନ୍ନ ଏବଂ ୨ଶହ ଗାଇଗୋରୁଙ୍କୁ ସ୍ଥାନାନ୍ତରିତ କରାଯାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ପ୍ରଶାସନିକ ଅଧିକାରୀ




ସୋମେଶ ଉପାଧ୍ୟାୟ (ଆଇଏଏସ୍), ତହସିଲ୍‌ଦାର ସୁବାଶିଷ ସାହୁ, ବିଡିଓ ନିରଞ୍ଜନ ବାରିକ ବୁଧବାର ବନ୍ୟାଞ୍ଚଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ବିପନ୍ନମାନଙ୍କୁ ଥଇଥାନ ଓ ସହାୟତା କରିବା ସଙ୍ଗେ ସଙ୍ଗେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାରୋ ପଞ୍ଚାୟତରେ ଗୋପାଳିଆ କେନାଲ ବନ୍ଧ ଟପି ବନ୍ୟା ପାଣି ସୁଅ ଛୁଟିବାରେ ଲାଗିଛି। କେନାଲ ବନ୍ଧର ୬ଟି ସ୍ଥାନରେ ଏପ୍ରକାର ପରିସ୍ଥିତି ଉପୁଜିଛି। କେନାଲ ବନ୍ଧ ଦବି ଯାଇଥିବା ସ୍ଥାନରେ ବନ୍ୟା ପାଣିର ସ୍ରୋତ ଛୁଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଜଳମଗ୍ନ କରିଛି। ସାଳନ୍ଦୀ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ପଦ୍ମପ୍ରିୟ ସାମଲ ବୁଧବାର ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିବାବେଳେ ତୁରନ୍ତ ବାଲିବସ୍ତା ପକାଇ ପାଣି ରୋକିବାକୁ ପ୍ରଶାନ୍ତ ମଲ୍ଲିକ, ସୁଦର୍ଶନ ମଲ୍ଲିକ, କମଳାକାନ୍ତ ମଲ୍ଲିକ, ଦିବାକର ଦାସ ପ୍ରମୁଖ ଦାବି ଜଣାଇଛନ୍ତି। ବାରୋ ସମେତ ବିଲଣା, ତଳଗୋପବିନ୍ଧା, ବୋଡ଼କ ପଞ୍ଚାୟତର ଅଧିକାଂଶ ଗ୍ରାମ ପାଣି ଘେରରେ ରହିଥିବା ଜଣାଯାଇଛି। ଏହାଛଡ଼ା ମୁକୁନ୍ଦପୁର, କାଁପଡ଼ା, ଶ୍ୟାମସୁନ୍ଦରପୁର, ସିନ୍ଦୋଳ ପଞ୍ଚାୟତରେ ମଧ୍ୟ ଲୋକମାନେ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ବୋଡ଼କ ଓ ତଳଗୋପବିନ୍ଧା ପଞ୍ଚାୟତର ବହୁ ଗ୍ରାମରେ ମଧ୍ୟ ବନ୍ୟା ପାଣି ପ୍ରବେଶ କରିଛି। ଗ୍ରାମ ରାସ୍ତା ସବୁ ବୁଡ଼ି ଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

**୫୦୦ ବିପନ୍ନ ଓ ୨୦୦ ଗୋରୁଗାଈ ସ୍ଥାନାନ୍ତରିତ**

---

## ବନ୍ୟା ଘେରରେ ଆରଡ଼ି ଅଞ୍ଚଳ ବାସିନ୍ଦା

ଆରଡ଼ି,୨୯।୭ (ସମିସ): ବୈତରଣୀର ଉପର ମୁଣ୍ଡରେ ସପ୍ତାହେ ଧରି ବର୍ଷା ହେବା ଫଳରେ ତଳ ମୁଣ୍ଡରେ ବନ୍ୟା ଆଣି ପହଞ୍ଚାଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଆଖୁଆପଦା ନିକଟରେ ବର୍ଦ୍ଧିତ ଜଳ ସ୍ତର କମିଥିଲେ ମଧ୍ୟ ନଦୀରେ ପ୍ରବାହିତ ଜଳ ଭଣ୍ଡାରିପୋଖରୀ, ଧାମନଗର ବ୍ଲକ୍‌ର ଭିନ୍ନ ଭିନ୍ନ ଗାଁଗୁଡ଼ିକରେ ମାଡ଼ିଯାଇଛି। ଏହି ଜଳ ଚାନ୍ଦବାଲି ବ୍ଲକ୍‌ର ତିନତର ଘାଟ ପଟେ ଥିବା ୪ଟି ପଞ୍ଚାୟତର

**ତଳିଆ ଅଞ୍ଚଳ ଜଳମଗ୍ନ; ଚାଷ ଜମି କ୍ଷତିଗ୍ରସ୍ତ**

୨୬ଟି ଗାଁରେ ଥିବା ଚାଷ ଜମିରେ ମାଡ଼ିଯାଇଛି। ବିଶେଷକରି ନଦୀ ପାଖ ଦେଇ ଯାଇଥିବା ଗାଁ ଯଥା- ବୋଡ଼କ, ଷାଠିବାଙ୍କୁଡ଼ା, ସନ୍ତରାମୁଆଁ ପହଣାରେ କିଛି ତଳିଆ ଘରେ ପଶି ବ୍ୟାପକ କ୍ଷତି ପହଞ୍ଚାଇଛି। ଉପରୁ ପାଣି ଯେତେ ଗଡ଼ିବ ଏ ଅଞ୍ଚଳରେ ପାଣି ପରିମାଣ ବଢ଼ିବ। ସାଳନ୍ଦୀ ନଦୀରେ ବି ବନ୍ୟା ଆସିବା ଫଳରେ ବାଙ୍କମୁହାଣ, ନାନ୍ଦପୁର, ଭୂଇଁପୁର, ପାଲଟପୁର ଓ ଶୀତଳପୁର ଗାଁରେ ଥିବା ଚାଷ ଜମିରେ ବ୍ୟାପକ କ୍ଷତି ହୋଇଛି। ଫଳରେ କୁଆଖିଆ ଆରଡ଼ି ଜାତୀୟ ରାଜପଥ ୨୦ ବୋଡ଼କ ନିକଟରେ ରାସ୍ତା ଉପରେ ପ୍ରାୟତଃ ୪ ଫୁଟ ଉଚ୍ଚରେ ପ୍ରବାହିତ ହେବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ମତୋ ଆରଡ଼ି ରାସ୍ତାର ବାଇପାସ୍ ଛକ ନିକଟ ଘୋଷରାରେ ୩ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗୁରୁବାର ପାଣି ପରିମାଣ ଆହୁରି ଅଧିକ ହେବା



ଫଳରେ ଏ ଅଞ୍ଚଳରେ ଥିବା ଗାଁଗୁଡ଼ିକରେ ପାଣି ନିଶ୍ଚିତ ପଶିବ। ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ, ପିଇବା ପାଣି, ଗୋଖାଦ୍ୟ ମହଜୁଦ ରଖିବା ନିହାତି ଜରୁରୀ। ପଞ୍ଚାୟତଗୁଡ଼ିକରେ ଜଣେ ଜଣେ ନୋଡାଲ ଅଫିସର ନିଯୁକ୍ତି ଦେଇ ତଦାରଖ କରିବା ନିହାତି ଜରୁରୀ। ଚାନ୍ଦବାଲି ବ୍ଲକ୍ ପ୍ରଶାସନ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ବନ୍ୟା ସ୍ଥିତି ଉପରେ ସଜାଗ ରହିବାକୁ ସାଧାରଣରେ ଦାବି ହେଉଛି।

# ସମ୍ପାଦକୀୟ



ଜୈବିକ ଚାଷୀମାନେ ଆଜିର ସର୍ବଶ୍ରେଷ୍ଠ ଶାନ୍ତି ଅଗ୍ରଦୂତ
-ବନ୍ଦନା ଶିବା

ସକାଳ
THE SAKALA

## ପ୍ରଦୂଷିତ ଭାରତ

ପରିବେଶ ସୁରକ୍ଷା ମାନଦଣ୍ଡରେ ଭାରତ ପୁଣି ଏକ ଅଲୋଡ଼ା ରେକର୍ଡ ହାସଲ କରିଛି। କଲମ୍ବିଆ ବିଶ୍ୱବିଦ୍ୟାଳୟ ଓ ୟେଲେ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପ୍ରକାଶିତ ୨୦୨୬ର ପରିବେଶ ପ୍ରଦର୍ଶନ ସୂଚକାଙ୍କରେ ୧୭୭ଟି ଦେଶ ମଧ୍ୟରୁ ଭାରତ ତଳଆଡୁ ଦ୍ୱିତୀୟ ଅର୍ଥାତ୍ ୧୭୬ ନଂରେ ରହିଛି। ଜଳବାୟୁ ପରିବର୍ତ୍ତନ, ପ୍ରମୁଖ ଦୀର୍ଘସ୍ଥାୟିତ୍ୱ ଆହ୍ୱାନ, ପରିବେଶର ଜନସ୍ୱାସ୍ଥ୍ୟ ଉପରେ ପ୍ରଭାବ, ବାୟୁ ଓ ପାନୀୟ ଜଳର ମାନ, ଜୈବବିବିଧତା, ଜଙ୍ଗଲର ସ୍ଥାୟିତ୍ୱ, ସବୁଜ ବାଷ୍ପ ହ୍ରାସ ଆଦି ୧୨ଟି ମୁଖ୍ୟ ପ୍ରସଙ୍ଗରେ ପ୍ରଦର୍ଶନକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ ହୋଇଛି। ଜାତିସଂଘ ଦ୍ୱାରା ଧାର୍ଯ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଜଳବାୟୁ ସମ୍ପର୍କିତ ପ୍ୟାରିସ୍ ଚୁକ୍ତିନାମାର ସଂକଳ୍ପ ହାସଲ ଦିଗରେ ଅଗ୍ରଗତିର ଆତ୍ମସମୀକ୍ଷା ପାଇଁ ଉପରୋକ୍ତ ପରିବେଶ ପ୍ରଦର୍ଶନ ସୂଚକାଙ୍କ ବା ଇପିଆଇ ଏକ ମାନଦଣ୍ଡ ରୂପେ ପରିଗଣିତ ହୋଇଆସୁଛି। ଏହି ଆଧାରରେ ଇଷ୍ଟୋନିଆ ୭୪.୭୯ ନମ୍ବର ପାଇ ତାଲିକାର ଶୀର୍ଷ ସ୍ଥାନରେ ରହିଥିବା ବେଳେ ମୋଟ ୨୨.୪୬ ନମ୍ବର ପାଇ ଭାରତ ୧୭୬ତମ ସ୍ଥାନରେ ରହିଛି। ପ୍ରଥମ ଦଶଟି ଦେଶ ତାଲିକାରେ ୟୁରୋପୀୟ ଦେଶଗୁଡ଼ିକ ଆଧିପତ୍ୟ ବିସ୍ତାର କରିଛନ୍ତି।

ମୂଳ କଥା ହେଉଛି ଭାରତର ନୀତି ନିର୍ଦ୍ଧାରକମାନେ କୌଣସି ପରିସଂଖ୍ୟାନ କିମ୍ବା ସୂଚକାଙ୍କକୁ ଗୁରୁତ୍ୱର ସହ ଗ୍ରହଣ କରିବା ବଦଳରେ ଭାରତ ପ୍ରତି ବିଦେଶୀ ତତ୍ତ୍ୱର ଏକ ଷଡ଼ଯନ୍ତ୍ର ଭାବେ ବ୍ୟାଖ୍ୟାନ ସୃଷ୍ଟି କରିବାରେ ଅଧିକ ସମୟ ନଷ୍ଟ କରୁଛନ୍ତି। ତେଣୁ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଉଛି। ୨୦୨୨ରେ ଏହି ତାଲିକାରେ ଭାରତ ସର୍ବଶେଷରେ ସ୍ଥାନିତ ହେବା ପରେ ଭାରତର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତାଲିକା ପ୍ରସ୍ତୁତିର ମାନଦଣ୍ଡ ଓ ପ୍ରକ୍ରିୟାକୁ ଅବାନ୍ତର ବୋଲି ଅଭିହିତ କରି ତାଲିକାକୁ ଅସ୍ୱୀକାର କରିଥିଲା। ଫଳସ୍ୱରୂପ ଚାରିବର୍ଷ ପରେ ମଧ୍ୟ ମାତ୍ର ଗୋଟିଏ ପାହାଚ ଉପରକୁ ଉଠିବାରେ ଭାରତ ସକ୍ଷମ ହୋଇପାରିଛି। ଭାରତର ବେରୋଜଗାରୀ ହାର ୪୫ ବର୍ଷ ପଛକୁ ଚାଲିଯାଇଥିବା ଖୋଦ୍ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗ ପ୍ରକାଶ କରିଥିଲେ ମଧ୍ୟ ତାହାକୁ ସରକାର ଗ୍ରହଣ କରି ନଥିଲେ। ବାସ୍ତବ ସ୍ଥିତି କ'ଣ ତାହା ଆମ ଭିତରୁ ଅଧିକାଂଶ ଉଣାଅଧିକେ ଜ୍ଞାତ। ତେଣୁ ପରିସଂଖ୍ୟାନକୁ ଏଡ଼ାଇ ଗଲେ ବାସ୍ତବ ଚିତ୍ର ବଦଳିଯିବ ନାହିଁ।

୨୦୨୪ରେ ସୁଇଜରଲାଣ୍ଡ ଟେକ୍ନୋଲୋଜି କମ୍ପାନୀ 'ଆଏକ୍ୟୁଏୟାର' ଦ୍ୱାରା ପ୍ରକାଶିତ ବିଶ୍ୱ ପ୍ରଦୂଷଣ ରିପୋର୍ଟ ଅନୁସାରେ ବିଶ୍ୱର କୋଡ଼ିଏଟି ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୧୩ଟି ସହର ରହିଥିଲେ, ଯେଉଁଥିରେ ଆଜି ମଧ୍ୟ ସେଭଳି ଆଖିଦୃଶିଆ ସୁଧାର ଆସିନାହିଁ। ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ଭାବରେ ଦିଲ୍ଲୀ କ୍ରମାଗତ ତାଲିକାର ପ୍ରଥମ ସ୍ଥାନରେ ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଚାଲିଛି। ସର୍ବାଧିକ ପ୍ରଦୂଷିତ ଦେଶ ତାଲିକାରେ ମଧ୍ୟ ଭାରତର ସ୍ଥାନ ପଞ୍ଚମରେ ରହୁଛି। ଆସାମ୍-ମେଘାଳୟ ସୀମାନ୍ତ ସହର ବିର୍‌ନିହାଟ୍ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହରର କୁଖ୍ୟାତି ଅର୍ଜନ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶିକା ଅନୁଯାୟୀ ବାୟୁମଣ୍ଡଳରେ ଏହି ଉପାଦାନର ଉପସ୍ଥିତି ସର୍ବାଧିକ ୫ରେ ରହିବା ଆବଶ୍ୟକ। ଯେଉଁ ପିଏମ୍୨.୫ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ସେହି ଆଧାରରେ ବର୍‌ନିହାଟ୍‌ର ବାୟୁମଣ୍ଡଳରେ ଏହାର ଉପସ୍ଥିତି ରହିଛି ୧୨୮.୨। ଦିଲ୍ଲୀ ବାୟୁ ପ୍ରଦୂଷଣର ପ୍ରତ୍ୟକ୍ଷ ଦୃଶ୍ୟ, ପ୍ରଭାବକୁ କ'ଣ ଅଣଦେଖା କରାଯାଇପାରେ?

ବିଡ଼ମ୍ବନା ହେଉଛି ଘଟଣା ଘଟି ସାରିବା ପରେ, ଏପରିକି ସାଂଘାତିକ ହେବା ପରେ ହିଁ ଆମ ଦେଶର ନୀତି ନିର୍ଦ୍ଧାରକମାନଙ୍କର ମୁଣ୍ଡରେ ଚେତା ପଶେ। ଦିଲ୍ଲୀ ବାୟୁ ପ୍ରଦୂଷଣ ଘଟଣା ଆକସ୍ମିକ ନୁହେଁ। ପ୍ରଦୂଷଣର କାରଣମାନ ମଧ୍ୟ ସମସ୍ତଙ୍କୁ ଜଣାଅଛି। ପ୍ରାୟ ପ୍ରତିବର୍ଷ ଏଭଳି ସ୍ଥିତି ସୃଷ୍ଟି ହେବା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଏ ଏବଂ ଶୀତ ଦିନ ଯିବା ପରେ ସମସ୍ତେ ପରିସ୍ଥିତିକୁ ଭୁଲି ଯାଆନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୀର୍ଘକାଳୀନ ଯୋଜନା ନ କରି କେବଳ ତାଳିପକା ବ୍ୟବସ୍ଥା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏକଦା ଚୀନ୍‌ର ବେଜିଂ ସହର ମଧ୍ୟ ବାୟୁ ପ୍ରଦୂଷଣରେ ସାରା ବିଶ୍ୱରେ କୁଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ଦୃଢ଼ ମନୋବଳ, କଡ଼ା ସରକାରୀ କଟକଣା ଓ ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର କାର୍ଯ୍ୟାନୁଷ୍ଠାନର ନିରନ୍ତର ପ୍ରଭାବରେ ସେହି ସହର ଏବେ କେବଳ ସେହି ଅପଖ୍ୟାତିକୁ ଦୂରେଇଦେଇ ନାହିଁ, ବରଂ ଉତ୍ତମ ପ୍ରଦୂଷଣ ପରିଚାଳନାରେ ପ୍ରଶଂସା ସାଉଁଟିଛି। କିନ୍ତୁ ଭାରତରେ ଏଭଳି ରାଜନୈତିକ କିମ୍ବା ପ୍ରଶାସନିକ ତତ୍ପରତା ଦେଖାଯାଏ ନାହିଁ। ଅନେକ ଆଖିଦୃଶିଆ ଓ ଶ୍ରୁତିମଧୁର ଯୋଜନା ଘୋଷଣା ହେଉଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଏହାର ରୂପାୟନରେ ଆନ୍ତରିକତା ପ୍ରକାଶ ନ ପାଉଥିବାରୁ ଯୋଜନାର ଅସଲ ଉଦ୍ଦେଶ୍ୟ ସଫଳ ହୋଇପାରୁନାହିଁ।

କେବଳ ବାୟୁ ପ୍ରଦୂଷଣ ହିଁ ଭାରତର ଏକମାତ୍ର ସମସ୍ୟା ନୁହେଁ। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶର ୨୭୧ଟି ପ୍ରମୁଖ ନଦୀର ଜଳ ଅତ୍ୟଧିକ ପ୍ରଦୂଷିତ। ଓଡ଼ିଶାର ନଦୀଜଳ କେତେ ପ୍ରଦୂଷିତ ତାହା ଆମେ ଜାଣିଛେ। ସେହିଭଳି ରାସ୍ତାଘାଟ, ଗଳିକନ୍ଦିରେ କୁଢ଼ କୁଢ଼ ଅଳିଆ ଭାରତୀୟ ସହରରେ ଏକ ସ୍ୱାଭାବିକ ଘଟଣା। କଠିନ ବର୍ଜ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ସିଂହଭାଗ ଯୋଗଦାନ ରହୁଥିବା ବେଳେ ଏହାର ନିରାକରଣ କେବଳ ଭାଷଣବାଜି ଓ ନୀତି ଘୋଷଣାରେ ସୀମିତ ରହିଛି। ଅଧିକନ୍ତୁ ବିଶ୍ୱ ଶୀର୍ଷ ସମ୍ମିଳନୀରେ ବିକଶିତ ଦେଶମାନେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ହ୍ରାସ ପାଇଁ ସଂକଳ୍ପ ନେଇଥିବା ବେଳେ ଭାରତ ଅର୍ଥନୈତିକ କ୍ଷତି ଆଳ ଦେଖାଇ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ତେଣୁ ଆଜି ଯଦି ଭାରତ ପରିବେଶ ସ୍ୱଚ୍ଛତା ତାଲିକାରେ ସର୍ବଶେଷରେ ରହିଲା ତେବେ ଆଶ୍ଚର୍ଯ୍ୟ ହେବାର ନାହିଁ। ଦେବଭୂମି ଓ ମର୍ତ୍ତ୍ୟର ସ୍ୱର୍ଗ ଭାରତ ନର୍କକୁଣ୍ଡରେ ପରିଣତ ହେବା ପୂର୍ବରୁ ନୀତି ନିର୍ଦ୍ଧାରକମାନେ ଏ ବିଷୟରେ ଗୁରୁତ୍ୱର ସହ ଚିନ୍ତା କରନ୍ତୁ। ●

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ଶିଳ୍ପାୟନରେ ଓଡ଼ିଶା ପଛୁଆ କାହିଁକି

ଶଶାଙ୍କ ପଟ୍ଟନାୟକ



ପ୍ରାକୃତିକ ସମ୍ପଦରେ ସମୃଦ୍ଧ ହୋଇଥିଲେ ମଧ୍ୟ ଓଡ଼ିଶା ଆଜି ଯାଏଁ ଦେଶର ଅଗ୍ରଣୀ ଶିଳ୍ପାୟତ ରାଜ୍ୟମାନଙ୍କ ସହ ସମକକ୍ଷ ହୋଇପାରି ନାହିଁ। ଗତ ଦୁଇଦଶନ୍ଧି ମଧ୍ୟରେ ରାଜ୍ୟର ଅନେକ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ନିବେଶ ଘୋଷଣା ହୋଇଥିଲେ ମଧ୍ୟ ଜମି ଅଧିଗ୍ରହଣ, ପରିବେଶ ଅନୁମୋଦନ, ପ୍ରଶାସନିକ ବିଳମ୍ବ ଓ ନୀତିଗତ ଅନିଶ୍ଚିତତା ଭଳି ବିଭିନ୍ନ ବିବାଦ କାରଣରୁ ଅନେକ ପ୍ରକଳ୍ପ ବର୍ଷ ବର୍ଷ ଧରି ଅଟକି ରହିଛି। ଆଉ କିଛି ସମ୍ପୂର୍ଣ୍ଣ ବାତିଲ ହୋଇଯାଇଛି। ଫଳସ୍ୱରୂପ ଓଡ଼ିଶା କେବଳ ବିନିଯୋଗ ନୁହେଁ ବରଂ ଲକ୍ଷାଧିକ ରୋଜଗାର ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ଶିଳ୍ପ, କର ଆଦାୟ ଏବଂ ଯୁବ ପିଢ଼ିଙ୍କ ପାଇଁ ସୃଷ୍ଟି ହେବାକୁ ଥିବା ସୁଯୋଗ ମଧ୍ୟ ହରାଇଛି।

ବାସ୍ତବତା ହେଉଛି, ଶିଳ୍ପ ପ୍ରକଳ୍ପରେ ବିଳମ୍ବ କେବଳ ଅଟକି ରହିଥିବା ପୁଞ୍ଜିନିବେଶର ପ୍ରଶ୍ନ ନୁହେଁ। ଏହା ସହ ଜଡ଼ିତ ରହିଛି ହଜାର ହଜାର ସମ୍ଭାବ୍ୟ ରୋଜଗାର ସୃଷ୍ଟି, ଆନୁଷଙ୍ଗିକ ଶିଳ୍ପର ବିକାଶ, ସ୍ଥାନୀୟ ଶିଳ୍ପ ପରିବେଶର ବିସ୍ତାର, ସରକାରୀ କର, ରାଜସ୍ୱ ବୃଦ୍ଧି, ବୈଷୟିକ ଦକ୍ଷତାର ଉନ୍ନତି ଏବଂ ଆଗାମୀ ପିଢ଼ି ପାଇଁ ସୃଷ୍ଟି ହୋଇପାରୁ ନ ଥିବା ଅସଂଖ୍ୟ ଆର୍ଥିକ ସୁଯୋଗ। ଅର୍ଥାତ୍, ପ୍ରତ୍ୟେକ ବିଳମ୍ବିତ ପ୍ରକଳ୍ପ ସହ ଓଡ଼ିଶା କେବଳ ପୁଞ୍ଜିନିବେଶ ନୁହେଁ, ବରଂ ବିକାଶ, ରୋଜଗାର ଏବଂ ଆର୍ଥିକ ସଶକ୍ତିକରଣର ଅନେକ ସମ୍ଭାବନାକୁ ମଧ୍ୟ ହରାଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଦକ୍ଷିଣ କୋରିଆର 'ପୋସ୍କୋ' ଇସ୍ପାତ ପ୍ରକଳ୍ପ, ଯାହା ବିଭିନ୍ନ ସ୍ୱାର୍ଥଗତ ବିବାଦରେ ଛନ୍ଦି ହୋଇ ଶେଷରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ୨୦୦୫ ମସିହାରେ ଘୋଷିତ ୧୨ ବିଲିୟନ ଆମେରିକୀୟ ଡଲାରର ପୁଞ୍ଜିନିବେଶ ବିଶିଷ୍ଟ ଏହି ପ୍ରକଳ୍ପ ସେତେବେଳେ ଭାରତର ସବୁଠାରୁ ବଡ଼ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଥିଲା। ଏହି ବହୁଚର୍ଚ୍ଚିତ ପ୍ରକଳ୍ପରେ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା, ନିଜସ୍ୱ ବନ୍ଦର ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣର ପ୍ରତିଶ୍ରୁତି ଥିଲା। ଏହାଦ୍ୱାରା ପ୍ରାୟ ୪୮, ୦୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ ଆନୁଷଙ୍ଗିକ ଇସ୍ପାତ ଶିଳ୍ପର ବିକାଶ ଆଶା କରାଯାଉଥିଲା। ମାତ୍ର ଜମି ଅଧିଗ୍ରହଣ, ପରିବେଶଗତ ମଞ୍ଜୁରୀ ଏବଂ ସ୍ଥାନୀୟ ବିରୋଧକୁ ନେଇ ପ୍ରାୟ ଗୋଟିଏ ଦଶନ୍ଧି ଧରି ବିବାଦ ଚାଲିବା ପରେ ୨୦୧୭ ମସିହାରେ ପୋସ୍କୋ ଏହି ପ୍ରକଳ୍ପରୁ ଓହରି ଯାଇଥିଲା।

ବୃହତ ସମନ୍ୱିତ ଇସ୍ପାତ ପ୍ରକଳ୍ପ ଖଣି ଖନନ, ଯୋଗାଣ ଶୃଙ୍ଖଳା, ବୈଷୟିକ ସେବା, ଉତ୍ପାଦନ, ପରିବହନ, ଗୃହ ନିର୍ମାଣ, ହୋଟେଲ ବ୍ୟବସାୟ ଓ କ୍ଷୁଦ୍ର ଉଦ୍ୟୋଗ ପରି ଅନେକ କ୍ଷେତ୍ରକୁ ସମାନ୍ତରାଳ ଭାବେ ସମୃଦ୍ଧ କରିଥାଏ। ପ୍ରକଳ୍ପରେ ପ୍ରତିବର୍ଷର ବିଳମ୍ବ ସହିତ ଏକ ସମ୍ଭାବ୍ୟ ଶିଳ୍ପ ପରିସଂସ୍ଥାର ବିକାଶ ମଧ୍ୟ ପଛକୁ ଚାଲିଯାଏ, ଯାହା ଉପକୂଳ ଓଡ଼ିଶାକୁ ପୂର୍ବ ଭାରତର ଗୋଟିଏ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ସକ୍ଷମ। ପରବର୍ତ୍ତୀ ସମୟରେ ପୋସ୍କୋ ପାଇଁ ପ୍ରସ୍ତାବିତ ଜମିକୁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲକୁ ଆବଣ୍ଟନ କରାଯିବା ପ୍ରମାଣ କରୁଛି ଯେ ସ୍ଥାନଟିର ଶିଳ୍ପ ସମ୍ଭାବନା ଆଜିର ସମୟରେ ମଧ୍ୟ ରହିଛି। ସେହିପରି ଟାଟା ଷ୍ଟିଲ କଳିଙ୍ଗନଗର ପ୍ରକଳ୍ପ ମଧ୍ୟ ୨୦୦୬ର ହିଂସାତ୍ମକ ଘଟଣା ପରେ ବର୍ଷେକାଳ ବିଳମ୍ବିତ ହୋଇଥିଲା। ଯଦିଓ ପରବର୍ତ୍ତୀ ସମୟରେ ପ୍ରକଳ୍ପ ସଫଳ ହୋଇଛି, ତଥାପି ବିଳମ୍ବ କାରଣରୁ ରାଜ୍ୟର ରାଜସ୍ୱ ନିଯୁକ୍ତି ଏବଂ ଆନୁଷଙ୍ଗିକ ଶିଳ୍ପରେ ବିକାଶ ବହୁ ପଛକୁ ଚାଲିଯାଇଥିଲା।

ଶିଳ୍ପ ପ୍ରକଳ୍ପରେ ସମୟର ମୂଲ୍ୟ ଅତ୍ୟନ୍ତ ଅଧିକ। ପ୍ରତ୍ୟେକ ବିଳମ୍ବର ଅର୍ଥ ହେଉଛି ଜିଏସଟି ଆଦାୟ, ବିଦ୍ୟୁତ ଚାହିଦା, ଲଜିଷ୍ଟିକ କାର୍ଯ୍ୟକଳାପ, ପରିବହନ, ରପ୍ତାନି ଓ ସ୍ଥାନୀୟ କ୍ରୟରେ ବିଳମ୍ବ। ଏହି ପରିପ୍ରେକ୍ଷୀରେ ସମୟ ନିଜେ ଏକ ଅର୍ଥନୈତିକ ଖର୍ଚ୍ଚର ରୂପ ନେଇଥାଏ। ଜଗତସିଂହପୁରରେ ଜେଏସ୍‌ଡବ୍ଲୁର ପ୍ରସ୍ତାବିତ ପ୍ରକଳ୍ପ ଓ କର୍ଣ୍ଣାଟକର ବିଜୟନଗର କାରଖାନାକୁ ତୁଳନା କଲେ ଏହା ଆହୁରି ସ୍ପଷ୍ଟ ହୁଏ। ଓଡ଼ିଶାରେ ଜମି, ଅନୁମୋଦନ ଏବଂ ପ୍ରକଳ୍ପ କାର୍ଯ୍ୟକାରୀକୁ ନେଇ ଦୀର୍ଘ ଦିନର ଅନିଶ୍ଚିତତା ଥିବା ବେଳେ ବିଜୟନଗର କ୍ରମାଗତ ଭାବେ ବିସ୍ତାର ହୋଇ ଦେଶର ସର୍ବବୃହତ ସମନ୍ୱିତ ଇସ୍ପାତ କାରଖାନାରେ ପରିଣତ ହୋଇଛି। ୧୭.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ହଜାର ହଜାର ପ୍ରତ୍ୟକ୍ଷ ନିଯୁକ୍ତି, ଦଶ ହଜାର ପରୋକ୍ଷ ଜୀବିକା, ଏମ୍‌ଏସ୍‌ଏମ୍‌ଇ, ଶିଳ୍ପ, ଇଞ୍ଜିନିୟରିଂ ସେବା ଏବଂ ସହରୀକରଣ ବିକାଶରେ ବଡ଼ ଭୂମିକା ନେଇଛି। ଏହି ତୁଳନା ଦର୍ଶାଏ ଯେ କେବଳ ନିବେଶ ଘୋଷଣା ନୁହେଁ, ତାହାର ଦ୍ରୁତ କାର୍ଯ୍ୟ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ନିବେଶକମାନେ ସ୍ଥିରତା ଓ ନିଶ୍ଚିତତାକୁ ଗୁରୁତ୍ୱ ଦିଅନ୍ତି। ପ୍ରକଳ୍ପ ଶୀଘ୍ର ଆଗକୁ ବଢ଼ିଲେ ନୂଆ ନିବେଶର ବିଶ୍ୱାସ ବଢ଼େ, ବିଳମ୍ବ ହେଲେ ନିବେଶ ଅନ୍ୟ ରାଜ୍ୟକୁ ଚାଲିଯାଏ।

ଶିଳ୍ପ କ୍ଷେତ୍ର ବାହାରେ ସବୁଠାରୁ ବଡ଼ କ୍ଷତି ଥିଲା ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ। ପୁରୀ ନିକଟରେ ବିଶ୍ୱସ୍ତରୀୟ ବହୁବିଷୟକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ପ୍ରାୟ ୧୫ ହଜାର କୋଟି ଟଙ୍କାର ପ୍ରାରମ୍ଭିକ ନିବେଶ ଯୋଜନା ଥିଲା। ଏହା ସହ ଗବେଷଣା ପାର୍କ, ନବସୃଜନ କେନ୍ଦ୍ର, ସ୍ୱାସ୍ଥ୍ୟସେବା ଓ ଜ୍ଞାନଭିତ୍ତିକ ଅର୍ଥନୀତିର ବିକାଶର ଲକ୍ଷ୍ୟ ରହିଥିଲା। କିନ୍ତୁ ଦୀର୍ଘ ଆଇନଗତ ବିବାଦ, ନୀତିଗତ ଅନିଶ୍ଚିତତା ଓ ଜମି ସମସ୍ୟା ଯୋଗୁଁ ପ୍ରକଳ୍ପଟି ପରିତ୍ୟକ୍ତ ହୋଇଯାଇଥିଲା। କାରଖାନା ତୁଳନାରେ ବିଶ୍ୱବିଦ୍ୟାଳୟ ପିଢ଼ି ପିଢ଼ି ପାଇଁ ଜ୍ଞାନ, ନବସୃଜନ, ଉଦ୍ୟୋଗ ଓ ଦକ୍ଷ ମାନବ ସମ୍ପଦ ସୃଷ୍ଟି କରିଥାଏ। ତେଣୁ ଏହାର ଅନୁପସ୍ଥିତି ଓଡ଼ିଶା ପାଇଁ ଅଦୃଶ୍ୟ, ଅଥଚ ଗଭୀର ଆର୍ଥିକ କ୍ଷତି।

ନିତି ଆୟୋଗ ମଧ୍ୟ ତାହାର ବିଭିନ୍ନ ରିପୋର୍ଟରେ କହିଛି ଯେ ଦେଶରେ ଗୁଣାତ୍ମକ ଅଣ-କୃଷି ରୋଜଗାର ସୃଷ୍ଟି ପାଇଁ ଶିଳ୍ପାୟନ ଅପରିହାର୍ଯ୍ୟ। ରାଜ୍ୟଗୁଡ଼ିକ ମଧ୍ୟରେ ଶିଳ୍ପ ବିକାଶର ଆସମାନତା ଯୋଗୁଁ ରୋଜଗାର ଓ ଶ୍ରମିକ ସ୍ଥାନାନ୍ତରଣରେ ବୈଷମ୍ୟ ସୃଷ୍ଟି ହେଉଛି। ସ୍ଥାନୀୟ ରୋଜଗାର ବଢ଼ିଲେ ବାଧ୍ୟତାମୂଳକ ପ୍ରବାସ କମିପାରିବ ବୋଲି ନିତି ଆୟୋଗ ଉଲ୍ଲେଖ କରିଛି। ଆଜି ମଧ୍ୟ ଓଡ଼ିଶାରୁ ବହୁସଂଖ୍ୟକ ଶ୍ରମିକ ଗୁଜରାଟ, କର୍ଣ୍ଣାଟକ, ତେଲେଙ୍ଗାନା, ତାମିଲନାଡୁ ଓ କେରଳକୁ କାମ ପାଇଁ ଯାଉଛନ୍ତି। ପ୍ରବାସ ସ୍ୱାଭାବିକ ହୋଇଥିଲେ ମଧ୍ୟ ସ୍ଥାନୀୟ ରୋଜଗାରର ଅଭାବ ଯୋଗୁଁ ହେଉଥିବା ପ୍ରବାସ ଏକ ବିକାଶଗତ ଆହ୍ୱାନ। ବୃହତ ଶିଳ୍ପ ଓ ଜ୍ଞାନଭିତ୍ତିକ ପ୍ରକଳ୍ପଗୁଡ଼ିକ ଯଥା ସମୟରେ କାର୍ଯ୍ୟକାରୀ ହୋଇଥିଲେ ଅନେକ ଯୁବକ ନିଜ ରାଜ୍ୟରେ ହିଁ କାମ ପାଇପାରିଥା'ନ୍ତେ।

ନିତି ଆୟୋଗର 'ମାକ୍ରୋ ଆଣ୍ଡ ଫିସ୍କାଲ୍ ଲ୍ୟାଣ୍ଡସ୍କେପ୍ ଅଫ୍ ଦ ଷ୍ଟେଟ୍ ଅଫ୍ ଓଡ଼ିଶା' ରିପୋର୍ଟରେ ମଧ୍ୟ ବେସରକାରୀ ନିବେଶ, ଶିଳ୍ପ ବିବିଧକରଣ ଓ ଉତ୍ପାଦନଭିତ୍ତିକ ରୋଜଗାର ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ ନୁହେଁ ଯେ ପରିବେଶ କିମ୍ବା ସାମାଜିକ ସ୍ୱାର୍ଥକୁ ଅବହେଳା କରି ସବୁ ପ୍ରକଳ୍ପକୁ ଆଗକୁ ବଢ଼ାଇବା ଉଚିତ୍। ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିବେଶ ସୁରକ୍ଷା, ଯଥୋଚିତ ପୁନର୍ବାସ ଓ ସ୍ଥାନୀୟ ଲୋକଙ୍କ ସହଭାଗିତା ସମାନ ଭାବେ ଜରୁରୀ। କିନ୍ତୁ ଏହି ସମସ୍ୟାଗୁଡ଼ିକର ସମାଧାନ ସ୍ୱଚ୍ଛ ଓ ସମୟବଦ୍ଧ ପ୍ରକ୍ରିୟାରେ ହେବା ଉଚିତ୍, ଯାହା ଦ୍ୱାରା ପ୍ରକଳ୍ପଗୁଡ଼ିକ ବର୍ଷ ବର୍ଷ ଧରି ଅଟକି ରହିବ ନାହିଁ। ଏବେ ପ୍ରଶ୍ନ ହେଉଛି ଓଡ଼ିଶାର ଶିଳ୍ପାୟନ ଆବଶ୍ୟକ କି ନୁହେଁ ତାହା ନୁହେଁ, ବରଂ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ସୁରକ୍ଷିତ ରଖି ପ୍ରକଳ୍ପଗୁଡ଼ିକୁ କିପରି ଶୀଘ୍ର ଓ କାର୍ଯ୍ୟକ୍ଷମ ଭାବେ ସମ୍ପନ୍ନ କରାଯିବ। କର୍ଣ୍ଣାଟକ, ଗୁଜରାଟ ଓ ତାମିଲନାଡୁ ଭଳି ରାଜ୍ୟ ଏହାର ଉଦାହରଣ ସୃଷ୍ଟି କରିଛନ୍ତି।

ଓଡ଼ିଶା ପାଖରେ ପ୍ରଚୁର ଖଣିଜ ସମ୍ପଦ, ଦୀର୍ଘ ଉପକୂଳ, ପ୍ରମୁଖ ବନ୍ଦର, ପର୍ଯ୍ୟାପ୍ତ ବିଦ୍ୟୁତ ଓ ଉନ୍ନତ ଭିତ୍ତିଭୂମି ରହିଛି। କିନ୍ତୁ ଏହି ସମ୍ଭାବନା ସେତେବେଳେ ହିଁ ପ୍ରକୃତ ସମୃଦ୍ଧିରେ ପରିଣତ ହେବ, ଯେତେବେଳେ ନିବେଶଗୁଡ଼ିକ ସମୟବଦ୍ଧ ଭାବେ କାରଖାନା, ବିଶ୍ୱବିଦ୍ୟାଳୟ ଗବେଷଣା କେନ୍ଦ୍ର ଓ ଶିଳ୍ପ ପରିବେଶରେ ପରିଣତ ହେବ। ଇତିହାସକୁ ବଦଳାଯାଇପାରିବ ନାହିଁ। ପୋସ୍କୋ ଆଉ ଫେରିବନାହିଁ। ବେଦାନ୍ତ ବିଶ୍ୱବିଦ୍ୟାଳୟ ଏବେ ଅତୀତର ଅଧ୍ୟାୟ। କିନ୍ତୁ ଭବିଷ୍ୟତରେ ଅତୀତର ପୁନରାବୃତ୍ତି ନହେବା ଉଚିତ୍। ଓଡ଼ିଶା ନୂଆ ଶିଳ୍ପାୟନ ଯୁଗରେ ପ୍ରବେଶ କରୁଥିବା ବେଳେ ଏହି ବିଳମ୍ବିତ ଓ ପରିତ୍ୟକ୍ତ ପ୍ରକଳ୍ପଗୁଡ଼ିକ ଆମକୁ ଗୋଟିଏ ସ୍ପଷ୍ଟ ଶିକ୍ଷା ଦେଉଛି ଯେ - ଆର୍ଥିକ ସୁଯୋଗର ମଧ୍ୟ ଏକ ସମୟସୀମା ଥାଏ। ନିଷ୍ପତ୍ତି ବର୍ଷ ବର୍ଷ ଧରି ବିଳମ୍ବିତ ହେଲେ କ୍ଷତି କେବଳ ନିବେଶର ନୁହେଁ, ବରଂ ସେହି ରୋଜଗାର, ସମୃଦ୍ଧି, ଆଶା ଓ ଆକାଂକ୍ଷାର, ଯାହା ଏକ ସମ୍ପୂର୍ଣ୍ଣ ପିଢ଼ିର ଭବିଷ୍ୟତକୁ ବଦଳାଇ ପାରିଥା'ନ୍ତା। ●

ଭୁବନେଶ୍ୱର, ମୋ: ୯୮୬୧୪୪୪୩୦୧

## ବିପନ୍ନ ଜୈବ ସ୍ୱରାଜ

ବିନୋଦ ମହାରଣା

ପ୍ରତି ଜୀବ ବା ଉଦ୍ଭିଦର ବଂଶଗତ ଗୁଣାବଳୀ ପରିବାହକ ବା ଜିନ୍ ରହିଥା'ନ୍ତି। ଏହା ଲକ୍ଷ ଲକ୍ଷ ବର୍ଷ ତଳୁ ଉତ୍ତରାଧିକାର ସୂତ୍ରରେ ଚାଲିଆସିଛି। ମାତ୍ର ଆଧୁନିକ ବିଜ୍ଞାନ ଜରିଆରେ ମୂଳ ଜିନ୍‌ର ପରିବର୍ତ୍ତନ ଘଟାଯାଇଥାଏ ଯାହାକୁ ଜେନେଟିକ ମଡିଫାଏଡ ଟେକ୍ନୋଲୋଜି କୁହାଯାଏ। ଏହାଦ୍ୱାରା ମୂଳ ଶସ୍ୟର ଗୁଣ, ରୂପ, ଆକାର ଆଦି ପରିବର୍ତ୍ତିତ ହୋଇଯାଇଥାଏ। ମାଟିରେ ରହୁଥିବା ଏକପ୍ରକାର ବ୍ୟାକ୍ଟେରିଅମ (ବିଟି)ର ଏକ ସ୍ୱତନ୍ତ୍ର ଜିନ୍‌କୁ ବାହାର କରି କପା ଓ ବାଇଗଣ ଆଦିର ମଞ୍ଜିରେ ଡିଏନଏ ପ୍ରଯୁକ୍ତି ଜରିଆରେ ପ୍ରୟୋଗ କରାଯାଏ। ଏହି ଜିନ୍ ପରିବର୍ତ୍ତିତ ଶସ୍ୟ କୀଟ ପ୍ରତିରୋଧକ ହୋଇଥିବାରୁ ଚାଷରେ କ୍ଷତି ଘଟେ ନାହିଁ ବୋଲି ବୈଜ୍ଞାନିକ କହନ୍ତି। ମାତ୍ର ଏହା ଯୋଗୁଁ ମୂଳ ଶସ୍ୟର ଗୁଣବତ୍ତା ନଷ୍ଟ ହୋଇଯାଏ ଏବଂ ଯେଉଁ ଜମିରେ ଏହି ବିହନ ଚାଷ କରାଯାଏ ସେହି ଜମିରେ ଆଉ କୌଣସି ଫସଲ ହୋଇପାରି ନ ଥାଏ। ବିଟି ବିହନ ଜରିଆରେ ଗଛ ବୃଦ୍ଧି ହେଉଥିବା ବେଳେ ସାଧାରଣତଃ ଜେନେଟିକ ସଂକ୍ରମଣ ହୋଇଥାଏ ଏବଂ ପତଙ୍ଗ, ମହୁମାଛି ବା ବାୟୁ ଜରିଆରେ ଏହାର ପ୍ରଭାବ ଅନ୍ୟାନ୍ୟ ସ୍ଥାନକୁ ବିସ୍ତାରିତ ହୋଇଥାଏ, ଯାହା କି ମୂଳବିହନ ବା ଶସ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

ଭାରତ ପରି ଏକ କୃଷିପ୍ରଧାନ ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଜେନେଟିକ ମଡିଫାଏଡ ଶସ୍ୟ ବିପଦ। କମ୍ ସମୟରେ ଅଧିକ ଉତ୍ପାଦନ ଆଭିମୁଖ୍ୟ ରଖି ବିଟି ଶସ୍ୟକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଏହା କୃଷି ଓ କୃଷକଙ୍କ ଲାଗି ବିପଦ ସୃଷ୍ଟି କରିବାରେ ଲାଗିଛି। ବିଟି ଶସ୍ୟ ଯୋଗୁଁ ଭାରତର ହଜାର ହଜାର ବର୍ଷର ମୂଳ ଶସ୍ୟର ବିଲୋପ ଘଟୁଥିବା ବେଳେ ଦିନକୁ ଦିନ ଭାରତର ଜୈବ ବିବିଧତା, ଶସ୍ୟ ସ୍ୱରାଜ, କୃଷକଙ୍କ ଆର୍ଥିକ ସାର୍ବଭୌମତ୍ୱ କ୍ଷୁଣ୍ଣ ହେବାରେ ଲାଗିଛି। ଭେନେଜୁଏଲା, ଆଲଜେରିଆ, ପେରୁ, ଭୁଟାନ ସମେତ ୬୦ରୁ ଅଧିକ ରାଷ୍ଟ୍ରରେ ଜିଏମ ବିହନକୁ ନିଷିଦ୍ଧ କରାଯାଇଥିବା ବେଳେ ଭାରତରେ ଏହାର ଯଥେଷ୍ଟ ବ୍ୟବହାର ହେଉଥିବା ପରିଲକ୍ଷିତ ହୋଇଛି।

ପ୍ରଥମ ଥର ଲାଗି ୧୯୮୩ରେ ତମାଖୁ କ୍ଷେତ୍ରରେ ଜେନେଟିକ ଇଞ୍ଜିନିୟରିଂ ପଦ୍ଧତି ଆପଣାଯାଇଥିଲା। ଆଗ୍ରୋବାକ୍ଟେରିଅମର ଏକ ଜିନ୍‌କୁ ତମାଖୁ କ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା। ପ୍ରଥମେ ଆମେରିକା ଓ ଫ୍ରାନ୍ସ ଏବଂ ପରେ ଚୀନ ଜେନେଟିକ ମଡିଫାଏଡ ବିହନକୁ ବ୍ୟବସାୟୀକରଣ କରିଥିଲେ। ପରେ ବିଶ୍ୱର ବହୁ ରାଷ୍ଟ୍ରକୁ ଏହା ବ୍ୟାପିଥିଲା। ୨୦୨୪ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କଦଳୀ କ୍ଷେତ୍ରରେ ଏହି ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା। ଭାରତରେ ୨୦୦୨ରେ ବିଟି କଟନକୁ ଅନୁମତି ଦିଆଯାଇଥିବା ବେଳେ ୨୦୨୨ରେ ସୋରିଷ କ୍ଷେତ୍ରରେ ଏହାକୁ ଅନୁମତି ଦିଆଯାଇଥିଲା। ମାତ୍ର ଆଇନଗତ ବିବାଦ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ସେହିପରି ୨୦୦୯ରେ ବିଟି ବାଇଗଣକୁ ଅନୁମତି ଦିଆଯାଇଥିଲା। ମାତ୍ର ପ୍ରବଳ ବିରୋଧ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଏହା ସତ୍ତ୍ୱେ ବହୁ ରାଜ୍ୟରେ ବେଆଇନ ଭାବେ ଏହି ବିହନ ଚାଷ ହେଉଥିବା ଜଣାଯାଏ।

ବିଟି ବିହନ ସାଧାରଣତଃ ଜୈବ ବିବିଧତା ଉପରେ କ୍ଷତି ପହଞ୍ଚାଇବା ସହ ଅନେକ ପ୍ରକାର ଉପକାରୀ କୀଟ, ମହୁମାଛି ପରି କୀଟ, ମାଟିରେ ରହୁଥିବା ଉପକାରୀ ବ୍ୟାକ୍ଟେରିଆଙ୍କୁ ଧ୍ୱଂସ କରିଦେଇଥାଏ। ଏହି କାରଣରୁ ଆଜିକାଲି ପ୍ରଜାପତି, ଫିଙ୍ଗି ଓ ଅନେକ ପ୍ରକାର କୀଟ ଦେଖାଯାଉ ନାହାନ୍ତି। ଜିଏମ ବିହନରୁ ଜାତ ଖାଦ୍ୟଶସ୍ୟ ମଣିଷ ଓ ଅନ୍ୟ ଜୀବଙ୍କ ଶରୀରରେ ରହିଥିବା ଆଣ୍ଟିବାୟୋଟିକ ପ୍ରତିରୋଧକ ଶକ୍ତିକୁ ନିଷ୍କ୍ରିୟ କରିଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ସେହିପରି ଖାଦ୍ୟ ଶୃଙ୍ଖଳର ନିୟନ୍ତ୍ରଣ ବହୁରାଷ୍ଟ୍ରୀୟ କମ୍ପାନୀ ହାତକୁ ଚାଲିଯିବ ବୋଲି ଅନେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁଁ ପ୍ରଥମତଃ ଭାରତୀୟ କୃଷି ବଜାରରେ ଆମେରିକୀୟ ଆଧିପତ୍ୟ ବୃଦ୍ଧି ପାଇବ। ଦ୍ୱିତୀୟରେ ଜିଏମ ବିହନଜାତ ଶସ୍ୟ ଭାରତରେ ବ୍ୟାପକ ପ୍ରସାର ହେବ। ସେହି ଶସ୍ୟଗୁଡ଼ିକ ହେଲା ଜୋଆର, ସୋୟାବିନରୁ ପ୍ରସ୍ତୁତ ତେଲ, ଅନେକ ପ୍ରକାର ଫଳ, ପ୍ରାଣୀମାନଙ୍କ ଖାଦ୍ୟ ଆଦି।

ଆମେରିକା ବର୍ତ୍ତମାନ ବିଶ୍ୱର ସବୁଠାରୁ ବୃହତ ଜିଏମ ଶସ୍ୟ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତକୁ ଆମେରିକା ପ୍ରମୁଖ ବଜାର ଭାବେ ଦେଖୁଛି। ଚୁକ୍ତି ଯୋଗୁଁ ଭାରତରେ କେବଳ ଆମେରିକୀୟ ଜିଏମ ଶସ୍ୟ ଉପଲବ୍ଧ ହେବ ନାହିଁ ବରଂ ଜିଏମ ଶସ୍ୟରୁ ପ୍ରସ୍ତୁତ ଶିଶୁଖାଦ୍ୟଠାରୁ ଆରମ୍ଭ କରି ଅନେକ ପ୍ରକାର ପ୍ୟାକେଜଯୁକ୍ତ ଖାଦ୍ୟପଦାର୍ଥ ଉପଲବ୍ଧ ହେବାରେ ଲାଗିଛି। ଆଶ୍ଚର୍ଯ୍ୟର କଥା ଆମେରିକାରୁ ଆମଦାନୀ ହେଉଥିବା ଶସ୍ୟ ଓ ସୋୟାବିନ ତେଲକୁ କରମୁକ୍ତ କରାଯାଇଛି। ଏହି ଦୃଷ୍ଟିରୁ ଏହି ଚୁକ୍ତିକୁ ବିଭିନ୍ନ ସଂଗଠନ ବିରୋଧ କରିଆସୁଛନ୍ତି। ଭାରତ ପ୍ରତିବର୍ଷ ବିଲିୟନ ବିଲିୟନ ଡଲାରର ଖାଦ୍ୟଶସ୍ୟ, କୃଷି ସାମଗ୍ରୀ ଆମେରିକାଠାରୁ ଆମଦାନୀ କରୁଛି। ପ୍ରତିବଦଳରେ ସମପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକାକୁ ରପ୍ତାନି କରୁଛି। ଭାରତ ହିଁ ପ୍ରକୃତରେ ବିଶେଷ କ୍ଷତିଗ୍ରସ୍ତ ହେଉଛି ଏବଂ ଭାରତୀୟ କୃଷି ଅର୍ଥନୀତିକୁ ଧ୍ୱଂସ ଆଡ଼କୁ ନେଇଯାଉଛି।

ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରୋନମେଣ୍ଟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଭାରତରେ ୨୦ରୁ ଅଧିକ ପ୍ରକାରର ଜେନେଟିକାଲି ମଡିଫାଏଡ ଖାଦ୍ୟ ସାମଗ୍ରୀ ଖୋଲା ବଜାରରେ ବିକ୍ରି କରାଯାଉଛି। ନିରୀହ ଖାଉଟିମାନଙ୍କ ଜୀବନ ସହ କିଛି କମ୍ପାନି ଖେଳୁଛନ୍ତି। ସେହି ଖାଦ୍ୟ ମଧ୍ୟରେ ରହିଛି ଶିଶୁ ଖାଦ୍ୟ, ଖାଇବା ତେଲ, ଖାଦ୍ୟପଦାର୍ଥ ଇତ୍ୟାଦି। ଆମେରିକା, କାନାଡ଼ା, ଥାଇଲାଣ୍ଡ, ନେଦରଲ୍ୟାଣ୍ଡସ, ୟୁଏଇ ଆଦି ରାଷ୍ଟ୍ରରୁ ଆମଦାନୀ କରାଯାଇଥିବା ଅନେକ ଖାଦ୍ୟ ପଦାର୍ଥରେ ଜିଏମ ଶସ୍ୟ ବ୍ୟବହୃତ ହୋଇଥିବା ଜଣାଯାଇଛି। ଅର୍ଥାତ ବେଆଇନ ଭାବେ ଭାରତୀୟ ଖାଦ୍ୟଶସ୍ୟ ବଜାରରେ ବଡ଼ ବଡ଼ କମ୍ପାନିଙ୍କ ପ୍ରାଧାନ୍ୟ ଜାରି ରହିଛି। ବେଆଇନ ବିହନ, ଖାଦ୍ୟ ପଦାର୍ଥ ଉପରେ ସାଧାରଣତଃ ଜେନେଟିକ ଇଞ୍ଜିନିୟରିଂ ମଞ୍ଜୁରୀ କମିଟିର ଭୂମିକା ଥାଏ। ଏହି ସଂସ୍ଥା ନୀରବ ରହୁଥିବାରୁ ଅନ୍ତଃରାଷ୍ଟ୍ରୀୟ କମ୍ପାନିଗୁଡ଼ିକ ଲାଭବାନ ହେଉଥିବା ବେଳେ ଭାରତ କ୍ଷତିର ସମ୍ମୁଖୀନ ହେଉଛି।

ଦେଶରେ ଜିଏମ ଶସ୍ୟକୁ ଅନୁମତି ଦିଆଯାଇନାହିଁ ବୋଲି ୨୦୧୭ ମେ ୨୪ରେ ସୁପ୍ରିମକୋର୍ଟରେ ଦର୍ଶାଇଥିଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଅଧୀନସ୍ଥ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ କର୍ତ୍ତୃପକ୍ଷ। ଏହା ସତ୍ତ୍ୱେ ଭାରତରେ କିପରି ବିପୁଳ ପରିମାଣର ଜିଏମ ଶସ୍ୟ ବ୍ୟବହୃତ ହେଉଛି ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରୁଛି। ଜିଏମ ଶସ୍ୟ କ୍ଷେତ୍ରରେ ଏକ ଜାତୀୟ ନୀତି ନିର୍ଦ୍ଧାରଣ କରିବା ଲାଗି କେନ୍ଦ୍ର ସରକାରଙ୍କୁ ୨୦୨୪ ଜୁଲାଇ ୨୩ରେ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଏହା ସହ ଜିଏମ ଶସ୍ୟର ଗବେଷଣା, ଚାଷ, ବ୍ୟବସାୟ ଲାଗି ସ୍ୱତନ୍ତ୍ର ନୀତି ପ୍ରସ୍ତୁତି ଲାଗି କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇ ନଥିବାରୁ ଦେଶରେ ଏବେ ବ୍ୟାପକ ପରିମାଣରେ ଜିଏମ ବିହନରୁ ଚାଷ ହେବା ସହ ଅନେକ ପ୍ରକାର ଖାଦ୍ୟ ବଜାରରେ ପ୍ରଭାବ ବିସ୍ତାର କରିଛି।

ଜିଏମ ବିହନ ବା ଶସ୍ୟର ପ୍ରାଦୁର୍ଭାବ ରୋକିବା ଲାଗି ୨୦୨୪ ଅଗଷ୍ଟରେ ୧୮ଟି ରାଜ୍ୟର ଶତାଧିକ କୃଷକ ସଂଗଠନ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ନିକଟକୁ ପତ୍ର ଲେଖିଥିଲେ। କେବଳ ପାବରେ ଜିଏମ୍ କପା ଚାଷ ପରିମାଣ ୪୬ ପ୍ରତିଶତ ହ୍ରାସ ହୋଇଥିବାରୁ ସଂଗଠନଗୁଡ଼ିକ ପକ୍ଷରୁ ଚିନ୍ତା ପ୍ରକଟ ହୋଇଥିଲା। ଏହାର କାରଣ ହେଉଛି ଜିଏମ କପା ବିହନ ଆବଶ୍ୟକ ଲାଭ ଦେଇପାରି ନଥିଲା ଏବଂ ଅମଳ ହ୍ରାସ ପାଇଥିଲା। ବହୁରାଷ୍ଟ୍ରୀୟ କମ୍ପାନି ବେୟର ଓ ମନସାଣ୍ଟୋ ପକ୍ଷରୁ ବିକ୍ରି କରାଯାଉଥିବା କପା ବିହନ ଚାଷୀମାନଙ୍କୁ ନାନା ପ୍ରକାର ଆର୍ଥିକ ସମସ୍ୟାରେ ପକାଇଥିଲା। ଏହି କାରଣରୁ କପା ଚାଷୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇଥିଲା। ଏପରିକି କପା ଚାଷୀଙ୍କ ଆତ୍ମହତ୍ୟା ନେଇ ଅଦାଲତରେ ସ୍ୱୀକାର କରିଥିଲେ କେନ୍ଦ୍ର ସରକାର। କୁହାଯାଏ-ମନସାଣ୍ଟୋର ଜିଏମ କପା ବିହନ ବ୍ୟବହାର କରି ଅନେକ ଚାଷୀ ଦେବାଳିଆ ହୋଇଯାଇଛନ୍ତି ଏବଂ ୨୦୧୨ ସୁଦ୍ଧା ପ୍ରାୟ ୨ ଲକ୍ଷ ୫୦ ହଜାର କପା ଚାଷୀ ଆତ୍ମହତ୍ୟା କରିଛନ୍ତି। ଏହି ସଂଖ୍ୟା ୩ ଲକ୍ଷ ହେବ ବୋଲି ଆକଳନ କରିଥିଲେ ବିଶିଷ୍ଟ ସ୍ତମ୍ଭକାର ବେଲେନ ଫର୍ଣ୍ଣାଣ୍ଡେଜ ଯାହାକୁ ସମର୍ଥନ କରିଥିଲେ ବିଶିଷ୍ଟ ପରିବେଶବିତ୍ ବନ୍ଦନା ଶିବା। ୨୦୧୮ରେ ମନସାଣ୍ଟୋକୁ ବେୟର ଗ୍ରୁପ କ୍ରୟ କରିବା ପରେ ଭାରତରେ ବର୍ତ୍ତମାନ ବେୟର କମ୍ପାନି ହିଁ ଜିଏମ ଶସ୍ୟର ବ୍ୟବସାୟ କରିଚାଲିଛି।

ଦେଶରେ ଦିନକୁ ଦିନ କୃଷିଭିତ୍ତିକ ଜମି ପରିମାଣ ହ୍ରାସ ପାଇବାରେ ଲାଗିଛି। ସହରୀକରଣ, ଶିଳ୍ପ, ଗୃହ ନିର୍ମାଣ, ଜନସଂଖ୍ୟା ବୃଦ୍ଧି ଆଦି କାରଣରୁ ଜମି ପରିମାଣ ଦ୍ରୁତଗତିରେ ହ୍ରାସ ପାଉଛି। ୧୯୭୦ ଦଶକ ବେଳକୁ ଦେଶରେ ହାରାହାରି ଜମି ପରିମାଣ ଥିଲା ୨.୨୮ ହେକ୍ଟର। ବର୍ତ୍ତମାନ ଏହି ପରିମାଣ ୧ ହେକ୍ଟରକୁ କମିଆସିଲାଣି। ୩୦ ପ୍ରତିଶତ ଜମି କୃଷି କାର୍ଯ୍ୟ ଲାଗି ଅଯୋଗ୍ୟ ବିବେଚିତ ହେଲାଣି। ଏପରି ଅବସ୍ଥାରେ ବିଟି ବିହନର ଚାଷ କୃଷି ଲାଗି ବଡ଼ ବିପର୍ଯ୍ୟୟ ଆଣିବାର ଆଶଙ୍କା ସୃଷ୍ଟି କରୁଛି। ●

ଭୁବନେଶ୍ୱର, ମୋ: ୯୪୩୭୧୬୪୭୬୪



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବନ୍ୟା ପରିସ୍ଥିତି ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୨୯।୭(ସମିସ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ବନ୍ୟା ଜଳରେ ଭାସିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ବନ୍ୟା ପରିଚାଳନାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ ଓ ସଞ୍ଜୀବ ମଲ୍ଲିକ ବନ୍ୟା ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ବ୍ୟୋମକେଶ ରାୟ କହିଥିଲେ ଯେ ବର୍ଷା ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକଙ୍କ ଅବସ୍ଥା ବେହାଲ ହୋଇଥିବା ବେଳେ ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କୁ ସାମାନ୍ୟ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛନ୍ତି।

**ସରକାରଙ୍କ ପୂର୍ବ ପ୍ରସ୍ତୁତି ନ ଥିବାରୁ ୪ଟି ମୂଲ୍ୟବାନ ଜୀବନ ଚାଲିଗଲା**

**ନବୀନଙ୍କ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ବର୍ତ୍ତମାନର ସରକାରଙ୍କ ପାଇଁ ମୂଲ୍ୟହୀନ**

**ନବୀନଙ୍କ ଜିରୋ କାଜୁଆଲିଟି ନୀତି ଥିବାବେଳେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି**



ପାଣିପାଗ ବିଭାଗର ପୂର୍ବ ସୂଚନା ଥିଲେ ମଧ୍ୟ ସରକାରଙ୍କ କୌଣସି ପ୍ରସ୍ତୁତି ନଥିଲା, ଯେଉଁଥିପାଇଁ ୪ଟି ମୂଲ୍ୟବାନ ଜୀବନ ଯାଇଛି। ବନ୍ୟା ମୁକାବିଲା କରିବାରେ ବିଫଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ବ୍ୟୋମକେଶ ରାୟ କହିଥିଲେ। ନବୀନ ସରକାରଙ୍କ ସମୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶା ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲା। ନବୀନଙ୍କ ସମୟରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଉଥିବା ବେଳେ, ଏବେ ପ୍ରତ୍ୟେକ ଘଟଣାରେ ଜୀବନହାନୀ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। କଟକ ବଡ଼ ମେଡିକାଲରେ ସରକାରଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟି ୧୩ଟି ମୂଲ୍ୟବାନ ଜୀବନ ଯାଇଥିଲା । ସେହିପରି ରଥଯାତ୍ରାରେ ସରକାରଙ୍କ ଅବହେଳା ପାଇଁ ଚଳିତ ବର୍ଷ ୪ ଜଣଙ୍କ ମୃତ୍ୟୁ ହୋଇଛି। ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ପ୍ରତିବର୍ଷ ରଥଯାତ୍ରାରେ ମୂଲ୍ୟବାନ ଜୀବନ ଯାଉଛି। ଗୌତମବୁଦ୍ଧ ଦାସ କହିଥିଲେ ଯେ ବିପର୍ଯ୍ୟୟ ପରିଚାଳନା କଥା ଉଠିଲେ, ସମଗ୍ର ଦେଶ ଓ ବିଶ୍ୱ ଓଡ଼ିଶା ଆଡ଼କୁ ଅନାଏ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଜିରୋ କାଜୁଆଲିଟି ନୀତି ସାରା ବିଶ୍ୱ ପାଇଁ ଉଦାହରଣ ହୋଇପାରିଥିଲା। ଜିରୋ କାଜୁଆଲିଟି ନୀତି ପରେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି, ଯାହାଫଳରେ ସାଧାରଣ ଲୋକଙ୍କ ମୃତ୍ୟୁ ଏକ ସାଧାରଣ ଘଟଣା ହୋଇଯାଇଛି। ବନ୍ୟା ନିୟନ୍ତ୍ରଣ କରିବା ଦୂରରେ ଥାଉ, ବର୍ଷା ଜଳକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ସରକାରଙ୍କ ଅପାରଗତା ଜଳ ଜଳ ହୋଇ ଦିଶୁଛି। ସଞ୍ଜୀବ ମଲ୍ଲିକ କହିଥିଲେ ଯେ ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ସର୍ବନିମ୍ନ ନିତ୍ୟ ଆବଶ୍ୟକୀୟ ଜିନିଷ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି। ଭଦ୍ରକ ନିର୍ବାଚନ ମଣ୍ଡଳୀର ଅଧିକାଂଶ ପଞ୍ଚାୟତ ଅଞ୍ଚଳ ଜଳମଗ୍ନ ହୋଇସାରିଥିବା ବେଳେ, ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି। ବର୍ଷା ଲାଗି ରହିଥିବାରୁ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକ ମଧ୍ୟ ବନ୍ୟା ଆଶଙ୍କାର ସମ୍ମୁଖୀନ ହୋଇଛନ୍ତି। ପରିସ୍ଥିତିରେ ସୁଧାର ନଆସିଲେ, ଲୋକଙ୍କ ସ୍ୱାର୍ଥ ହାସଲ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

## +୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର, ୨୯।୭(ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବର୍ଗରେ ସମୁଦାୟ ୪୫୨୫ ପିଲା ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ୧୭୩୫ ଜଣ ଇନ୍‌ଷ୍ଟାଣ୍ଟ ଓ ୨୭୮୪ ଜଣ ଇମ୍ପ୍ରୁଭମେଣ୍ଟ ପରୀକ୍ଷାର୍ଥୀ ଅଛନ୍ତି। ଇନ୍‌ଷ୍ଟାଣ୍ଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୩୪ ଜଣ ପରୀକ୍ଷା ଦେଇଥିବାବେଳେ ମାତ୍ର ଜଣେ ପରୀକ୍ଷାରେ ଅନୁପସ୍ଥିତ ଥିଲା। ତନ୍ମଧ୍ୟରୁ ୧୪୦୩ ଜଣ ଅର୍ଥାତ୍ ୮୦.୯୧% କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। କଳାରେ ସର୍ବାଧିକ ୧୦୮୩ ଜଣ ପରୀକ୍ଷା ଦେଇଥିବାବେଳେ ୯୩୯ ଜଣ (୮୬.୭୦%) ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନରେ ୫୮୫ ଜଣଙ୍କ ମଧ୍ୟରୁ ୪୦୮ ଜଣ (୬୯.୭୪%), ବାଣିଜ୍ୟରେ ୪୯ ଜଣଙ୍କ ମଧ୍ୟରୁ ୪୦ ଜଣ (୮୧.୬୩%) ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୭ରୁ ୧୬ ଜଣ ପାସ୍ କରିଛନ୍ତି। ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଅଧିକ ସୂଚନା ଦେଇ କହିଛନ୍ତି ଯେ ପରୀକ୍ଷାର୍ଥୀମାନେ ଷଗ୍ଗ୍ରକ୍ଟୁ://ବ୍ସରଗ୍ମଙ୍କଷଗ୍ଗ୍ରୁ.କ୍ଟ୍ଯସଗ୍ମଷବ. ଶକ୍ଟଙ୍ଗ.ସଭ ୱେବସାଇଟ୍‌ରେ ସେମାନଙ୍କ ପରୀକ୍ଷା ଫଳ ଜାଣିପାରିବେ। ରୋଲ୍ ନମ୍ବର ଓ ପଞ୍ଜୀକରଣ ନମ୍ବର ଦେଇ ମାର୍କସିଟ୍ ଡାଉନ୍‌ଲୋଡ୍ ମଧ୍ୟ କରିପାରିବେ। ପରୀକ୍ଷା ଫଳ ପ୍ରତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇ-ସ୍ପେସରେ ଉପଲବ୍ଧ ହୋଇଛି। ଡିଜିଲକର୍ ମାଧ୍ୟମରେ ମାର୍କସିଟ୍ ଏବଂ ସାର୍ଟିଫିକେଟ୍ ପରି ଡିଜିଟାଲ୍ ଏକାଡେମିକ୍ ଡକ୍ୟୁମେଣ୍ଟ ପ୍ରଦାନ କରାଯିବ। ପିଲାମାନେ ସେମାନଙ୍କ ଶିକ୍ଷାନୁଷ୍ଠାନରୁ ଅଗଷ୍ଟ ୧୫ ତାରିଖ ମଧ୍ୟରେ ସାର୍ଟିଫିକେଟ୍ ଏବଂ ମାର୍କସିଟ୍‌ର ହାର୍ଡ କପି ପାଇପାରିବେ ବୋଲି ଡ. ପରିଡ଼ା କହିଛନ୍ତି।

# ସମ୍ପାଦକଙ୍କୁ ବ୍ଲାକମେଲିଂ, ସାମ୍ବାଦିକ ଗିରଫ

ବାରିପଦା, ୨୯।୭ (ସମିସ): ଭୁବନେଶ୍ୱର ଏୟାରଫିଲ୍ଡ ଥାନା ପୁଲିସ ବୁଧବାର ବାରିପଦାରୁ ଜଣେ ସାମ୍ବାଦିକଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ସାମ୍ବାଦିକ ଜଣଙ୍କ ହେଲେ ପ୍ରବୀର ବାରିକ। ସେ ଭୁବନେଶ୍ୱରରୁ ପ୍ରକାଶିତ ଓ ଓଡିଆ ଖବରକାଗଜର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ଅଟନ୍ତି। ଏକ ଓଡ଼ିଆ ସମ୍ବାଦପତ୍ରର ସମ୍ପାଦକ ତଥା ଏକ ଘରୋଇ ନର୍ସିଂ କଲେଜ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ସେଠୀ(ଭୁବନେଶ୍ୱର ରାଜେନ୍ଦ୍ର ବିହାର ଆପାର୍ଟମେଣ୍ଟର ବାସିନ୍ଦା)ଙ୍କୁ ଅଭିଯୁକ୍ତ ଜଣଙ୍କ ନିଜକୁ କ୍ରାଇମ୍ ବ୍ରାଞ୍ଚ ଅଧିକାରୀ ବୋଲି ପରିଚୟ ଦେଇ ତାଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି।



ଅଭିଯୋଗ ଅନୁସାରେ, କିଛି ଦିନ ପୂର୍ବରୁ ଅଭିଯୁକ୍ତଙ୍କ ସାମ୍ବାଦିକା ପତ୍ନୀ ପ୍ରତିମା ବାରିକଙ୍କ ସହ ମିଶି ମୋବାଇଲ୍ ନମ୍ବର ୭୯୭୮୯୪୬୮୯୧ ଓ ୯୦୭୮୮୦୨୯୩୧ରୁ ଯୋଗାଯୋଗ କରି ଏଆଇ ସମ୍ପାଦିତ ଫଟୋ ଓ ଭିଡିଓ ଦେଖାଇଥିଲେ। ଏଥିରେ ବିକାଶ ଚନ୍ଦ୍ର ସେଠୀଙ୍କୁ ଏକ ଯୁବତୀଙ୍କ ସହିତ ଦେଖାଯାଇଥିଲା। ସେମାନେ କହିଥିଲେ ଯେ ଏହି ଅଭିଯୋଗଯୋଗ୍ୟ ଫଟୋ ଓ ଭିଡିଓ ଅନଲାଇନ୍‌ରେ ପ୍ରଚାର କରାଯିବ ଏବଂ ତାଙ୍କ ବିରୁଦ୍ଧରେ ଅପରାଧିକ ମାମଲା ଦାଖଲ କରାଯିବ। ଏହା ରୋକିବା ପାଇଁ ସେମାନେ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ବାରମ୍ବାର ଫୋନ୍ କରି ଧମକ ଦେଇ ତାଙ୍କ ସମ୍ମାନ ଓ ସୁନାମକୁ କ୍ଷତି ପହଞ୍ଚାଇବାର ଭୟ ଦେଖାଇଥିଲେ। ଏହି ଘଟଣା ୧୦ ଜୁଲାଇରୁ ୧୬ ଜୁଲାଇ ୨୦୨୬ ମଧ୍ୟରେ ଘଟିଥିବା ବେଳେ ୨୦ ଜୁଲାଇ ୨୦୨୬ରେ ଏୟାରପୋର୍ଟ ଥାନାରେ କେଶ ନଂ ୦୩୩୦ ଦାଖଲ ହୋଇଛି। ଏଥିରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ୨୦୨୩ର ଧାରା ୨୯୬, ୩୫୧(୨), ୩୦୮(୨), ୩୧୯(୨), ୩(୫) ସହିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଏବଂ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୭(ଏ) ଅନୁସାରେ ମାମଲା ପଞ୍ଜିକୃତ ହୋଇଛି। ଏଥିରେ ପ୍ରବୀରଙ୍କ ପତ୍ନୀ ମଧ୍ୟ ଅଭିଯୁକ୍ତ ଅଛନ୍ତି। ତେବେ ଏୟାରପୋର୍ଟ ପୁଲିସ ଚଢାଉ ପାଇଁ ଆସିଥିବା ବେଳେ ସାଥିରେ ମହିଳା ପୁଲିସ ନଥିବାରୁ ତାଙ୍କୁ ପରବର୍ତ୍ତୀ ସମୟରେ ଗିରଫ କରାଯିବ ବୋଲି ପୁଲିସ କହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଃ! କି ବଢ଼ି...

ମନ୍ତ୍ରୀ କହିଥିବା ବେଳେ ମେଡିକାଲ ଟିମ୍ ମୁତୟନ କରାଯାଇଥିବାବେଳେ ଆବଶ୍ୟକ ଔଷଧ ମହଜୁଦ ରଖାଯାଇଛି ଏବଂ ସାପ କାମୁଡ଼ାର ଚିକିତ୍ସା ପାଇଁ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକ୍ସନ୍ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ଅନ୍ୟପଟେ ସମସ୍ତ ନଦୀବନ୍ଧ, ରିଲିଫ କେନ୍ଦ୍ର ଓ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ ବାଧ୍ୟତାମୂଳକ କରାଯାଇଛି। କ୍ଷତିଗ୍ରସ୍ତ ଘରଗୁଡ଼ିକର ଆକଳନ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପ୍ରଭାବିତ ପରିବାରମାନଙ୍କୁ ସରକାରୀ ନିୟମାବଳୀ ଅନୁଯାୟୀ ସହାୟତା ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ଜରୁରୀ ଉଦ୍ଧାର କାର୍ଯ୍ୟ ବେଳେ ବିଦ୍ୟୁତ୍ ସ୍ପର୍ଶରେ ଜଣେ ଅଗ୍ନିଶମ ସେବା କର୍ମଚାରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ମନ୍ତ୍ରୀ ଓ ଉପସ୍ଥିତ ସମସ୍ତ ଅଧିକାରୀ ଗଭୀର ଶୋକ ପ୍ରକାଶ କରିଥିଲେ। ମୃତକଙ୍କ ପରିବାରକୁ ତୁରନ୍ତ ସମସ୍ତ ସରକାରୀ ସହାୟତା ଓ ପ୍ରାପ୍ୟ ସୁବିଧା ପ୍ରଦାନ କରିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ସମ୍ପୃକ୍ତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ମୁକାବିଲାକୁ ଆହୁରି ସୁଦୃଢ଼ କରିବା ପାଇଁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ୪ ଜିଲ୍ଲାରେ ୨୦ ଟି ଓଡ୍ରାଫ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଛି। ଏହାସହିତ ସମ୍ବଲପୁରରେ ଆଗକୁ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ଓଡ୍ରାଫ୍ ଟିମ୍ ନିୟୋଜିତ କାରଯାଇଛି। ଏହି ସ୍ଥିତିରେ ରାଜ୍ୟ ସରକାର ସମସ୍ତ ଜିଲ୍ଲା ପ୍ରଶାସନ ଏବଂ ସଂପୃକ୍ତ ବିଭାଗ ସହ ନିରନ୍ତର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

### ବୈତରଣୀ ବନ୍ୟାରେ...

ବିପଦ ସଙ୍କେତ ତଳକୁ ଖସିଛି, ହେଲେ ଏବେ ବି ଆଖୁଆ ପଦାଠାରେ ଏହା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ବୁଢ଼ାବଳଙ୍ଗ ମଧ୍ୟ ଏନ୍‌ଏଚ୍-୫ଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ମହାନଦୀ ନରାଜଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ଉତ୍ତର ଓଡ଼ିଶାରେ ମୁଖ୍ୟତଃ ପୂର୍ଣ୍ଣିମା ଯୋଗୁଁ ସମୁଦ୍ରକୁ ପାଣି ନିଷ୍କାସିତ ହୋଇପାରୁ ନାହିଁ। ଫଳତଃ ଏବେ ବି ଶତାଧିକ ଗାଁ ଜଳଘେରରେ ରହିଛି। ବୈତରଣୀ ନଦୀରେ ବନ୍ୟା ଯୋଗୁଁ ଯାଜପୁରର ଦଶରଥପୁର, ଭଦ୍ରକର ଧାମନଗର ଓ ଚାନ୍ଦବାଲି ଅଞ୍ଚଳରେ ବନ୍ୟା ପାଣି ପଶିଛି ଓ ଏଠାରେ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଶାଳନ୍ଦୀ ନଦୀରେ ଇନ୍‌ଫ୍ଲୋ କମିଥିବାରୁ ଭଦ୍ରକର ବନ୍ୟା ସ୍ଥିତି ଆସନ୍ତାକାଲି ସୁଦ୍ଧା ସୁଧୁରିବ ବୋଲି ଆକଳନ କରାଯାଇଛି। ତେବେ ଆନନ୍ଦପୁର ଓ ଯାଜପୁରରେ ନଦୀବନ୍ଧରେ ଛୋଟ ଘାଇ ସୃଷ୍ଟି ହୋଇଥିବା ବେଳେ ପାଣି କମିବା ପରେ ତୁରନ୍ତ ମରାମତି କରାଯିବ ବୋଲି ଆକଳନ କରାଯାଉଛି।

ଅନ୍ୟପଟେ ଉତ୍ତର ଓଡ଼ିଶାରେ ବୈତରଣୀର ଦାଉ କମି ନ ଥିବା ବେଳେ ମହାନଦୀ ଏବେ ଚିନ୍ତା ବଢ଼ାଇବାରେ ଲାଗିଛି। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ସ୍ପଷ୍ଟ କରିଛନ୍ତି ଯେ, ଗୁରୁବାର ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀରେ ୮.୫ରୁ ୯ ଲକ୍ଷ କ୍ୟୁସେକ୍ ପାଣି ପହଞ୍ଚିପାରେ। ଏହାର ପ୍ରଭାବରେ ଦୟା ଓ ମହାନଦୀର ତଳିଆ ଅଞ୍ଚଳରେ ଛୋଟରୁ ମଧ୍ୟମ ଧରଣର ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ମୁଣ୍ଡଳୀରେ ଏବେ ୫ ଲକ୍ଷ ୮୭,୫୬୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଧୀରେ ଧୀରେ ଜଳର ପରିମାଣ ବଢ଼ିବାରେ ଲାଗିଛି। ହୀରାକୁଦ ଜଳଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୬୧୭.୯୧ ଫୁଟ୍ ରହିଛି। ଦୁଇଟି ଗେଟ୍ ଦେଇ ସେଠାରୁ ପାଣି ନିଷ୍କାସନ ଚାଲିଥିଲେ ମଧ୍ୟ, ତେଲ୍ ନଦୀ ଅବବାହିକା ସମେତ ବଲାଙ୍ଗିର ଓ ଖଇରମାଳ ଅଞ୍ଚଳରେ ଅଧିକ ବର୍ଷା ହେବାରୁ ମହାନଦୀକୁ ବହୁ ପରିମାଣର ଜଳ ପ୍ରବେଶ କରୁଛି। ଫଳରେ ମୁଣ୍ଡଳୀରେ ବନ୍ୟା ଜଳ ପ୍ରବାହ ବଢ଼ିବା ସହ ପରଦିନ ଦୟା ଓ ମହାନଦୀର ତଳିଆ ଅଞ୍ଚଳରେ ବନ୍ୟାର ପ୍ରଭାବ ଦେଖାଯିବ ବୋଲି ଆଶଙ୍କା କରାଯାଉଛି। ମହାନଦୀରେ ବନ୍ୟା ଆସିବା ଯୋଗୁଁ ବିଶେଷ କରି ପୁରୀ ଜିଲ୍ଲାର ନିମାପଡ଼ା, କଣାସ, ଗୋପ ଓ ଅସ୍ତରଙ୍ଗ ଭଳି ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବାର ସମ୍ଭାବନା ରହିଛି। ସେଥିପାଇଁ ସ୍ଥାନୀୟ ପ୍ରଶାସନକୁ ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଜଳ ସମ୍ପଦ ବିଭାଗ ପରାମର୍ଶ ଦେଇଛି।

### ପ୍ରତ୍ୟେକ ଜୀବନ...

ପଦକ୍ଷେପରେ ଲୋକଙ୍କ ସହିତ ଛିଡ଼ା ହୋଇଛନ୍ତି। ପ୍ରଶାସନର ସୂଚନାକୁ ପାଳନ କରିବା ସହ ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଛନ୍ତି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିଚାଳନା, ସ୍ଥାନାନ୍ତରଣ ଓ ରିଲିଫ୍ କାର୍ଯ୍ୟକୁ ସ୍ୱୟଂ ତଦାରଖ କରିବା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଜଳସ୍ତର ଓ ପରିସ୍ଥିତି ଉପରେ ସାକ୍ଷାତ ନଜର ରଖିବା ପାଇଁ ଏସଆରସି କାର୍ଯ୍ୟାଳୟ ଓ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟା ଖୋଲା ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଓଡ୍ରାଫ, ଏନ୍‌ଡିଆର୍‌ଏଫ, ଅଗ୍ନିଶମ ଓ ପୁଲିସ ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ସମସ୍ତ ଆଶ୍ରୟସ୍ଥଳୀରେ ବିଶୁଦ୍ଧ ପାନୀୟ ଜଳ, ରନ୍ଧାଖାଦ୍ୟ, ଜରୁରୀ ସ୍ୱାସ୍ଥ୍ୟସେବା, ସର୍ପାଘାତ ପ୍ରତିଷେଧକ ଔଷଧ ଏବଂ ଗୃହପାଳିତ ପଶୁଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ଆଶ୍ରୟସ୍ଥଳୀକୁ ଆସୁଥିବା ନାଗରିକଙ୍କ ବାସଗୃହ ଓ ଧନସମ୍ପତ୍ତିର ସୁରକ୍ଷା ନିଶ୍ଚିତ କରିବା ପାଇଁ ପୁଲିସ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ଓ ଚାଷଜମି ପାଇଁ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ରାଜ୍ୟରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥିତି ଉପରେ ନିରନ୍ତର ନଜର ରଖିଛି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଆଲୋଚନା କରି ପ୍ରଭାବିତ ଅଞ୍ଚଳରେ ପରିସ୍ଥିତି ପଚାରି ବୁଝିବା ସହ ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛି।

### ସରକାରୀ ବସ୍ ଡ୍ରାଇଭର...

ଆଣିଥିଲେ ବା ଆୟ କରିଥିଲେ, ସେ ନେଇ ତଦନ୍ତକାରୀ ଦଳ ଅଧିକ ପଚରାଉଚୁରା ଜାରି ରଖିଛନ୍ତି। ବେଆଇନ କାରବାର ଏବଂ କଳାଧନ ଠୁଳ ଅଭିଯୋଗରେ ପୁଲିସ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି। ଏହି ଘଟଣାରେ ଅନ୍ୟ କୌଣସି ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ବେଆଇନ ସଂସ୍ଥାର ହାତ ରହିଛି କି ନାହିଁ, ତାହା ଆଗାମୀ ତଦନ୍ତରୁ ସ୍ପଷ୍ଟ ହେବ।

### ଗୃହ ତତାଇଲେ...

କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ।

ଲୋକସଭାରେ ଆଗତ ପ୍ରଶ୍ନପତ୍ର ଲିକ୍ ବିଲ ଉପରେ ଆଲୋଚନା ବେଳେ ଆଜି ରାହୁଲ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଟାର୍ଗେଟ କରିବାରୁ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ରାହୁଲ ଅଭିଯୋଗ କରିଥିଲେ ଯେ ଗତ ଜୁଲାଇ ୨୦ ତାରିଖରେ ଛାତ୍ର ଆନ୍ଦୋଳନକାରୀଙ୍କୁ ଗୁଳି କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏପରି ବଳପ୍ରୟୋଗ ନିଷ୍ପତ୍ତି କେବଳ ସ୍ୱରାଷ୍ଟ୍ର ମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନରେ ହିଁ ସମ୍ଭବ। ଏହି କାରଣ ପାଇଁ ଶାହ ଗୃହକୁ ଆସିବାକୁ ସାହସ ଜୁଟାଇ ପାରୁନାହାନ୍ତି ବୋଲି ସେ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟର ଶାସକ ଦଳର ସାଂସଦମାନେ ତୀବ୍ର ପ୍ରତିବାଦ କରିବା ସହ ରାହୁଲଙ୍କଠାରୁ ପ୍ରମାଣ ଏବଂ କ୍ଷମାପ୍ରାର୍ଥନା ଦାବି କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାହୁଲଙ୍କ ଏହି ମନ୍ତବ୍ୟକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଗୃହର ମର୍ଯ୍ୟାଦା ହାନି ବୋଲି ଦର୍ଶାଇଥିଲେ। ରାହୁଲ ନିଜ ଅଭିଯୋଗର ଉପଯୁକ୍ତ ପ୍ରମାଣ ଦିଅନ୍ତୁ କିମ୍ବା ଗୃହରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି ଉଠିଥିଲା। ବାଚସ୍ପତି ଓମ୍ ବିର୍ଲା ମଧ୍ୟ ବିରୋଧୀ ଦଳ ନେତାଙ୍କୁ କୌଣସି ପ୍ରମାଣ ବିନା ଏପରି ଗୁରୁତର ଅଭିଯୋଗ ନ ଆଣିବାକୁ ଏବଂ ମୂଳ ବିଷୟବସ୍ତୁ ଉପରେ ଆଲୋଚନା ସୀମିତ ରଖିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ରାହୁଲଙ୍କ ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦିଆଯାଇଥିଲା।

ସନ୍ଧ୍ୟା ବେଳେ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ଅଭିଯୋଗ କରିଥିଲେ ସେ ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅମିତ ଶାହଙ୍କୁ ଦାୟୀ କରିବାରୁ ତାଙ୍କୁ ସଂସଦରେ କହିବାକୁ ଦିଆଯାଇନଥିଲା। ସେ କହିଥିଲେ ଯେ ଯଦି ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ଆଦେଶ ଦେଇଛନ୍ତି, ତେବେ ସେ ଦୋଷୀ। ଆଉ ଯଦି ସେ ଏ ବିଷୟରେ କିଛି ଜାଣିନଥିଲେ, ତେବେ ସେ ନିଜ ଦାୟିତ୍ୱ ତୁଲାଇବାରେ ଅକ୍ଷମ। ଏହି ସଂଘାତିକ ଅଭିଯୋଗକୁ ଶାସକ ଦଳ ଦୃଢ଼ ଭାବେ ଖଣ୍ଡନ କରିଛି। ତେବେ ସେ ଯାହା କହିଛନ୍ତି, ତାହା ଠିକ୍ ଏବଂ ସେ କ୍ଷମା ପ୍ରାର୍ଥନା କରିବେ ନାହିଁ ବୋଲି ରାହୁଲ ସ୍ପଷ୍ଟ କରିଛନ୍ତି। ସେ କହିଲେ ଯେ ପୁଲିସ ବର୍ବରତା ପାଇଁ ଶାହଙ୍କୁ ପ୍ରଧାମନ୍ତ୍ରୀ ବରଖାସ୍ତ କରିବା ଉଚିତ। ପୁଲିସର ଏଭଳି ବର୍ବରତାର ସୁପ୍ରିମ କୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ମଧ୍ୟ ହେବା ଆବଶ୍ୟକ। ତେବେ ସେ କୌଣସି ପରିସ୍ଥିତିରେ ବିଜେପି-ଆରଏସଏସକୁ କ୍ଷମା ପ୍ରାର୍ଥନା କରିବେ ନାହିଁ ବୋଲି ରାହୁଲ କହିଥିଲେ। ଏହାସହିତ ସେ ଛାତ୍ରମାନଙ୍କୁ ତିନିଟି ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ ଆହତ ଆନ୍ଦୋଳନକାରୀଙ୍କୁ ନ୍ୟାୟ ଦେବାରେ ସହାୟତା କରିବେ। ପେଲେଟ ଗନ୍ ମାଡ଼ କରିଥିବା ଦୋଷୀଙ୍କୁ ଦଣ୍ଡିତ କରାଇବେ ଏବଂ ସମଗ୍ର ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କୁ କାଠଗଡ଼ାରେ ଠିଆ କରାଇବେ।

### ହଙ୍ଗାମା ମଧ୍ୟରେ...

ଯନ୍ତରମନ୍ତରଠାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜୁଲାଇ ୨୦ ତାରିଖରେ ସଂସଦ ଅଭିମୁଖେ ପଦଯାତ୍ରା ସମୟରେ ପୋଲିସ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଶନିବାର ଦିନ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ ସରକାର ଅନ୍ୟାନ୍ୟ ଦାବି ଗ୍ରହଣ କରିବା ପରେ ଦୀର୍ଘ ୩୬ ଦିନର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।ସେହିଭଳି ରାଜ୍ୟସଭାରେ ଆଜି ବନ୍ଦେମାତରମ ବିଲ୍ ମଧ୍ୟ ଗୃହୀତ ହୋଇଛି। ଜାତୀୟ ଗୀତ 'ବନ୍ଦେ ମାତରମ୍'କୁ ଅନାଦର କିମ୍ବା ଅପମାନିତ କରିବାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରିବା ପାଇଁ ରାଜ୍ୟସଭାରେ ଏହି ବିଲ୍ ପାରିତ ହୋଇଛି। ଜାତୀୟ ସମ୍ମାନ ଅବମାନନା ନିରୋଧ (ସଂଶୋଧନ) ବିଲ୍ ୨୦୨୬ ବାଚନିକ ଭୋଟ୍ ଦ୍ୱାରା ଗୃହୀତ ହୋଇଛି। ଏହି ବିଲ୍ ଜରିଆରେ 'ବନ୍ଦେ ମାତରମ୍'କୁ ଜାତୀୟସଙ୍ଗୀତ 'ଜନ ଗଣ ମନ' ଭଳି ସମାନ ଆଇନଗତ ସୁରକ୍ଷା ପ୍ରଦାନ କରାଯାଇଛି। ନୂତନ ନିୟମ ଅନୁଯାୟୀ, ଜାତୀୟ ପତାକା, ସମ୍ବିଧାନ, ଜାତୀୟ ସଙ୍ଗୀତ ଏବଂ 'ବନ୍ଦେ ମାତରମ୍' ପ୍ରତି କୌଣସି ଅନାଦର କଲେ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡବିଧାନର ପ୍ରାବଧାନ ରହିଛି। 'ବନ୍ଦେ ମାତରମ୍' ରଚନାର ୧୫୦ତମ ଜୟନ୍ତୀ ପାଳନ ଅବସରରେ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

### ମନମୋହନଙ୍କୁ...

ଦିଆଯାଇଛି। ମନମୋହନ ସିଂହଙ୍କ ଦେହାନ୍ତ ହୋଇଥିଲେ ସୁଦ୍ଧା ତାଙ୍କ ସମ୍ମାନ ଓ ସ୍ୱଚ୍ଛ ଭାବମୂର୍ତ୍ତି ରକ୍ଷା ପାଇଁ କୋର୍ଟ ଏହି ଆବେଦନର ଶୁଣାଣି କରିଥିଲେ। ମନମୋହନ ସିଂହଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି ମାମଲା ପରିଚାଳନା କରିଥିଲେ। ହିଣ୍ଡାଲକୋ କମ୍ପାନୀକୁ କୋଇଲା ବ୍ଲକ ଆବଣ୍ଟନ କରିବା ଏକ ପ୍ରଶାସନିକ ନିଷ୍ପତ୍ତି ଥିଲା ଏବଂ ଏଥିରେ କୌଣସି ବେଆଇନ କାର୍ଯ୍ୟ ହୋଇ ନ ଥିଲା ବୋଲି ସିବଲ କୋର୍ଟରେ ଯୁକ୍ତି ରଖିଥିଲେ।

### ନଥିରେ ଯୋଜନା...

ମାତ୍ର ଏହି ବର୍ଗର ଲୋକମାନଙ୍କର ବିକାଶ ପାଇଁ କେନ୍ଦ୍ରରେ ତାଙ୍କରି ମନ୍ତ୍ରଣାଳୟ ଓଡ଼ିଶାକୁ ଅନୁଦାନ ଦେବାରେ କାର୍ପଣ୍ୟ କରିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାତ୍ର ଏହି ଯୋଜନାରେ ଅନୁଦାନ ପ୍ରଦାନ ସମ୍ପର୍କରେ ଖୋଦ୍ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱୈତ ଉତ୍ତରକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଗୋଟିଏ ପ୍ରଶ୍ନର ଉତ୍ତରରେ ପିଏମ୍-ଜନମନ ଯୋଜନାରେ ଓଡ଼ିଶାକୁ ଆଦୌ ଅନୁଦାନ ମିଳି ନ ଥିବା ସୂଚନା ଦେଇଥିବାବେଳେ ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ ରାଜ୍ୟକୁ ୨୦୨୫-୨୬ ବର୍ଷରେ ୧.୯ କୋଟି ଅନୁଦାନ ମଞ୍ଜୁର ହୋଇଥିବା ତଥ୍ୟ ରଖିଛନ୍ତି। ଏକ ପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ସମୟରେ ୧୨୨ କୋଟି ଟଙ୍କାରୁ ୨ ବର୍ଷରେ ୧.୯ କୋଟି ଅନୁଦାନ ଯଦି ସତରେ ରାଜ୍ୟକୁ ମିଳିଥାଏ, ତାହା ମଧ୍ୟ ପୀଡ଼ାଦାୟକ ବୋଲି କୁହାଯାଉଛି । ରାଜ୍ୟରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଦାନ, ଶିକ୍ଷା, ଜୀବିକା, ଭିତ୍ତିଭୂମି ଓ ସାମାଜିକ-ଆର୍ଥିକ ବିକାଶ ସଂକ୍ରାନ୍ତରେ ସାଂସଦ ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଓ୍ୱିକେ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପାଇଁ ଓଡ଼ିଶାକୁ ୭୨୭.୫୯ କୋଟି ମଞ୍ଜୁର ହୋଇଥିବାବେଳେ ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି ବାବଦରେ ୨୯୪ କୋଟି ମୁକ୍ତ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୨୭୫(୧) ଅନ୍ତର୍ଗତ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ୧୦୯.୭୬ କୋଟି ପ୍ରଦାନ କରାଯାଇଛି। ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୨୦୨୫-୨୬ରେ ୧୧.୩୯ କୋଟି ଅର୍ଥ ମଞ୍ଜୁର କରାଯାଇଛି। ପିଏମ୍ ଜନଜାତୀୟ ବିକାଶ ମିଶନ ପାଇଁ ୨୩.୭୪ କୋଟି, ଟ୍ରାଇବାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପାଇଁ ୩.୬୦ କୋଟି ସହାୟତା ଦିଆଯାଇଛି। କେତେକ ଯୋଜନାରେ ଅନୁଦାନଗୁଡ଼ିକର ବିନିଯୋଗ ପ୍ରମାଣପତ୍ର (ୟୁସି) ମିଳିଥିବାବେଳେ ଅନ୍ୟ କେତେକ ଯୋଜନାରେ ବିନିଯୋଗପତ୍ର ରାଜ୍ୟ ସରକାର ଦେଇ ନ ଥିବା ମନ୍ତ୍ରୀ ଶ୍ରୀ ଓ୍ୱିକେ କହିଛନ୍ତି।


ପୂର୍ବ ତଟ ରେଳପଥ

AFFIDAVIT
By virtue of an affidavit sworn before 833, dated-04/07/26, I Smt Chhabita Ram Address: At-Patharchatia, Po-Bainchanuagaon, Ps-Rasgovindpur, Mayurbhanj, Odisha, Pin-757020, my son Adhar Card no:- 518544237741 declare that I have changed my Son's name from JHINA RAM (old name) to JEENA RAM (new name) Henceforth, she shall be known as JEENA RAM (new name) for all future purposes.

ଦଲିଲ ହଜିଛି

AFFIDAVIT
By virtue of an affidavit no.5913 before Notary Public, Sunabeda, dtd. 29.07.2026, I, Mohan Nayak, Vill- Luhaba, P.O. Gubal, P.S. Nandapur, Dist. Koraput hereby declare that my Aadhaar Card contains incorrect entries. My name has been wrongly recorded as Mahan Nayak instead of Mohan Nayak, my father's name as Madhab Nayak instead of Balaram Nayak, and my date of birth as 11.06.2000 instead of 18.08.2000. All the above names refer to the same persons.
Mohan Nayak

AFFIDAVIT
I Ruksana Rajjak D/O Abdul Rajjak At.3rd Lane Shiridi Sai Nagar, Po/PS. Nabarangapur, Dist- Nabarangapur, Pin 764059 . Declare by this affidavit no 26516 dated 29/07/2026 that now onwards I shall be known as Ruksana Bano for all future purposes

OFFICE OF THE PRINCIPAL,
SIDDHARTHA DEGREE COLLEGE, BINKA,
DIST-SUBARNAPUR
EMAIL ID:-siddharthadegreecollegebinka@gmail.com
QUOTATION CALL NOTICE
No. 1476 Dt. 29-07-26
Sealed Quotations are invited from GST Registered Firms /Authorised dealers/ Distributors for supply of IT infrastructure items: (1) Desktop (i5-13th Generation)-05, (2) UPS (600VA)-05, (3) Multi Function Printer-01, (through speed post/Regd Post/Courier etc) on or before 07.08.2026. The undersigned reserves the right to cancel any quotation without assigning any reason thereof.
For detail specification please visit our official website (www.siddharthadegreecollegebinka.org)
Sd/- Principal
Siddhartha Degree College, Binka
Mob No.9937802575

GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, KORAPUT
AT: PUJARIPUT (OLD LIC BUILDING), DIST: KORAPUT, PIN-764020
E-MAIL: eikoraput-od@od.gov.in
No. 693 / Dated 27.07.2026
CORRIGENDUM-EXTENSION OF TENDER SUBMISSION DATE
In continuation to this office Tender Call Notice Letter No. 604 / Dated 06.07.2026, the undersigned is pleased to extend the deadline for submission of sealed quotation / tender documents for hiring of Electric Vehicle of the Additional Chief Engineer-Cum-Electrical Inspector, Koraput up to 14.08.2026 at 03:00 PM and shall be opened on the same day at 04.00 PM in presence of the bidders or their authorized representatives.
All other terms and conditions of the original quotation call notice Letter No. 604 / Dated 06.07.2026 shall remain unchanged.
Additional Chief Engineer
-Cum-Electrical Inspector, Koraput
OIPR-4001/4098/1/26-27/0083

MUNICIPAL OFFICE: JEYPORE
13001/1323/2627
Ph. No.06854-321098, Fax No.06854-230104, Email- jeyporem.hud@nic.in
Letter No. 3712/JM Date: 28.7.26
Offline Tender Call Notice

| | |
|---|---|
| TCN Documents available at | http://www.jeyporemunicipality.in http://koraput.odisha.gov.in |
| No of works. | 01 |
| Estimated cost/ EMD Cost/ Paper Cost | As per DTCN |
| Date & Time of Bidding | From 30.07.2026 at 11:00 Hours to 07.08.2026 Upto 16:00 Hours |
| Last date & time for receipt of bids through speed post | 11.08.2026 Upto 11:00 Hours |
| Documents shall be opened in presence of the Participate Bidders | 11.08.2026 at 12:00 Hours onwards |

OIPR-13001/13679/1/26-27/0021
Executive Officer
Jeypore Municipality

## ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ

# ଖୋଲିଲା କେନ୍ଦ୍ରୀୟ ପରୀକ୍ଷାଗାର

ଯାଜପୁର, ୨୯।୭ (ସମିସ)

ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ ଯାଜପୁରର କେନ୍ଦ୍ରୀୟ ପରୀକ୍ଷାଗାର କୁ ଆଜି ସକାଳେ ଜିଲ୍ଲାପାଳ ଅମ୍ବର କୁମାର କର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ଜାମି ସାଗର ପୃଷ୍ଟି, ଅଧୀକ୍ଷକ ଡ. ନଗେନ୍ଦ୍ର ନାଥ ମହାପାତ୍ର, ସିଡିଏମ୍ ଓ ପିଏଚ୍‌ଓ, ଯାଜପୁର ଡ. ମନୋଜ କୁମାର ସେନାପତି, ଡିଏମ୍‌ଓ-କମ୍-ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର ଡ. ସୁଜିତ କୁମାର ସ୍ୱାଇଁ, ପାଥୋଲୋଜି ବିଶେଷଜ୍ଞ ପ୍ରଫେସର ରାକେଶ କୁମାର ପଣ୍ଡା, ବିଭାଗୀୟ ମୁଖ୍ୟ, ମାଇକ୍ରୋବାୟୋଲୋଜି ପ୍ରଫେସର ପ୍ରଣତି ପ୍ରଧାନ, ବିଭାଗୀୟ ମୁଖ୍ୟ ପାଥୋଲୋଜି ପ୍ରଫେସର ପ୍ରଜ୍ଞାନ ପ୍ରିୟଦର୍ଶିନୀ ଦାସ, ବାୟୋକେମିଷ୍ଟ୍ରି ବିଭାଗ; ସମସ୍ତ କ୍ଲିନିକାଲ ବିଭାଗର ମୁଖ୍ୟ,



ହସ୍ପିଟାଲ ମ୍ୟାନେଜର, ସେକ୍ସନ ଅଫିସର, ଆକାଉଣ୍ଟସ୍ ଅଫିସର, ଲାବୋରେଟୋରି ଟେକ୍ନିକାଲ ଅଫିସର, ଲାବୋରେଟୋରି ଟେକ୍ନିସିଆନ୍ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କେନ୍ଦ୍ରୀୟ ପରୀକ୍ଷାଗାର ମାଧ୍ୟମରେ ରୋଗୀମାନଙ୍କୁ ଉନ୍ନତମାନର ରୋଗ ନିର୍ଣ୍ଣୟ ସେବା ଏକ ସ୍ଥାନରେ ଉପଲବ୍ଧ ହେବ, ଯାହା ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବ। ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି କେନ୍ଦ୍ରୀୟ ପରୀକ୍ଷାଗାରରେ ରୋଗୀମାନଙ୍କ ପାଇଁ ସମସ୍ତ ଦିବସରେ ସେବା ଉପଲବ୍ଧ ରହିବ। ନମୁନା ସଂଗ୍ରହ ସମୟ ସକାଳ ୮.୩୦ ଘଟିକାରୁ ଦିନ ୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ପରୀକ୍ଷା ରିପୋର୍ଟ ବିତରଣ ସମୟ ଅପରାହ୍ନ ୩.୦୦ ଘଟିକାରୁ ୪.୦୦ ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି। ଏହି କେନ୍ଦ୍ରୀୟ ପରୀକ୍ଷାଗାରର ଶୁଭାରମ୍ଭ ଫଳରେ ଯାଜପୁରର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହିତ ଜିଲ୍ଲାବାସୀଙ୍କୁ ଗୁଣାତ୍ମକ ଓ ସମୟୋପଯୋଗୀ ରୋଗ ନିର୍ଣ୍ଣୟ ସେବା ପ୍ରଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ବନ୍ୟା ଆଶଙ୍କା; ବରୀ ବ୍ଲକରେ ପ୍ରଶାସନିକ ତତ୍ପରତା

ବରୀ, ୨୯।୭ (ସମିସ): ଲଗାଣ ବର୍ଷା ଯୋଗୁଁ ବରୀରେ ବନ୍ୟା ଆଶଙ୍କା କରି ପ୍ରାଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଆଜି ବ୍ରାହ୍ମଣୀ ଓ ଦୁଧେଇ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ବରୀ ଅଞ୍ଚଳର ବିଭିନ୍ନ ନଦୀ ବନ୍ଧକୁ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ପରିଦର୍ଶନ କରିଛନ୍ତି। ସମ୍ଭାବ୍ୟ ବନ୍ୟାକୁ ଆଖି ଆଗରେ ରଖି ବ୍ଲକ ପ୍ରଶାସନ ତରଫରୁ ପଞ୍ଚାୟତ ୱାରି କର୍ମଚାରୀମାନଙ୍କୁ ଦାୟିତ୍ୱ ଅର୍ପଣ କରିବା ସହିତ ୨୪ ଘଣ୍ଟା ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧ୍ୟାରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ପହଞ୍ଚି ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ, ବିଡିଓ ମୀନତି ଜଗଦେବ, ତହସିଲଦାର ଦିପ୍ତିମୟୀ ବେହେରା, ଥାନା ଅଧିକାରୀଣୀ ହେମଲତା ଦାସ, ଜଳସମ୍ପଦ ଉପଖଣ୍ଡ ଅଧିକାରୀ ମନୋରଞ୍ଜନ ତ୍ରୀପାଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ସହ ଯେ କୌଣସି ପ୍ରତିକୂଳ ପରିସ୍ଥିତିରୁ ଯେଭଳି ବରୀ ଅଞ୍ଚଳର ଜନ ସାଧାରଣ ପ୍ରଭାବିତ ନ ହୁଅନ୍ତି ସେ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମୟରେ ଜିଲ୍ଲା ପରିଷଦ ଅଶୋକ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ ଓ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ପ୍ରସନ୍ନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରଖର ସ୍ରୋତରେ ଭାସିଯାଇ ଯୁବକ ନିଖୋଜ୍

ଯାଜପୁର, ୨୯।୭ (ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ସିମିଳିଆ ପଞ୍ଚାୟତ ସିମିଳିଆ ହରିଜନ ସାହିର ଭୀମ ଜେନାଙ୍କ ପୁତ୍ର ମନୋଜ ଜେନା(୩୫) ନିଜ ଘରକୁ ଫେରୁଥିବା ସମୟରେ ସେଠାରେ ଥିବା ଅଙ୍କୁରା ଘାଇ ଘୋଷରା ପାର ହେଉଥିବା ବେଳେ ବନ୍ୟା ପାଣିର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଥିବା ଜଣାପଡ଼ିଛି। ଖବର ପାଇ ଓଡ୍ରାଫ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ବହୁତ ଖୋଜା ଖୋଜି କରି ନିରାଶ ହୋଇ ଫେରିଥିବା ଜଣାପଡ଼ିଛି।

## ଦେଶୀ ମହୁଲି ମଦ ଜବତ, ଜଣେ ଗିରଫ

ପାଣିକୋଇଲି, ୨୯।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତର ଛୋଟରାୟପୁର ଗ୍ରାମ ଛକରେ ଦେଶୀ ମଦ ବିକ୍ରିର ଖବର ପାଇ ଶଙ୍ଖଚିଲା ଫାଣ୍ଡି ପକ୍ଷରୁ ଚଢ଼ଉ କରାଯାଇଥିଲା। ଯାଜପୁରରୋଡ ମୁଣ୍ଡମାଳ ଅଞ୍ଚଳର ବୁଲା ମୁଣ୍ଡା(୫୨)ଙ୍କ ନିକଟରୁ ୨ଟି ପଲିଥିନ ଜରି ବ୍ୟାଗରେ ୧୦ ଲିଟର ଦେଶୀ ମହୁଲି ମଦ ଧରାଯାଇଥିଲା। ବୁଲାକୁ ଥାନାକୁ ଆଣିବା ପରେ ଏକ ମାମଲା ୨୯୧/୨୬ ରୁଜୁ କରାଯାଇ ମଦ ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଥିବା ଫାଣ୍ଡି ଅଧିକାରୀ ଏଏସଆଇ ଦେବପ୍ରସାଦ ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ। ବୁଲା ଏବେ ଛୋଟରାୟପୁରରେ ରହୁଛନ୍ତି।

## ଗ୍ରାମଦେବତୀଙ୍କ ପ୍ରଥମ ବାର୍ଷିକ ଉତ୍ସବ

ଜେନାପୁର, ୨୯।୭ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଦଇପୁର ଗ୍ରାମରେ ମା' ଗ୍ରାମଦେବତୀଙ୍କର ପ୍ରଥମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏକ ଶୋଭାଯାତ୍ରାରେ ଭଜନ କୀର୍ତ୍ତନ ସହ ଗ୍ରାମର ଲୋକେ କଳସୀ ନେଇ ବ୍ରାହ୍ମଣୀ ନଦୀରୁ ପବିତ୍ର ଜଳ ଆଣି ମଣ୍ଡପ ପ୍ରବେଶ କରିଥିଲେ। କଳସ ଯାତ୍ରା ପରେ ଘଟ ସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଧୂସ ଚଣ୍ଡୀ ପାଠ, ଯଜ୍ଞ ଆରମ୍ଭ ପଣ୍ଡିତମାନଙ୍କ ଦ୍ୱାରା କରାଯାଇଥିଲା। ମୁଖ୍ୟ କର୍ତ୍ତା ଭାବରେ ଶସ୍ତ୍ରୀକ ଦିଲ୍ଲିପ ସ୍ୱାଇଁ ଓ ସହଧର୍ମିଣୀ ସ୍ନେହଲତା ସ୍ୱାଇଁ ଦାୟିତ୍ୱ ସମ୍ପାଦନ କରି ଥିଲେ। ଏହି ଅବସରରେ ମା'ଙ୍କର ମହାସ୍ନାନ କରାଯିବା ସହିତ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ପରେ ପଣ୍ଡିତ ରଘୁନାଥ ଶତପଥୀ, ପ୍ରିୟନାଥ ଶତପଥୀ ଓ ଅଶ୍ୱିନୀ ଶତପଥୀଙ୍କ ଦ୍ୱାରା ଯଥାରୀତି ନୀତି ଅନୁଯାୟୀ ମା'ଙ୍କର ପୂଜାର୍ଚ୍ଚନା କରାଯିବା ସହିତ ଯଜ୍ଞ କାର୍ଯ୍ୟ ସମ୍ପାଦନ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ପରିପେକ୍ଷୀରେ ଗ୍ରାମର ବିଶିଷ୍ଟ ଗାୟକମାନେ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଚକ ସନ୍ଥ ଶିରୋମଣି ଡ. ସ୍ମୃତିସାଗର ସରସ୍ୱତୀଙ୍କ ଦ୍ୱାରା ପ୍ରବଚନ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। କୁନି ଗାୟିକା ସୁହାନା ଜେନାଙ୍କ ଦ୍ୱାରା ଭଜନ ପରିବେଷଣ କରିଥିଲେ।

## ବିରଜାକ୍ଷେତ୍ର ରୋଟାରୀର ପ୍ରତିଷ୍ଠା ଉତ୍ସବ



ଯାଜପୁର ଟାଉନ, ୨୯।୭ (ସମିସ): ଯାଜପୁର ସହରର ଅନ୍ୟତମ ପ୍ରତିଷ୍ଠିତ ସେବା ସମର୍ପିତ କ୍ଲବ ଯାଜପୁର ବିରଜାକ୍ଷେତ୍ର ରୋଟାରୀର ୬ଷ୍ଠ ତମ ପ୍ରତିଷ୍ଠା ଉତ୍ସବ କାଳୀମେଘା ନିକଟରେ ଆର୍‌ଆର୍‌ଆର୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଇନ୍ଦ୍ରଜିତ ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ଯଜ୍ଞାଶିଷ ମହାପାତ୍ର, ବରେଣ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ ଅଧିକାରୀ ଡା. ନଗେନ୍ଦ୍ର ନାଥ ମହାପାତ୍ର ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଉପ ଗଭର୍ଣ୍ଣର ବିପିନ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ବରିଷ୍ଠ ସଭ୍ୟ ଅନିଲ ମହାନ୍ତି ପ୍ରାକ ସୂଚନା ଦେଇଥିବା ବେଳେ, ରବୀନ୍ଦ୍ର ପରିଡ଼ା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ବିଗତ ଦିନରେ ଯାଜପୁର ବିରଜାକ୍ଷେତ୍ର ରୋଟାରୀ କ୍ଲବ ଦ୍ୱାରା କରାଯାଇଥିବା ସମାଜ ଉପଯୋଗୀ କାର୍ଯ୍ୟ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ନୂତନ ସଭାପତି ରୂପେ ପ୍ରଶାନ୍ତ କୁମାର ଦାସ ଏବଂ ସମ୍ପାଦକ ରୂପେ ଉଦୟ ନାଥ ମାଝୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥିଙ୍କ ଦ୍ୱାରା ବରିଷ୍ଠ ସଭ୍ୟ ନନ୍ଦକିଶୋର ସାହୁଙ୍କ ନାତୁଣୀ ଅଦିତି ସାହୁଙ୍କ ସ୍ମୃତିରେ ସ୍ମରଣିକା ଅଲିଭା ସ୍ମୃତିର ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ସ୍କୁଲର କୃତି ଛାତ୍ରଛାତ୍ରୀ, ଚିକିତ୍ସକ, ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ବିଡିଓ ହିତାଂଶୁ ଶେଖର ସାମଲ ଏବଂ ଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କୁ ନୂତନ ସଭ୍ୟ ସଭ୍ୟା ଭାବେ ଗ୍ରହଣ କରାଯାଇଥିଲା। ମଳୟ କୁମାର ଯେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକଟପୁର ଦୟାନିଧି ପରମହଂସ ମଠରେ ଗୁରୁପୂର୍ଣ୍ଣିମା



କୟାଁଗୋଲା, ୨୯।୭ (ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ପ୍ରକଟପୁର ସ୍ଥିତ ଦୟାନିଧି ପରମହଂସ ମଠରେ ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ଗୁରୁଙ୍କ ପାଦପଦ୍ମରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ଏବଂ ଆଶୀର୍ବାଦ ଗ୍ରହଣ କରିଥିଲେ। ଉତ୍ସବରେ ଫକୀର ସେନାପତି, ସୁଧୀର ରଞ୍ଜନ ପଣ୍ଡା, ସୁରେଶ କର, ଚିନ୍ମୟ ରଞ୍ଜନ ଦାସ, ବିରଜା ପ୍ରସାଦ ଦାସ, ଲକ୍ଷ୍ମୀଧର ମିଶ୍ର, ସୁଜିତ ନାୟକ, ବନମାଳୀ ଦାସ, ପ୍ରମୋଦ କୁମାର ରାୟ ଓ ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ରହି ଗୁରୁଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସମସ୍ତ ଭକ୍ତଙ୍କୁ ପ୍ରସାଦ ସେବନ କରାଯାଇଥିବା ବେଳେ ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଥିଲା।

## ଟାଟା ଷ୍ଟିଲ୍ ଓ ନୀଳାଚଳ ପକ୍ଷରୁ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ

ଦାନଗଦୀ, ୨୯।୭ (ସମିସ): ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଏବଂ ନୀଳାଚଳ ଇସ୍ପାତ ନିଗମ୍ (ଏନଆଇଏନଏଲ) ପକ୍ଷରୁ ଶିଳ୍ପପତି ଭାରତରତ୍ନ ଜେଆରଡି ଟାଟାଙ୍କ ୧୨୨ତମ ଜୟନ୍ତୀ ବୁଧବାର କଳିଙ୍ଗନଗର ସ୍ଥିତ ସମସ୍ତ ୟୁନିଟ୍‌ରେ ବେଶ୍ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଟିଏସକେ ସେଣ୍ଟରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଭାଇସ୍ ପ୍ରେସିଡେଣ୍ଟ (ଅପରେସନ୍ସ) ଉତ୍ତମ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିୟନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ, ୟୁନିୟନ୍ ପ୍ରତିନିଧି ଏବଂ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଟିଏସକେ କ୍ରୀଡ଼ା ବିଭାଗ ପକ୍ଷରୁ କଳିଙ୍ଗନଗର ଟାଉନସିପ୍ ସ୍ଥିତ ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ସ୍ମାରକୀ ଦୌଡ଼ ଆୟୋଜିତ ହୋଇଥିଲା। ଯେଉଁଥିରେ ବହୁ ସଂଖ୍ୟକ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଦାନଗଦି ବ୍ଲକ ସ୍ଥିତ ଶାଳିଜଙ୍ଗା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଖେଳ ସାମଗ୍ରୀ ବିତରଣ କରାଯାଇଥିଲା। ସେହିପରି ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ଏବଂ ବ୍ରାହ୍ମଣୀପାଳ ସ୍ଥିତ ଫେରୋ ଆଲ୍‌ଏଜ୍ ପ୍ଲାଣ୍ଟ ସମେତ ଅନ୍ୟାନ୍ୟ ପରିଚାଳନା କେନ୍ଦ୍ରଗୁଡ଼ିକରେ ମଧ୍ୟ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଥିଲା। ଟାଉନସିପରେ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଜେଆର୍‌ଡି ଟାଟାଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯାଜପୁର ଟାଉନ୍ ସ୍ଥିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଏବଂ ଯାଜପୁର ରୋଡ୍ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତଭଣ୍ଡାର ସହଯୋଗରେ ଏନଆଇଏନଏଲ ପକ୍ଷରୁ ମଙ୍ଗଳବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ କର୍ମଚାରୀ, ପରିବାର ସଦସ୍ୟ, ଭେଣ୍ଡର୍ ପାର୍ଟନର୍ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ମିଶାଇ ୩୦୪ ଜଣ ସ୍ୱେଚ୍ଛାସେବୀ ଉତ୍ସାହର ସହିତ ରକ୍ତଦାନ କରିଥିଲେ।



## 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା କମିଟିର ବୈଠକ

ଯାଜପୁର, ୨୯।୭ (ସମିସ): ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା କମିଟିର ପ୍ରଥମ ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆରମ୍ଭରେ ଜିଲ୍ଲା ଯୁବ ଅଧିକାରୀ କୁମାର ଗୌରବ 'ମାଇଁ ଭାରତ' ପରିକଳ୍ପନାର ଲକ୍ଷ୍ୟ, ଦୃଷ୍ଟିକୋଣ ଏବଂ ଜିଲ୍ଲା ପରାମର୍ଶଦାତା କମିଟିର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବ୍ୟାପକ ଉପସ୍ଥାପନା କରିଥିଲେ। କମିଟି ବୈଠକରେ ବିଭିନ୍ନ ମୁଖ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା। ୧ ଜୁଲାଇରୁ ୧୫ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲୁଥିବା ବିଶେଷ ପଞ୍ଜୀକରଣ ଓ ସଚେତନତା ଅଭିଯାନ ପାଇଁ ଜିଲ୍ଲା ସ୍ତରୀୟ କାର୍ଯ୍ୟଖସଡ଼ା ଓ ଲକ୍ଷ୍ୟଧାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ଯୁବମାନଙ୍କର ଭାଗୀଦାରୀ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକଙ୍କ ସହ ଏକ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଜଣେ 'ମାଇଁ ଭାରତ ନୋଡାଲ ଅଫିସର' ଏବଂ ଜଣେ 'କ୍ୟାମ୍ପସ ଆମ୍ବାସାଡର' ନିଯୁକ୍ତ କରାଯିବ। ବୈଠକରେ 'ମାଇଁ ଭାରତ ଜିଲ୍ଲା ସମନ୍ୱୟ କମିଟି' ଗଠନ ସହିତ ବିଭିନ୍ନ ବିଭାଗରୁ ସଦସ୍ୟମାନଙ୍କ ଅନ୍ତର୍ଭୁକ୍ତି ନେଇ ଆଲୋଚନା କରାଯାଇଥିଲା। ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଶିକ୍ଷା, ପଞ୍ଚାୟତିରାଜ, ଜୀବିକା, ଏନଏସଏସ, ଏନସିସି, କ୍ରୀଡ଼ା, ଦକ୍ଷତା ବିକାଶ ଓ ଶିଳ୍ପ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯୁବକମାନଙ୍କୁ ସକ୍ରିୟ ଭାବେ ସାମିଲ କରିବା ପାଇଁ 'ନିଶା ମୁକ୍ତ ଯୁବା ଫର୍ ବିକଶିତ ଭାରତ' ଅଭିଯାନ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ୮ଟି ଶ୍ରେଣୀରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀରମୋହନ ଟୁଡୁ, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଦକ୍ଷତା ବିକାଶ ଅଧିକାରୀ ସୁଶାନ୍ତ କୁମାର ନାୟକ, ଆଇ ପିଓ, ୟୁଥ ମେମ୍ବରସ, ଏନଏସଏସ ଓ ଏନସିସି କର୍ମକର୍ତ୍ତା, ଭଲେଣ୍ଟିୟର ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଚାଷ ଜମିରେ ପଡ଼ି ଚାଷୀ ମୃତ

ପାଣିକୋଇଲି, ୨୯।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ସରସଦା ଗ୍ରାମର ଜନୈକ ଚାଷୀ ଚାଷ ଜମିକୁ ଯାଇଥିବା ବେଳେ ପାଣିରେ ବୁଡି ଆକସ୍ମିକ ମୃତ୍ୟୁ ଘଟିଛି। ଏନେଇ ଏକ ଅପମୃତ୍ୟୁ ମାମଲା ୧୮/୨୬ ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରକାଶଯେ ସରସଦା ଗ୍ରାମର ଗୋପାଳ ଚନ୍ଦ୍ର ସାହୁ (୬୮) ଆଜି ସକାଳୁ ବିଲକୁ ଯାଇଥିଲେ। ଘରକୁ ନ ଫେରିବାରୁ ଘରଲୋକ ଖୋଜିଲା ବେଳକୁ ଚାଷ ଜମି ପାଣିରେ ଗୋପାଳ ବୁଡି ରହିଥିଲେ। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ତାର ମୃତ ଘୋଷଣା କରାଯାଇଥିଲା। ଏନେଇ ଥାନାରେ ଜଣାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ତଦନ୍ତାଧିକାରୀ ଏଏସଆଇ ସୋମନାଥ ରାଉତ ଚିକିତ୍ସାଳୟରେ ପହଞ୍ଚି ପଞ୍ଚନାମା କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି।

## ବିଦ୍ୟାଳୟ ପରିଚାଳନା ସଦସ୍ୟଙ୍କୁ ସମ୍ବର୍ଦ୍ଧନା

କୟାଁଗୋଲା, ୨୯।୭ (ସମିସ): ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ଇଶ୍ୱରପୁରରେ ନବଗଠିତ ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟାମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ସାମଲ, ସମିତିସଭ୍ୟ ମଧୁସୂଦନ ଦାସ ଓ ସମାଜସେବୀ ପଦ୍ମଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପରିଚାଳନା କମିଟିର ନବନିର୍ବାଚିତ ଚେୟାରପର୍ସନ ଲକ୍ଷ୍ମଣ ବାଇ ଓ ଭାଇସ୍ ଚେୟାରପର୍ସନ ସରିତା ବାରିକଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଶିକ୍ଷାକର୍ମୀ ସଭାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀଙ୍କ ସ୍ମୃତିଚାରଣ ସଭା

ସିଂହପୁର, ୨୯।୭ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ନବ କିଶୋର ସାମଲଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପୁରୁଷୋତ୍ତମ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାରସ୍ୱତ ସାଧକ ନିରଞ୍ଜନ ପାତ୍ର, ସମିତିସଭ୍ୟ ସନ୍ତୋଷ ବେଉରିଆ, ଅଧ୍ୟାପକ ବିମଳ ରଥ, ଦିଲୀପ କୁମାର ସାମଲ, ଶ୍ରୀବସ୍ତ୍ର ନାୟକ, ସୁବାସ ଚନ୍ଦ୍ର ସାହାଣୀ, ବିଷ୍ଣୁଚରଣ ନାୟକ, ନାରାୟଣ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ସାମଲ, ଜେନାମଣି ସାମଲ, ଦେବାଶିଷ ସାମଲଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। ପୁତ୍ର ଦେବାଶିଷ ସାମଲ ନବକିଶୋର ସାମଲଙ୍କ ଲିଖିତ ପୁସ୍ତକ ଅତିଥିମାନଙ୍କୁ ବଣ୍ଟନ କରିଥିଲେ। ଅରୁଣ କୁମାର ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

ବ୍ରହ୍ମବରଦା, ୨୯।୭ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଆଜି ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅମୂଲ୍ୟ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମବରଦାର ପୂର୍ବତନ ସରପଞ୍ଚ ବିପିନ ବିହାରୀ ଦେଓ ମୁଖ୍ୟ ଅତିଥି ଏବଂ ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମାଜରେ ମହିଳା ଓ ଛାତ୍ରୀମାନେ ବିଭିନ୍ନ ସମୟରେ ନିର୍ଯ୍ୟାତନା ଓ ଅସୁରକ୍ଷିତ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ରାସ୍ତାଘାଟରେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ଦ୍ୱାରା ନିଜକୁ ମାନସିକ ଓ ଶାରୀରିକ ଭାବେ ଅଧିକ ସଶକ୍ତ କରିବା ସହିତ ସରକାରଙ୍କ ଏହି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମରକ୍ଷା କୌଶଳ ବୃଦ୍ଧିରେ ସହାୟକ ହେଉଛି ବୋଲି କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ରଶ୍ମିତା ସାମଲ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ, ସୂର୍ଯ୍ୟକାନ୍ତ ରାଉତ, ଡ. ରଶ୍ମିକାନ୍ତ ଦାଶ, ବାବୁଲା ରଣା, ଶିବ ପ୍ରସାଦ ସାହୁ, ବିନୟ କୁମାର ରାଉତ, ରୂପାଲି ରତ୍ନପର୍ଣ୍ଣା ସାମଲ ଓ ସାଗରିକା ଦାସଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଯୋଗ ଦେଇଥିଲେ। ବିବେକାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କ ପାଇଁ ପ୍ରଶିକ୍ଷଣ ଶିବିର

ଦାନଗଦି, ୨୯।୭ (ସମିସ): ଜିନ୍ଦଲ ଷ୍ଟେନଲେସର ସିଏସଆର ଶାଖା, ଜିନ୍ଦଲ ଷ୍ଟେନଲେସ ଫାଉଣ୍ଡେସନ ଦାନଗଦି ଭବନରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ମହିଳା ସଦସ୍ୟମାନଙ୍କ ପାଇଁ ଗ୍ରାମୀଣ ପରିମଳ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ସୋଲେଇ, ସିଙ୍ଗାଡିଆ, ଦାନଗଦି, ତ୍ରିଜଙ୍ଗା, ଧୂଳିଗଡ଼ା ଏବଂ ମାନପୁର ଗ୍ରାମର ପ୍ରାୟ ୫୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଏହି ତାଲିମ ପରିମଳ, ପରିଷ୍କାର ପରିଚ୍ଛନ୍ନତା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ପର୍ଯ୍ୟବେଶୀତ ଥିଲା। ତିନି ବର୍ଷରୁ ଅଧିକ ସମୟ ଧରି, ଜିନ୍ଦଲ୍ ଷ୍ଟେନଲେସ୍ ସୋଲେଇ, ତ୍ରିଜଙ୍ଗା, ଦାନଗଦି ଏବଂ ସିଙ୍ଗାଡିଆ ଗ୍ରାମରେ ଏକ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରୀ କରିଆସୁଛି। ଏହି ଅବସରରେ ୟୁନିଟ୍ ମୁଖ୍ୟ ଯାଜପୁର, ଜିନ୍ଦଲ ଷ୍ଟେନଲେସ୍, ଦୀପକ ଅଗ୍ରୱାଲ କହିଛନ୍ତି, ଏହି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ ମହିଳା ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ସେମାନଙ୍କ ଗାଁରେ ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନାର ଚାମ୍ପିଅନ୍ ହେବା ପାଇଁ ସଶକ୍ତ କରୁଛୁ। ଏହି କାର୍ଯ୍ୟକ୍ରମକୁ ଦାନଗଦୀର ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ଏବଂ ତ୍ରିଜଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ କାଗାଜୀ ପାତ୍ର ଉଦଘାଟନ କରିଥିଲେ। ଜିଲ୍ଲା ସରକାରୀ ପରିମଳ ଦଳ ପରାମର୍ଶଦାତା ମାନସ ରଞ୍ଜନ ସାହାଣୀ, ବ୍ଲକ ସ୍ୱଚ୍ଛ ଭାରତ ମିଶନର ସଂଯୋଜକ ଦିପ୍ତୀମନ୍ତ ମଲ୍ଲିକ ଏବଂ ଓଡ଼ିଶାର ଜିନ୍ଦଲ ଷ୍ଟେନଲେସ୍, ସିଏସଆର ମୁଖ୍ୟ ସୁକାନ୍ତ କୁମାର ରଥ ମଧ୍ୟ ଉପସ୍ଥିତ ଥିଲେ। ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ସହାୟତାରେ ୟୁନିସେଫ୍-ପ୍ରଶିକ୍ଷିତ ସମ୍ବଳ ବ୍ୟକ୍ତି ସତ୍ୟବ୍ରତ ଜେନାଙ୍କ ଦ୍ୱାରା ବୈଷୟିକ ଅଧିବେଶନଗୁଡ଼ିକ ପରିଚାଳନା କରାଯାଇଥିଲା।



## ବନ୍ୟା; କାହା ପାଇଁ ମଜା, କାହା ପାଇଁ ସଜା

ଯାଜପୁର, ୨୯।୭ (ସମିସ)

ଚଳିତ ବର୍ଷ ଯାଜପୁର ଜିଲ୍ଲାର ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି। ବିଶେଷ କରି ବୈତରଣୀ ନଦୀରେ ବଡ଼ଧରଣର ବନ୍ୟା ଆସିଛି। ଫଳରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଏହି ବନ୍ୟା ଯୋଗୁଁ ନଦୀକୂଳିଆ ଲୋକେ ନାନା ହଇରାଣ ହରକତ ହେଉଛନ୍ତି। ରାତ୍ରିରେ ନିଦ ହେଉନି, କୌଣସି ମୁହୂର୍ତ୍ତରେ ନଦୀବନ୍ଧ ଭାଙ୍ଗିବାର ଭୟ ରହୁଛି। ସେଥିପାଇଁ କିଏ ନିଜ ଘର ଛାଡି ରାସ୍ତା ଉପରେ ତ ଆଉ କିଏ ସ୍କୁଲ ଏବଂ ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛି। ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଯେଉଁ ରିଲିଫ ବା ସହାୟତା ଯୋଗାଇ ଦିଆଯାଉଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ ଏଭଳି ଏକ କଠିନ ପରିସ୍ଥିତିରେ ନଦୀକୂଳିଆ ଲୋକେ ପ୍ରତିବର୍ଷ ଦିନ କାଟୁଥିବା ବେଳେ ଆଉ କେତେକ ଲୋକେ ଏହି ବନ୍ୟାର ମଜା ଉଠାଇବା ପାଇଁ ସତେ ଯେମିତି ଅପେକ୍ଷା କରିଥାନ୍ତି। ନଦୀର ଜଳସ୍ତର ବୃଦ୍ଧି ପାଇବା କ୍ଷଣି ବନ୍ୟାକୁ ଉପଭୋଗ କରିବା ପାଇଁ ଅନେକ ପରିବାର ଆସି ନଦୀକୂଳରେ ରୁଣ୍ଡ ହେଉଥିବା ଦେଖିବାକୁ ମିଳୁଛି। ବିଶେଷ କରି ଯାଜପୁର ସହରରେ ରହୁଥିବା ଲୋକେ ଦଶାଶ୍ୱମେଧ ଘାଟ, ଦେବୀଗଡ଼ା ଏବଂ ବଲ୍ଲଭୀ ଘାଟ ଠାରେ ପ୍ରବଳ ଭିଡ କରୁଥିବା ଦେଖିବାକୁ ମିଳିଛି। ଉକ୍ତ ୩ଟି ସ୍ଥାନରେ ଥିବା ପୋଲ ଉପରେ ଲୋକଙ୍କ ଏଭଳି ଭିଡ ହେଉଛି ସତେ ଯେମିତି ଏହା କୌଣସି ମେଳା ଓ ମହୋତ୍ସବର ଭ୍ରମ ସୃଷ୍ଟି କରୁଛି। ବଲ୍ଲଭି ଘାଟର ପୋଲ ଉପରେ ଗୁପଚୁପ, ଚାଟ୍, ଆଇସକ୍ରିମ ବ୍ୟବସାୟୀ ମାନେ ଠିଆ ହୋଇ ଦିନ ତମାମ ବ୍ୟବସାୟ କରୁଛନ୍ତି। ଦଶାଶ୍ୱମେଧ ଘାଟ ରେ ଠିଆ ହେବା ପାଇଁ ଜାଗା ମିଳୁନି। ପରିସ୍ଥିତି ଏପରି ହୋଇଛି ଯେ ସେହି ରାସ୍ତା ଦେଇ ଯାଉଥିବା ଗାଡି ଗୁଡିକୁ ଅତିକ୍ରମ କରିବା ପାଇଁ ଅନେକ ସମୟ ମଧ୍ୟ ଲାଗୁଛି। ଏଭଳି ପରିସ୍ଥିତିକୁ ଦେଖିଲେ ବନ୍ୟା କାହା ପାଇଁ ସଜା ହୋଇଥିବା ବେଳେ କାହା ପାଇଁ ମଜା ଆଣି ଦେଇଥିବା ଚର୍ଚ୍ଚା ହେଉଛି।



ହାଣ୍ଡିଶାଳରେ ମହଙ୍ଗା ମାଡ଼

# ଶ୍ରାବଣ ମାସ ଆରମ୍ଭରୁ ପରିବା ଦର ଆକାଶଛୁଆଁ

ବନ୍ତ/ଆଗରପଡ଼ା,୨୯।୭(ସମିସ)



ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ କୃଷି ଓ କୃଷକର ଉନ୍ନତି ପାଇଁ ବହୁମୁଖି ଯୋଜନା ପ୍ରସ୍ତୁତ କରିଛନ୍ତି । ତତ୍‌ସହିତ ଏକାଦଶ ଯୋଜନାରେ ୪ ପ୍ରତିଶତ କୃଷିର ଅଭିବୃଦ୍ଧି କରି କୃଷକମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାର ୨୦୦୮ ମସିହାରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ କରିବା ସହ ୨୦୨୪ ସୁଦ୍ଧା ସେମାନଙ୍କର ଆୟ ଦୁଇ ଗୁଣ ବୃଦ୍ଧି ପାଇଁ ପରିକଳ୍ପନା କରି ଏହାର ସଫଳ ରୂପାୟଣ ପାଇଁ ପ୍ରତି ବ୍ଲକ୍‌ରେ ପ୍ରତିଷ୍ଠା କରିଛନ୍ତି କୃଷି ସୂଚନା ପରାମର୍ଶ କେନ୍ଦ୍ର । ଉକ୍ତ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କୁ ଆବଶ୍ୟକୀୟ କୃଷି ସାମଗ୍ରୀ ସହ ଉଚିତ୍ ପରାମର୍ଶ ଦେଉଛନ୍ତି । କିନ୍ତୁ ଚାଷୀଙ୍କ ଦ୍ୱାରା ବହୁ କଷ୍ଟରେ ଉତ୍ପାଦିତ ପନିପରିବାର ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବାରୁ ସେମାନେ ଅଭାବି ବିକ୍ରିର ଶିକାର ହେଉଛନ୍ତି । ଶ୍ରାବଣ ମାସ ଆରମ୍ଭରୁ ପରିବା ଦର ଆକାଶଛୁଆଁ ହୋଇ ରହିଛି । ଯେଉଁ ପରିବାକୁ ଧରିଲେ କିଲୋ ପିଛା ୬୦ରୁ ଅଧିକ ରହିଛି । ୬୦ରୁ ଖସିବା ନାଁ ଧରୁନି । କିଛି ପରିବା ଦର ୮୦ ଟଙ୍କା ଧରିଲାଣି । ଆଉ କିଛି ପରିବା କିଲୋ ପିଛା ୧୦୦ରୁ ୧୬୦ ଟଙ୍କାରେ ବିକ୍ରି ହେଉଛି ।

ଆଗରପଡ଼ା ଓ ବନ୍ତସ୍ଥିତ ବିଭିନ୍ନ ହାଟରେ ଭଲ ବିଲାତି(ଟମାଟୋ) କିଲୋ ପିଛା ୬୦ଟଙ୍କା ଏବଂ ବାଇଗଣ କିଲୋ ପିଛା ୮୦ ଟଙ୍କାରେ ବିକ୍ରି ହେଉଛି । ବିନ୍ସ କିଲୋ ୧୬୦ ଥିବାବେଳେ ପୋଟଳ କିଲୋ ୧୦୦ ଛୁଇଁଛି । କଞ୍ଚାଲଙ୍କା, ଜହ୍ନି, କଲରା, ଝୁଡୁଙ୍ଗ, କ୍ୟାପ୍‌ସିକମ୍, ଖମ୍ବଆଳୁ ଆଦିର ଦର ମଧ୍ୟ କହିଲେ ନସରେ । ହାଟକୁ ଟଙ୍କା ୫୦୦ ନେଇକି ଗଲେ ବ୍ୟାଗ୍ ଭର୍ତ୍ତି ହେଉନି । କେତେକଙ୍କ ଘରେ ତ ପରିବା ଶୂନ୍ୟ ହୋଇଗଲାଣି । ଏପରି ଦରରେ ଖାଉଟି ଖାଇବ କ'ଣ ବୋଲି ଚିନ୍ତିତ ହୋଇ ପଡ଼ିଛି । ପନିପରିବାର ଏହିପରି ଦର ପାଇଁ କେହି କେହି ଶୀତଳଭଣ୍ଡାର ନ ଥିବା ଘଟଣାକୁ ଦାୟୀ କରୁଛନ୍ତି । ବ୍ଲକ୍ ଅଧୀନରେ ଥିବା ୧୮ ହଜାର ୮୬୫ ହେକ୍ଟର ଚାଷଜମି ଥିବାରୁ ଏଥିରେ ଧାନ ଚାଷ କରାଯାଇଥିଲେ ମଧ୍ୟ ବିଭିନ୍ନ ପଞ୍ଚାୟତରେ ୧ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ବିଭିନ୍ନ ଡାଲିଜାତୀୟ ଫସଲ ସହ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଏ । ଛୟାଳସିଂହ, କାଦବରାଙ୍ଗ, ଓଡ଼ଙ୍ଗ, ଅଣିଜୋ, ଗୋପିନାଥପୁର, ବଡ଼ମଇଁଷଗୋଠ, ବଡ଼ବର୍ଚ୍ଛିକୟାଁ, ରାମପୁର ଓ ନିଳୋକ ସହ ଅନ୍ୟାନ୍ୟ ପଞ୍ଚାୟତରେ ଧାନ ଚାଷ ପରେ ରବି ଋତୁରେ ଡାଲିଜାତୀୟ ଶସ୍ୟ ସହ ବିଭିନ୍ନ ପନିପରିବା ଭେଣ୍ଡି, କଲରା, ବିଲାତି, ବାଇଗଣ, ଜହ୍ନି, କାକୁଡ଼ି, ଲଙ୍କା, ମକା, ବୋଇତି କଖାରୁ ସହ ଅନ୍ୟାନ୍ୟ ପନିପରିବା ଚାଷ କରାଯାଏ । ଏଠାରେ ପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବାରୁ ଉଭୟ ଚାଷୀ ଓ ଖାଉଟି କ୍ଷତିରେ ପଡୁଛନ୍ତି । ପରିବା ଉତ୍ପାଦନ ସମୟରେ ଦର ବହୁ କମିଯାଉଥିବାରୁ ଚାଷୀ କ୍ଷତିରେ ପଡୁଛନ୍ତି । ସେହିପରି ଅନ୍ୟ ଦିନରେ ପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ପରିବା ଦର ଆକାଶଛୁଆଁ ହେବାରୁ ଖାଉଟି ଚିନ୍ତାରେ ପଡୁଛନ୍ତି । ତେଣୁ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲେ ପରିବା ଉତ୍ପାଦନ ସମୟରେ ତାହାକୁ ସଂରକ୍ଷଣ କରାଯାଇ ଅନ୍ୟ ଦିନରେ ଚାହିଦା ମେଣ୍ଟାଇ ହୁଅନ୍ତା ଓ ଏହାଦ୍ୱାରା ଉଭୟ ଚାଷୀ ଓ ଖାଉଟି ଲାଭବାନ ହୁଅନ୍ତେ ।

ରାନ୍ଦିଆ-ବନ୍ଧାଳ ରାସ୍ତା ଶୋଚନୀୟ

# ୧୫ ଦିନରେ ମରାମତି ନ ହେଲେ ରାସ୍ତା ଅବରୋଧ ଚେତାବନୀ



ବନ୍ତ/ଆଗରପଡ଼ା,୨୯।୭(ସମିସ): ଭଦ୍ରକ ବ୍ଲକ୍ ଅନ୍ତର୍ଗତ ରାନ୍ଦିଆ ବେଦାନ୍ତ ଗେଟ୍‌ଠାରୁ ଭଣ୍ଡାରିପୋଖରୀ ବ୍ଲକ୍‌ର ବନ୍ଧାଳ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ଜଣାପଡ଼ିଛି । ରାସ୍ତାର ଅସ୍ଥାୟୀ ମରାମତି ପାଇଁ

**ଜିଲ୍ଲାପାଳ ଜନଅଭିଯୋଗ ଶୁଣାଣିରେ ଅଭିଯୋଗ**

ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇ ନ ଥିବାରୁ ବନ୍ତ ବ୍ଲକ୍‌ର ରାମକୃଷ୍ଣପୁର, ରାମପୁର ଓ ଭଦ୍ରକ ବ୍ଲକ୍‌ର ଓଲଙ୍ଗ ପଞ୍ଚାୟତର ଜନସାଧାରଣ କ୍ଷୋଭ ପ୍ରକାଶ କରିଥିବା ଜଣାପଡ଼ିଛି । ଏ ନେଇ ରାମପୁର ସରପଞ୍ଚ ଗିରିଧାରୀ ସାହୁ ଓ ରାମକୃଷ୍ଣପୁର ସରପଞ୍ଚ ହିରେନ୍ଦ୍ର ଖିଲାରଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି । ଏ ନେଇ ପୂର୍ବରୁ ଅନେକବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଥିଲା ।

ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏହି ରାସ୍ତା ଭଦ୍ରକ ଜିଲ୍ଲାର ବିଭିନ୍ନ ଗ୍ରାମପଞ୍ଚାୟତକୁ ସଂଯୋଗ କରୁଥିବା ଏକ ପ୍ରମୁଖ ଓ ବ୍ୟସ୍ତବହୁଳ ଯାତାୟାତ ମାର୍ଗ । ପ୍ରତିଦିନ ଶତାଧିକ ଗାଡ଼ି ଏହି ରାସ୍ତାରେ ଚଳାଚଳ କରୁଥିବାବେଳେ ଦୀର୍ଘଦିନ ଧରି ମରାମତି ନ ହେବାରୁ ରାସ୍ତାଟି ଖାଲଖମାରେ ପରିଣତ ହୋଇଛି । ବର୍ଷା ଦିନରେ ଖାଲରେ ପାଣି ଜମି ରହୁଥିବାରୁ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ ଘଟଣା ପାଲଟିଛି । ପ୍ରକାଶ ଥାଉ କି, ରାସ୍ତାର ସ୍ଥାୟୀ ଉନ୍ନତୀକରଣ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ମାମଲା ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ କାମ ଆରମ୍ଭ ହୋଇପାରୁନାହିଁ । ତେବେ ରାସ୍ତାକୁ ଅସ୍ଥାୟୀ ଭାବେ ଡଷ୍ଟ ପକାଇ ସମତଳ କରିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେହି ପ୍ରତିଶ୍ରୁତି ପୂରଣ ହୋଇନାହିଁ । ଏନେଇ ସ୍ଥାନୀୟ ଜନସାଧାରଣ ପ୍ରଶାସନକୁ ୧୫ ଦିନ ମଧ୍ୟରେ ରାସ୍ତାର ଅସ୍ଥାୟୀ ମରାମତି କରିବାକୁ ଦାବି ଜଣାଇଥିବା ଜଣାପଡ଼ିଛି । ନଚେତ୍ ରାମକୃଷ୍ଣପୁର, ରାମପୁର, ଓଲଙ୍ଗ ପଞ୍ଚାୟତର ଲୋକେ ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ବରପଦା ଛକଠାରେ ରାଜପଥ ଅବରୋଧ କରି ଗଣଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି ।

# ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମଙ୍କ ଶ୍ରାଦ୍ଧୋତ୍ସବ



ଧାମନଗର,୨୯।୭(ସମିସ): ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଭାରତର ପୂର୍ବତନ ରାଷ୍ଟ୍ରପତି, ମିସାଇଲ୍ ମ୍ୟାନ୍ ବୈଜ୍ଞାନିକ, ଭାରତରତ୍ନ ଡ. ଏପିଜେ ଅବ୍‌ଦୁଲ କଲାମଙ୍କ ୧୨ତମ ଶ୍ରାଦ୍ଧୋତ୍ସବ ଓ ସ୍ମୃତିଚାରଣ ସଭା ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପରେ ଅବ୍‌ଦୁଲ କଲାମ ସ୍ମୃତି ପାଠାଗାର କେନ୍ଦ୍ରରେ ସ୍ଥାପିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ ସଭାପତି ଅନିଲ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପରିଷଦର ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସେକ୍ ଅବ୍‌ଦୁଲ ହାକିମ, ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ମହେଶ୍ୱର ସ୍ୱାଇଁ, ରାମଚନ୍ଦ୍ର ସାହୁ, ନୃସିଂହ ଚରଣ ନାୟକ, ନରେନ୍ଦ୍ର ମଲ୍ଲିକ, ଲମ୍ବୋଦର ମହାନ୍ତି, ଧନଞ୍ଜୟ ଦାସ, ବ୍ରହ୍ମାନନ୍ଦ ପୃଷ୍ଟି, ପୟୋଧର ବେହେରା, ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ପ୍ରଦୀପ ମହାପାତ୍ର, ସରୋଜ ସେଠୀଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ । ଡ. କଲାମ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବ ଜାତିକୁ ପ୍ରାଣଭରି ଭଲ ପାଉଥିଲେ । ତାଙ୍କର ଗୁଣ, ତ୍ୟାଗ, ନିଷ୍ଠାର କାର୍ଯ୍ୟ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ଶେଷରେ ପରିଷଦର ସଦସ୍ୟ କୃଷ୍ଣ ଚନ୍ଦ୍ର ଜେନା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସେହିପରି ଧାମନଗର ବ୍ଲକ୍ ଏବଂ ଏନ୍‌ଏସି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବ୍‌ଦୁଲ କଲାମଙ୍କ ଶ୍ରାଦ୍ଧ ଉତ୍ସବ ପାଳନ କରାଯାଇଛି ।

# ତୁରନ୍ତ ରିଲିଫ୍ ପ୍ରଦାନ ଓ ଉଦ୍ଧାର ଦାବିକଲା ବିଜେଡି



ଧାମନଗର/ଦୋବଲ,୨୯।୭(ସମିସ): ଲଗାତାର ୫ ଦିନର ବର୍ଷା ଏବଂ ବୈତରଣୀ-ଗେଙ୍ଗୁଟି ନଦୀର ପ୍ରଳୟଙ୍କରୀ ବନ୍ୟାଜଳ ବୁଧବାର ଧାମନଗରର ଅନେକ ଗାଁର ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି । କାହାର ଘର ପାଣିରେ ବୁଡ଼ିଛି, କାହାର ଚୁଲି ଜଳୁନାହିଁ, କାହାର ଗୋ-ସମ୍ପଦ ବିପଦରେ ଅଛି । ଅସହାୟ ଲୋକଙ୍କ ଆଖିର ଲୁହ ଓ ସାହାଯ୍ୟ ପାଇଁ ସେମାନଙ୍କ ଅପେକ୍ଷା ହୃଦୟକୁ ବ୍ୟଥିତ କରୁଛି । ଏହି କଠିନ ସମୟରେ ବିଜେଡିର ପ୍ରତିନିଧି ଦଳ ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ ଦାସ, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାଏକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଭାରତ ବିଜୟୀ ଦଳାଇ, ସନ୍ଦିପ ସ୍ୱାଇଁ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ପୀଡ଼ିତ ପରିବାରଙ୍କ ଦୁଃଖଦୁର୍ଦ୍ଦଶାକୁ ନିକଟରୁ ଅନୁଭବ କରିଛି । ସେମାନଙ୍କୁ ଆଶ୍ୱାସନ ଦିଆଯାଇଛି ଯେ, ଏହି ବିପଦ ସମୟରେ ସେମାନେ ଏକା ନୁହଁନ୍ତି । ଧାମନଗର ବିଡିଓଙ୍କ ସହ ଆଲୋଚନା କରି ବନ୍ୟା ପୀଡ଼ିତଙ୍କ ପାଇଁ ତୁରନ୍ତ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ୍, ଗୋ-ଖାଦ୍ୟ ଯୋଗାଣ ସହ ଜଳବନ୍ଦୀ ଲୋକଙ୍କ ଉଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ତ୍ୱରାନ୍ୱିତ କରିବା ପାଇଁ ଦୃଢ଼ ଦାବି ଜଣାଯାଇଛି ।

ଦୁର୍ନୀତି, ସାଧାରଣ ସଭା ଅନୁଷ୍ଠିତ ନ ହେବା ଓ ଧାନ କ୍ରୟରେ ଅନିୟମିତତା ଅଭିଯୋଗ

# ନାୟକାଣୀଡିହି ସମିତି ସମ୍ମୁଖରେ କୃଷକଙ୍କ ଅନଶନ



ଭଦ୍ରକ,୨୯।୭(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ନାୟକାଣୀଡିହି ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ କୃଷକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆନ୍ଦୋଳନ ଦିନକୁ ଦିନ ତୀବ୍ର ରୂପ ଧାରଣ କରୁଛି । ଗତ ଦୁଇ ଦିନ ଧରି ଗଣଧାରଣାରେ ବସିଥିବା ଆନ୍ଦୋଳନକାରୀମାନେ ମଙ୍ଗଳବାର ସକାଳୁ ଆମରଣ ଅନଶନ ଆରମ୍ଭ କରିଥିବା ଜଣାପଡ଼ିଛି ।

ଆନ୍ଦୋଳନକାରୀ କୃଷକ ଓ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ସେବା ସମବାୟ ସମିତିରେ ଦୀର୍ଘଦିନ ଧରି ପରିଚାଳନାଗତ ଅନିୟମିତତା ଓ ଦୁର୍ନୀତି ଚାଲିଆସୁଛି । ପ୍ରାୟ ସାଢ଼େ ୪ ବର୍ଷ ଧରି ସମିତିର ସାଧାରଣ ସଭା ଅନୁଷ୍ଠିତ ହୋଇ ନ ଥିବାରୁ ସଦସ୍ୟମାନେ ସମିତିର କାର୍ଯ୍ୟକଳାପ ଓ ଆର୍ଥିକ କାରବାର ସମ୍ପର୍କରେ ଅବଗତ ହୋଇପାରୁନାହାନ୍ତି । ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଧାନ କ୍ରୟ ପ୍ରକ୍ରିୟାରେ ବିଭିନ୍ନ ଅନିୟମିତତା, ପରିଚାଳନାରେ ସ୍ୱଚ୍ଛତାର ଅଭାବ ଏବଂ କୃଷକଙ୍କ ସ୍ୱାର୍ଥ ପ୍ରତି ଅବହେଳା ଯୋଗୁଁ ସେମାନେ ବାରମ୍ବାର କ୍ଷତିଗ୍ରସ୍ତ ହେଉଛନ୍ତି । ଏହି ସମସ୍ତ ପ୍ରସଙ୍ଗର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସମିତିର ପରିଚାଳନାରେ ସ୍ୱଚ୍ଛତା ଆଣିବାକୁ ସେମାନେ ଦାବି କରିଛନ୍ତି । ଦାବିଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ, ପ୍ରଶାସନ ପକ୍ଷରୁ ଶୀଘ୍ର ହସ୍ତକ୍ଷେପ କରାଯାଇ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି ।

# ପୂର୍ବତନ ସ୍ପେଶାଲ ପ୍ରସିକ୍ୟୁଟର ପ୍ରଦୀପ ମହାପାତ୍ରଙ୍କ ପରଲୋକ



ଭଦ୍ରକ,୨୯।୭(ସମିସ): ଭଦ୍ରକ ସହର ଅପର୍ତ୍ତିବିନ୍ଧା ନିବାସୀ, ଭଦ୍ରକ ଓକିଲ ସଂଘ ସଦସ୍ୟ ତଥା ପୂର୍ବତନ ସ୍ପେଶାଲ ପ୍ରସିକ୍ୟୁଟର ପ୍ରଦୀପ ମହାପାତ୍ରଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା । ଗତ କିଛି ଦିନ ହେବ ସେ ଅସୁସ୍ଥ ଥିଲେ । ମଙ୍ଗଳବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ନେବା ବାଟରେ ବାରିକପୁର ନିକଟରେ ପରଲୋକ ଘଟିଥିଲା । ମୃତ୍ୟୁ ଖବର ପାଇ ଭଦ୍ରକ ଓକିଲ ସଂଘ ସଭାପତି ଅରୁଣ ଚାନ୍ଦ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବରିଷ୍ଠ ଆଇନଜୀବୀ କଲ୍ୟାଣ କୁମାର ଦାସ, ଶିବପ୍ରସାଦ ମହାନ୍ତି, ପୂର୍ବତନ ଓକିଲ ସଂଘ ସଭାପତି ବିଷ୍ଣୁମୋହନ ମହାପାତ୍ର, ପ୍ରଶାନ୍ତ ମହାନ୍ତି, ଦେବବ୍ରତ ମହାନ୍ତି, ଦେବରୂପ ମହାନ୍ତି, ଟିଙ୍କୁ ମହାପାତ୍ର, ସୁରଜିତ ପାଲ୍, ବିକାଶ ସାହୁ, ଚିନ୍ମୟ ସ୍ୱାଇଁ, ଲମ୍ବୋଦର ମହାପାତ୍ର, ତରୁଣ ରାୟ, ମୌସୁମୀ ମହାନ୍ତି, ସରୋଜ ମହାନ୍ତି, ବିବେକାନନ୍ଦ ସାମଲ, ସୁଶୀଲ ବେହେରା, ଲକ୍ଷ୍ମୀନାରାୟଣ ବେହେରା, ସରୋଜ ନାୟକ, ଉମାକଲ୍ୟାଣ ମହାପାତ୍ର, ବାଦଲ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସେହିଭଳି ତାଙ୍କ ବିୟୋଗରେ ବିସିଇଟି ଗ୍ରୁପ୍‌ର ଅଧ୍ୟକ୍ଷ ଡ.ମନ୍ମଥ କୁମାର ବିଶ୍ୱାଳ, ପ୍ରାକ୍ତନ ଭଦ୍ରକ ବିଧାୟକ ନରେନ୍ ପଲେଇ, ସ୍ପେଶାଲ ପିପି ତୁଷାରକାନ୍ତି ଜେନା, ବରିଷ୍ଠ ଆଇନଜୀବୀ ପବନ ଶର୍ମା, ଗଦାଧର ବଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଏଲିନା ମହାପାତ୍ର, ସାନଭାଇ ଇଂ. ସଞ୍ଜୀବ ମହାପାତ୍ର, ଏକମାତ୍ର କନ୍ୟା ଅନ୍ୱେଷା ଓ ଭିଣୋଇ ପ୍ରଦୀପ ଜେନାଙ୍କ ସମେତ ପୂରା ପରିବାର ଉପସ୍ଥିତ ଥିଲେ । ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସାନଭାଇ ସଞ୍ଜୀବ ମୁଖାଗ୍ନି ଦେଇଥିଲେ ।

# ହୃଦ୍‌ଘାତରେ କନିଷ୍ଠ କିରାଣିଙ୍କ ପରଲୋକ



ଧାମନଗର,୨୯।୭(ସମିସ): ଧାମନଗର ସବ୍‌ରେଜିଷ୍ଟର ଅଫିସର କାର୍ଯ୍ୟରତ କନିଷ୍ଠ କିରାଣି ମୀର ନୁରମହମ୍ମଦଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । କିଛି ଦିନ ତଳେ ଧୂଷୁରୀରୁ ବଦଳି ହୋଇ ଧାମନଗର ସବ୍‌ରେଜିଷ୍ଟର ଅଫିସରେ ଗତ ମାସ ୧୨ ତାରିଖରେ ଯୋଗଦେଇ କାର୍ଯ୍ୟରତ ଥିଲେ । ମଙ୍ଗଳବାର ଅପରାହ୍ଣ ୪ଟା ମଧ୍ୟରେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ସଙ୍ଗେ ସଙ୍ଗେ ଧାମନଗର ଡାକ୍ତରଖାନାରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଯାଜପୁର ଓ ସେଠାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ୬ଟା ସମୟରେ ଦେହାନ୍ତ ହୋଇଛି । ଭୁବନେଶ୍ୱରରୁ ଅପରାହ୍ଣ ୩ଟାରେ ତାଙ୍କ ମୃତଦେହ ବାସଭବନରେ ପହଞ୍ଚିବା ଖବର ଶୁଣି ଧାମନଗର ସବ୍‌ରେଜିଷ୍ଟର ସତ୍ୟାନନ୍ଦ ପାତ୍ର ଓ ସମସ୍ତ କର୍ମଚାରୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସେହିପରି ଖାନ୍‌କା ହବିବିୟା ଧାମନଗର ସରିଫ୍‌ର ନୂତନ ଟ୍ରଷ୍ଟ ସଭାପତି ମୌଲାନା ଆଲ୍‌ହାଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲତ୍) ଏବଂ ସମାଜସେବୀ ଏମ୍‌ଡି ଫଜଲେ ବାରି, ମୀର ନୁରମହମ୍ମଦଙ୍କ ବାସଭବନରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, କାଉନ୍‌ସିଲର ଏମ୍‌ଡି ଜୟନୁଲ ହକ୍, ବିଜେଡି ନଗର ସଭାପତି ବିଜୟ କେତନ ସାହୁ, କାଉନ୍‌ସିଲର ପ୍ରତିନିଧି ମୀର ମୁରତୁଜା, ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ସେକ୍ ଅବ୍‌ଦୁଲ ହାକିମ, ଏମ୍‌ଡି ହବିବୁର ରହେମାନ ପ୍ରମୁଖ ଶେଷ ଦର୍ଶନ କରଛନ୍ତି । ସନ୍ଧ୍ୟାରେ ଖାନ୍‌କା ସରିଫ୍ ପରିସରରେ (ଜନାଜ) ର ନମାଜପାଠରେ ପ୍ରବଳ ଲୋକ ଯୋଗଦେଇଥିବା ବେଳେ ଗ୍ରାମର ଏକ କବରସ୍ଥାନରେ କବର ଦିଆଯାଇଛି ।

# ଜିଆର୍‌ଏସ୍‌ଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ**

ବନ୍ତ/ଆଗରପଡ଼ା,୨୯।୭(ସମିସ): ଗତ ସୋମବାର ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ବନ୍ତ ବ୍ଲକ୍ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତରେ କାର୍ଯ୍ୟରତ ଜିଆର୍‌ଏସ୍‌ଙ୍କ ବିରୋଧରେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ବିସଲକଣା ଗ୍ରାମର ଯୁବନେତା ତଥା ସାମାଜିକ କର୍ମୀ ବଳରାମ ନାୟକ ଉକ୍ତ ପଞ୍ଚାୟତରେ କାର୍ଯ୍ୟରତ ଜିଆର୍‌ଏସ୍‌ଙ୍କ ବିରୋଧରେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ତାଙ୍କ ଅଭିଯୋଗକୁ ଗ୍ରହଣ କରି ଜିଲ୍ଲାପାଳ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବନ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

ଅଭିଯୋଗ ଅନୁଯାୟୀ, କାର୍ଯ୍ୟରତ ଜିଆର୍‌ଏସ୍ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ନେତାଙ୍କ ଇଙ୍ଗିତରେ କାର୍ଯ୍ୟ କରିବା ସହ ପଞ୍ଚାୟତବାସୀଙ୍କୁ ଘୋର୍ ଅସୁବିଧାରେ ପକାଇବା ସହ ତାଙ୍କ କାର୍ଯ୍ୟକାଳ ଭିତରେ ପଞ୍ଚାୟତରେ ମନରେଗା କାର୍ଯ୍ୟ ପ୍ରାୟ ହୋଇ ନ ଥିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ସରକାରୀ ନୀତିନିୟମକୁ ଉଲ୍ଲଂଘନ କରି ଅର୍ଥ ଦେଣନେଣ କାର୍ଯ୍ୟ କରି ଗୃହ ପାଇଥିବା ଓ କୋଠାଘର ଥିବା ପରିବାରଙ୍କୁ ପୁଣି ଆବାସ ଯୋଗାଇଦେବାକୁ ଚେଷ୍ଟା କରିବା ଦ୍ୱାରା ଗରିବ ଓ ଅସହାୟ ପରିବାର ଏବଂ ଅନୁସୂଚିତ ଜାତି ଓ ଜନଜାତିର ପରିବାର ଏହା ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି । ସେହିପରି ଉକ୍ତ ଜିଆର୍‌ଏସ୍‌ଙ୍କ ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ସେ ବଦଳି ଜାଗାକୁ ନ ଯାଇ ଉକ୍ତ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ନେଇ ମଧ୍ୟ ଅଭିଯୋଗ ପତ୍ରରେ ଉଲ୍ଲେଖ ହୋଇଥିବା ଜଣାପଡ଼ିଛି । ତେଣୁ ତାଙ୍କ ବଦଳି ଜାଗାକୁ ତାଙ୍କୁ ସ୍ଥାନାନ୍ତରିତ କରିବା ସହ ନୂତନ ଜିଆର୍‌ଏସ୍‌ଙ୍କୁ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତରେ ଯୋଗଦେବାକୁ ନିର୍ଦ୍ଦେଶ ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିବା ଜଣାପଡ଼ିଛି ।

# ଷୋଳମପୁରରେ ହେବ ପୁଲିସ ବିଟ୍ ହାଉସ୍

ବାରିକପୁର,୨୯।୭(ସମିସ): ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ପଞ୍ଚାୟତଠାରେ ଏକ ପୁଲିସ ବିଟ୍ ହାଉସ୍ କାର୍ଯ୍ୟ କରିବ । ଏଥିପାଇଁ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ କ୍ଷେତ୍ର ପରିଦର୍ଶନ କରିଥିବା ଜଣାପଡ଼ିଛି । ପଡ଼ୋଶୀ ଯାଜପୁର ଜିଲ୍ଲାର ସୀମାରେ ଥିବା ଉକ୍ତ ଅଞ୍ଚଳଟି ଥାନାଠାରୁ ପ୍ରାୟ ୧୩ କିମି ଦୂରରେ ଅବସ୍ଥିତ । ମାଳଦାଠାରୁ ନପଙ୍ଗ ଓ ଷୋଳମପୁର ମଧ୍ୟରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପୁଲିସ ତତ୍‌କ୍ଷଣାତ୍ ପହଞ୍ଚିବା ପ୍ରାୟତଃ ସମ୍ଭବ ହେଉନାହିଁ । ଏହାଛଡ଼ା ସୀମାରେ ନିଶା କାରବାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲା ପାର୍ ନିଶା ବେପାରୀମାନେ ଥାନା ଅଧୀନସ୍ଥ ଗାଁମାନଙ୍କୁ ପ୍ରବେଶ କରି ନିର୍ଭୟରେ ନିଶା କାରବାର କରି ଖସିଯାଉଛନ୍ତି । ତେଣୁ ଏସବୁକୁ ଦୃଷ୍ଟିରେ ରଖି ଷୋଳମପୁର ପଞ୍ଚାୟତର କୌଣସି ଏକ ସ୍ଥାନରେ ପୁଲିସ ବିଟ୍ ହାଉସ୍ ପ୍ରତିଷ୍ଠା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି । ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରିଣୀ ୨/୩ଟି ସ୍ଥାନକୁ ଚୟନ କରିଥିବା ସୂଚନା ମିଳିଛି ।

ଭାତହାଣ୍ଡି 'ବାଲିବିଲ'ରେ ଷଣ୍ଢଙ୍କ ଦୌରାତ୍ମ୍ୟ; ଚାଷୀ ହନ୍ତସନ୍ତ

# ଲଘୁଚାପ ବର୍ଷାରେ କେନାଲ ଜଳ ନିଷ୍କାସନ ବାଧାପ୍ରାପ୍ତ

ଚାନ୍ଦବାଲି,୨୯।୭(ସମିସ)



ଜିଲ୍ଲାର ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ କୃଷିପ୍ରଧାନ 'ବାଲିବିଲ' ଅଞ୍ଚଳକୁ ଦୀର୍ଘଦିନ ଧରି ଏହି ଅଞ୍ଚଳର 'ଭାତହାଣ୍ଡି' ବୋଲି କୁହାଯାଏ । ହଜାର ହଜାର ଏକର ଜମିରେ ଧାନ ଚାଷ ଉପରେ ଏଠାକାର ଚାଷୀଙ୍କ ଜୀବନଜୀବିକା ନିର୍ଭରଶୀଳ । କିନ୍ତୁ ଚଳିତ ବର୍ଷ ଚାଷୀମାନେ ଦୁଇମୁହାଁ ସଙ୍କଟରେ ଫସିଛନ୍ତି । ଗୋଟିଏ ପଟେ ବିଲରେ ଷଣ୍ଢଙ୍କ ଦୌରାତ୍ମ୍ୟ ଫସଲକୁ ଉଜାଡୁଥିବାବେଳେ ଅନ୍ୟପଟେ ଲଘୁଚାପ ବର୍ଷାରେ କେନାଲ ଓ ନାଳର ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ବାଲିବିଲ ଅଞ୍ଚଳର ଅନେକ କେନାଲ, ଶାଖା ନାଳ ଓ ଡ୍ରେନ୍ ବର୍ଷ ବର୍ଷ ଧରି ପଙ୍କରେ ପୋତି ରହିଥିବାରୁ ବର୍ଷାଜଳ ସଠିକ୍ ଭାବେ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଧାନ ଜମିରେ ଦିନ ଦିନ ଧରି ପାଣି ଜମି ରହୁଛି । ଚାରା ହଳଦିଆ ପଡ଼ିବା ସହ ମୂଳ ପଚିବାର ଆଶଙ୍କା ବଢ଼ିଛି । କେତେକ ସ୍ଥାନରେ ଚାଷୀମାନେ ନିଜ ଖର୍ଚ୍ଚରେ ପାଣି କାଢ଼ିବାକୁ ବାଧ୍ୟ ହେଉଥିବାବେଳେ ଅନେକ ସ୍ଥାନରେ ସେଥିରେ ମଧ୍ୟ ସଫଳତା ମିଳୁନାହିଁ । ଏହା ସହିତ ବିଲ ଅଞ୍ଚଳରେ ଷଣ୍ଢଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରୁ ଚାଷୀଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଛି । ରାତି ହେଲେ ଷଣ୍ଢ ପଲ ଚାଷଜମିରେ ପଶି ଧାନ ଚାରାକୁ ଖାଇଦେବା ସହ ମାଡ଼ି ନଷ୍ଟ କରୁଛନ୍ତି । ଦିନରାତି ଜଗି ରହି ଚାଷୀମାନେ ଫସଲ ଜଗୁଥିଲେ ମଧ୍ୟ ସ୍ଥାୟୀ ସମାଧାନ ମିଳୁନାହିଁ । ଲକ୍ଷ ଲକ୍ଷ ଟଙ୍କା ଋଣ କରି ଚାଷ କରିଥିବା ଚାଷୀ ଏବେ ଭବିଷ୍ୟତକୁ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି । ସ୍ଥାନୀୟ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, କେନାଲ ସଫେଇ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଷଣ୍ଢଙ୍କ ଉପଦ୍ରବ ରୋକିବା ପାଇଁ ଗୋଶାଳା ଆଦି ବ୍ୟବସ୍ଥା ନିମନ୍ତେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ । ଫଳରେ ପ୍ରତିବର୍ଷ ଏହି ସମସ୍ୟାର ପୁନରାବୃତ୍ତି ହେଉଛି । ଚାଷୀମାନେ ଦାବି କରିଛନ୍ତି ଯେ, ତୁରନ୍ତ କେନାଲ ଓ ଡ୍ରେନ୍ ସଫେଇ କରାଯାଇ ଜଳ ନିଷ୍କାସନ ସ୍ୱାଭାବିକ କରାଯାଉ, ବିଲ ଅଞ୍ଚଳରୁ ଷଣ୍ଢମାନଙ୍କୁ ହଟାଇବା ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯାଉ । ଏହି ସମସ୍ୟାର ସୁଧାର ପାଇଁ ପ୍ରଶାସନ ତରଫରୁ ତୁରନ୍ତ କୌଣସି ବିହିତ ବ୍ୟବସ୍ଥା କରା ନ ଗଲେ ସ୍ଥାନୀୟ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ତହସିଲ୍‌ଦାରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ନିକଟରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

## ରାସ୍ତା ନୁହେଁ, କାଦୁଅର ସରୋବର

# ମରାମତି ନ ହେଲେ ବ୍ଲକ୍ କାର୍ଯ୍ୟାଳୟ ଘେରିବ 'ମାସା'

## କାଳାଝରୀ ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ

ବିଶୋଇ, ୨୯।୭ (ସମିସ)



ବିଜାତଳା ବ୍ଲକ ଅନ୍ତର୍ଗତ ଲୁହାଶିଳା ପଞ୍ଚାୟତର କାଳାଝରୀ ଗ୍ରାମରେ ରାସ୍ତା ସମସ୍ୟା ଏବେ ଚରମ ସୀମାରେ ପହଞ୍ଚିଛି। ଗ୍ରାମର ମୁଖ୍ୟ ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅରେ ବୁଡ଼ି ରହିଥିବାରୁ ଯାତାୟାତ ପୂରାପୂରି ଠପ୍ ହୋଇଯାଇଛି। ପ୍ରତିଦିନ ଯାତାୟାତ କରୁଥିବା ଗ୍ରାମବାସୀ ଏବେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ବର୍ଷାଦିନ ଆସିଲେ ଏହି ରାସ୍ତା ଦେଇ ଯିବାଆସିବା କରିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ପହଞ୍ଚିବା କଷ୍ଟକର ହୋଇପଡୁଥିବାରୁ ଗର୍ଭବତୀ ମହିଳା ଓ ସଙ୍କଟାପନ୍ନ ରୋଗୀଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି। ସ୍କୁଲ ଓ କଲେଜ ଯାଉଥିବା ପିଲା ଓ ବୃଦ୍ଧବୃଦ୍ଧା ଗୋଡ଼ ଖସି ପଡ଼ିବାର ଭୟ ଭିତରେ ଜୀବନକୁ ବାଜି ଲଗାଇ ଗାଁରୁ ବାହାରୁଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଏହି ରାସ୍ତାର ଦୟନୀୟ ଅବସ୍ଥା ସମ୍ପର୍କରେ ସମ୍ପୃକ୍ତ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ବିକାଶ କ'ଣ କେବଳ କାଗଜକଲମରେ ସୀମିତ ବୋଲି ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରି ପ୍ରଶ୍ନ କରିଛନ୍ତି। ଗ୍ରାମର ଏହି ମୌଳିକ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ, ଗ୍ରାମବାସୀଙ୍କୁ ସାଙ୍ଗରେ ନେଇ 'ମାସା' ସଂଗଠନ ପକ୍ଷରୁ ବିଜାତଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣତାନ୍ତ୍ରିକ ଉପାୟରେ ବିଶାଳ ଧାରଣା ଦିଆଯିବ। ପ୍ରଶାସନର ଅବହେଳା ଯୋଗୁଁ ଯଦି ଆଗାମୀ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ତେବେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ହିଁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।

## • ବୈତରଣୀ ଜଳସ୍ତର ଖସୁଛି
## ନଦୀକୂଳିଆ ଗାଁ ଜଳବନ୍ଦୀ



ଆନନ୍ଦପୁର, ୨୯।୭ (ସମିସ): ବୈତରଣୀ ନଦୀର ବନ୍ୟାଜଳ ଆନନ୍ଦପୁରରେ ବିପଦ ସଂକେତ ତଳକୁ ବୁଧବାର ଖସି ଆସିଛି। ଆଜି ସକାଳୁ ଜଳସ୍ତର କ୍ରମଶଃ ଖସିଯାଇ ରାତି ୮ଟା ସୁଦ୍ଧା ୩୭.୭୫୦ମିଟରରେ ପ୍ରବାହିତ ହେଉଥିଲା। ଫଳରେ ଆସନ୍ନ ବିପଦ ଟଳିଯାଇଛି; ହେଲେ ନଦୀକୁଳିଆ ଗାଁଗୁଡିକ ପାଣିଘେରରେ ଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢିଯାଇଛି। ଆନନ୍ଦପୁର ବ୍ୟାରେଜ ୨୭ ଓ ରେମାଳ ଡ୍ୟାମ ୨ଟି ଗେଟ ଖୋଲିଥିବାରୁ ନଦୀରେ ଜଳପତ୍ତନ କ୍ରମଶଃ ବୃଦ୍ଧି ପାଇଥିଲା। ଆନନ୍ଦପୁରରେ ୩୮.୩୬୦ମିଟର ବିପଦ ସଂକେତ ଥିବା ବେଳେ ପରେ ୪୦.୪୬୦ ମିଟରରେ ପ୍ରବାହିତ ହୋଇ ବିପଦ ସୃଷ୍ଟି କରିଥିଲା।

## ମୃତ ଅଗ୍ନି ଯୋଦ୍ଧାଙ୍କୁ ଗାର୍ଡ ଅଫ୍ ଅନର୍



ତେଲକୋଇ, ୨୯।୭ (ସମିସ): କାର୍ଯ୍ୟରତ ସମୟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ବରଣ କରିଥିବା କେନ୍ଦୁଝର ଅଗ୍ନିଶମ ବାହିନୀର କର୍ମଚାରୀ ଚନ୍ଦନ ପଟ୍ଟନାୟକଙ୍କ ପାର୍ଥିବ ଶରୀରକୁ ତେଲକୋଇ ଅଗ୍ନିଶମ ବିଭାଗ ପକ୍ଷରୁ ଶେଷ ସମ୍ମାନ ଜ୍ଞାପନ କରାଯାଇଛି। ଅଗ୍ନିଯୋଦ୍ଧା ଶ୍ରୀ ପଟ୍ଟନାୟକଙ୍କ ମୃତ ଶରୀର ପୈତୃକ ଘର ଅନୁଗୋଳ ଅଭିମୁଖେ ଯାଉଥିବା ବେଳେ ତେଲକୋଇ ଅଗ୍ନିଶମ କାର୍ଯ୍ୟାଳୟରେ ଅଟକାଇ ଶେଷ ଦର୍ଶନ କରାଯିବା ସହ ଗାର୍ଡ ଅଫ ଅନରରେ ଶେଷ ସମ୍ମାନ ଜଣାଯାଇଛି। ଏଥିରେ ତେଲକୋଇ ଅଗ୍ନିଶମ ବାହିନୀର ଅଧିକାରୀ ସମେତ ସମସ୍ତ କର୍ମଚାରୀ ଉପସ୍ଥିତି ରହିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବାଲିବନ୍ଧ, ୨୯।୭ (ସମିସ): ବାଲିବନ୍ଧ ଫରେଷ୍ଟ ସେକ୍ସନ ଲକ୍ଷ୍ମୀପଶି ବିଟ ଅର୍ଶଳା ପଞ୍ଚାୟତର ଦୁର୍ଗାପୁରର ଅଲେଖ ନାଏକ (୪୦) ଭାଲୁ ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡ଼ିଛି। ବୁଧବାର ଭୋର ସମୟରେ ଛତୁ ଗୋଟାଇବାକୁ ଘର ସମ୍ମୁଖ ଜଙ୍ଗଲକୁ ଯାଇଥିଲା ବେଳେ ଅଲେଖ ଭାଲୁ ସହିତ ମୁହାଁମୁହିଁ ହୋଇ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ଦୁଇ ଗୋଡ଼ ଫାଙ୍କ ଭିତରେ ଭାଲୁ ପଶି ଯିବାରୁ ଅଲେଖ ତଳେ ପଡିଯାଇଥିଲେ। ଭାଲୁ ଜଙ୍ଘକୁ ରାମ୍ପୁଡି ଦେଇ ଚାଲି ଯାଇଥିଲା। ପରିବାର ଲୋକେ ଅଲେଖଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ମୃତ

ହାଟଡ଼ିହୀ,୨୯।୭(ସମିସ): ହାଟଡ଼ିହୀ ବ୍ଲକ୍ ବଞ୍ଜୋ ପଞ୍ଚାୟତ ସିଙ୍ଗଡୋଭ ଗ୍ରାମ ନିକଟସ୍ଥ ବୈତରଣୀ ନଦୀବନ୍ଧ ରାସ୍ତାରେ ଆଜି ସନ୍ଧ୍ୟାରେ ଘଟିଥିବା ଏକ ଭୟଙ୍କର ବାଇକ୍ ଦୁର୍ଘଟଣାରେ ଜଣେ ମହିଳା ଓ ଜଣେ ପୁରୁଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ଗୁଲା ବେହେରା ବୋଲି ଜଣାପଡ଼ିଛି। ମୃତ ପୁରୁଷଙ୍କ ନାମ ହେଉଛି ଜ୍ଞାନରଞ୍ଜନ ସାହୁ। ସେ ଘସିପୁରା ଥାନା କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିଲା ବେଳେ ତାଙ୍କ ଘର ଆନନ୍ଦପୁର ଥାନା ତଥା ହାଟଡିହି ବ୍ଲକ୍ ଯଶୋବନ୍ତପୁର ଗାଁରେ ବୋଲି ସୂଚନା ମିଳିଛି। ଘଟଣା ପରେ ସ୍ଥାନୀୟ ଲୋକେ ଓ ପୁଲିସ୍ ପହଞ୍ଚି ଉଭୟଙ୍କ ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଘଟଣାର କାରଣକୁ ନେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ଉଦଳାରେ ଗୁରୁ ପୂଜନ ଉତ୍ସବ

ଉଦଳା,୨୯।୭(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡରେ ୧୧ତମ ଗୁରୁ ପୂଜନ ଉତ୍ସବ ଆଞ୍ଚଳିକ ଗୁରୁ ପୂଜନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାବ୍ଦୀର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶ୍ରୀମା ଶିକ୍ଷା ନିକେତନର ଛାତ୍ରୀମାନେ ସମସ୍ତ ଗୁରୁଜୀଙ୍କୁ ବନ୍ଦାପନା କରି ଚନ୍ଦନ, ପୁଷ୍ପ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିମାନେ କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ, ଧୂପ ଓ ଦୀପ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପ ଓ ଦୀପ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ କମିଟିର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ବାଛିନି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ।




ବରିଷ୍ଠ ସଦସ୍ୟ ତଥା ସଂଯୋଜକ ଅମିୟ କୁମାର ବଳ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। କମିଟିର ସଭାପତି ବସନ୍ତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପ୍ରାରମ୍ଭରେ ନିକଟରେ ମୃତ୍ୟୁବରଣ କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କର ସଦ୍‌ଗତି କାମନା ସହିତ ୨ମିନିଟ ନିରବ ପ୍ରାର୍ଥନା କରିଥିଲେ। ମୁଖ୍ୟ ଅତିଥି ଦିଲ୍ଲୀପ କୁମାର ଦୀକ୍ଷିତ, ମୁଖ୍ୟ ବକ୍ତା ନଗରପାଳିକା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଉପ ନଗରପାଳିକା ଲିଲି ଭୋଳ, ଆଞ୍ଚଳିକ ଗୁରୁ ପୂଜନ କମିଟି ପରିକଳ୍ପନା କରିଥିବା ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିଗଣ ଗୁରୁ-ଶିଷ୍ୟର ପରମ୍ପରା ଉପରେ ବହୁ ଉଚ୍ଚକୋଟୀର ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସାହିତ୍ୟିକ ଲକ୍ଷ୍ମୀଧର ପୋଥାଳ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶ୍ୟାମସୁନ୍ଦର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ବକ୍ତବ୍ୟ ରଖିଥିଲେ।

## ନଳଗଜା ଉପେନ୍ଦ୍ରନାଥ କଲେଜ ପ୍ରାଧାପିକାଙ୍କୁ ବିଦାୟ ସମ୍ବର୍ଦ୍ଧନା





ରାସଗୋବିନ୍ଦପୁର,୨୯।୭(ସମିସ): ମୟୂରଭଞ୍ଜ ଜିଲ୍ଲା ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରାଧାପିକା ଅଞ୍ଜଳି ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ, ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କର ଦୀର୍ଘଦିନର ଶିକ୍ଷାଦାନ ଓ ଅବଦାନକୁ ସ୍ମରଣ କରିଥିଲେ। ଉପେନ୍ଦ୍ରନାଥ ମହାବିଦ୍ୟାଳୟ ନଳଗଜା ମୟୂରଭଞ୍ଜର ଏକ ପ୍ରମୁଖ ଉଚ୍ଚଶିକ୍ଷା ଅନୁଷ୍ଠାନ।ଶିକ୍ଷା ବିଭାଗର ଅଧ୍ୟାପକଙ୍କ ପୌରାହିତ୍ୟରେ ଆୟୋଜିତ ସଭାରେ ପ୍ରାକ୍ତନ ଅଧ୍ୟାପକ କିଶୋରାମ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଜଳି ମହାନ୍ତିଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନର ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଅବନୀକାନ୍ତ ଗିରି ଏବଂ ଜୀବବିଜ୍ଞାନ ବିଭାଗର ମୁଖ୍ୟ ଡ. ସାଧନା ରାଉତ ଉପସ୍ଥିତ ରହି ତାଙ୍କ କର୍ମନିଷ୍ଠା, ଶୃଙ୍ଖଳା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଆନ୍ତରିକତା ବିଷୟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗର ଟପ୍ପର ଭବଶଙ୍କର ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ପ୍ରିନ୍ସିପାଲ ଡ଼. ପ୍ରବୀର ପଟ୍ଟନାୟକଙ୍କ ସହ ବହୁ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେଇ ଅଞ୍ଜଳି ମହାନ୍ତିଙ୍କ ଗୁଣଗାନ କରିବା ସହ ଉପଢୌକନ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ତନୁଜା ମିଶ୍ର, ସୀମାରାଣୀ ଭଞ୍ଜ, ଶିକ୍ଷକ ବ୍ରଜମୋହନ ସାହୁ, ଗୋକୁଳ ସାହୁ, ମଳୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ସୂର୍ଯ୍ୟପ୍ରଭା ଗିରିଙ୍କ ଗୁରୁବନ୍ଦନା ସଙ୍ଗୀତରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଶେଷରେ ଭାବପ୍ରବଣ ପରିବେଶ ମଧ୍ୟରେ ଅଞ୍ଜଳି ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ସମସ୍ତେ ତାଙ୍କ ସୁସ୍ଥ, ସୁଖମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ।

## ଗଛ ପଡ଼ି ବସ୍ ଚୂରମାର



ତେଲକୋଇ, ୨୯।୭(ସମିସ): ତେଲକୋଇ ବ୍ଲକ ଚନ୍ଦ୍ରଶେଖରପୁରରେ ଏକ ଘରୋଇ ବସ ଛିଡ଼ା ହୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ଆମ୍ବ ଗଛ ପଡ଼ିଯିବାରୁ ବସ୍‌ଟି ଭାଙ୍ଗିରୁଜି ଯାଇଛି। ଏଥିରେ କୌଣସି କର୍ମଚାରୀଙ୍କ କ୍ଷତି ହୋଇନାହିଁ। ଶ୍ରୀକାନ୍ତ ନାମକ ଘରୋଇ ବସ୍ ଗୋଡାରୁ ରାଉରକେଲା ଯାଉଥିବା ବେଳେ ଅପରାହ୍ନରେ ରାଉରକେଲାରୁ ଆସି ତେଲକୋଇ ପୂର୍ବରୁ ଚନ୍ଦ୍ରଶେଖରପୁର ଗ୍ରାମରେ ଛିଡ଼ାହୋଇଥିଲା। ଲଗାଣ ବର୍ଷା ଓ ପବନ ହେତୁ ଗାଡ଼ି ପାଖରେ ଥିବା ଏକ ବିରାଟ ଆମ୍ବ ଗଛ ଭୂଇଁରୁ ଉପୁଡ଼ି ଯାଇ ବସ୍ ଉପରେ ସଂପୂର୍ଣ୍ଣ ପଡ଼ିଯାଇଥିଲା।

## ହାତୀପଲ ଭାଙ୍ଗିଲେ ୮ ଘର



ଡୁରୁମୁଙ୍ଗା, ୨୯।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ହାତୀପଲଙ୍କ ଉପଦ୍ରବ ଜାରି ରହିଥିବା ବେଳେ ବିଳମ୍ବିତ ରାତିରେ ହାତୀପଲ ପାଟଣା ଓ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ୮ଟି ଘର ଭାଙ୍ଗି ଦେଇଛନ୍ତି। ଏକ ଗୋଠଛଡ଼ା ଦନ୍ତା ଭରାଣ୍ଡିଆ, ଗୋବରାବେଡା, ବୃନ୍ଦାବନପୁର, ଖମୁଆଁ ଗ୍ରାମରେ ଆତଙ୍କ ଖେଳାଇ ବୁଦ୍ଧଦେବ ମୁଣ୍ଡା, ରଞ୍ଜୋଇ ନାଏକ, ଚନ୍ଦ୍ରିକା ନାଏକ ଏବଂ ବସନ୍ତ ବାରିକଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ସେହିପରି ଖିରେଇଟାଙ୍ଗିରୀ ସେକ୍ସନରେ ୪ଟି ଘର ଭାଙ୍ଗିଦେଇଛନ୍ତି। ବନବିଭାଗ ପକ୍ଷରୁ ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯିବା ସହ କ୍ଷତିଗ୍ରସ୍ତଙ୍କୁ ତ୍ରିପଲ, ଚୁଲା ସହ ୧୦ କେଜି ଲେଖାଏଁ ଚାଉଳ ପ୍ରଦାନ କରାଯାଇଛି।

## ବୁଡ଼ିଗଲା ଅସ୍ଥାୟୀ ପୋଲ; ଧୋଇଗଲା ରାସ୍ତା

ଉଦଳା,୨୯।୭(ସମିସ): ଲଗାଣ ବର୍ଷାରେ ଅସ୍ଥାୟୀ ପୋଲ ବୁଡ଼ିଯାଇଥିବାବେଳେ ରାସ୍ତା ଧୋଇଯାଇଛି। ଲଗାଣ ବର୍ଷା କାରଣରୁ ଦେଓ ନଦୀ ଫୁଲିବା ଦ୍ୱାରା ଏଭଳି ସମସ୍ୟା ଦେଖାଦେଇଛି। ଦେଓ ନଦୀ ଫୁଲିବା ଫଳରେ ଉଦଳା-ବାଲେଶ୍ୱର ରାସ୍ତାର କଇଁସାରିଠାରେ ଥିବା ଅସ୍ଥାୟୀ ପୋଲ ଉପରେ ୬ ଫୁଟରୁ ଅଧିକ ପାଣି ପ୍ରବାହିତ ହୋଇଛି। ଏଥିସହିତ ସମ୍ପୂର୍ଣ୍ଣ ବୁଡ଼ିଯାଇଛି ଅସ୍ଥାୟୀ ପୋଲ ଆଉ ପୋଲର ଉଭୟ ପାର୍ଶ୍ୱର ରାସ୍ତା ଧୋଇ ହୋଇଯାଇଛି। ଯାହା ଫଳରେ ଉଦଳା - ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହା ସହିତ ଉଦଳା ଏବଂ ଗୋପବନ୍ଧୁ ନଗର ବ୍ଲକ୍‌ର ପ୍ରାୟ ୮ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଧୀରେ ଧୀରେ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ପୋଲ ବୁଡ଼ିବା ଆଉ ରାସ୍ତା ଧୋଇବା ଫଳରେ ଏହି ରାସ୍ତାରେ ଯାତାୟାତ ବନ୍ଦ ହୋଇଛି। ଅତ୍ୟନ୍ତ ଜରୁରୀ କାମ ପଡ଼ିଲେ ଲୋକେ ୨୫ କିଲୋମିଟର ବୁଲି ଅନ୍ୟ ରାସ୍ତାରେ ଯାଉଛନ୍ତି।



## ମହୁଲିମଦ ଓ ପୋଚ ସହ ବାଇକ୍ ଜବତ: ୩ ଗିରଫ

ହାଟଡ଼ିହୀ,୨୯।୭(ସମିସ): ଅବକାରୀ ଉପଅଧୀକ୍ଷକ ଦିବ୍ୟରଞ୍ଜନ ଦିପଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଓ ହାଟଡିହୀ ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସୁଆପୁର, ଚଉମୁହି, ଗୋହିରା ଓ ଘଷିପୁରା ଥାନାଞ୍ଚଳରେ ଚଢ଼ଉ କରି ୩୦୨ ଲିଟର ଦେଶୀ ମହୁଲିମଦ ଓ ୩୨୦୦ ଲିଟର ମହୁଲ ପୋଚ ଜବତ କରିଛନ୍ତି। ଏଥିରେ ଏକ ବାଇକ୍ ଜବତ କରାଯାଇଛି। ଜବତ ଦେଶୀ ମହୁଲିମଦ ଓ ମହୁଲ ପୋଚ ଓ ବାଇକର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଉକ୍ତ ଚଢ଼ଉରେ ହାଟଡିହୀ ଉପନିରୀକ୍ଷକ ରାକେଶ ଖୁଣ୍ଟିଆ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି।

## ଟ୍ରେଞ୍ଚରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଡୁରୁମୁଙ୍ଗା, ୨୯।୭(ସମିସ): ପାଟଣା ଥାନା ବଡ଼ବିଲ ଗ୍ରାମର ପ୍ରଧାନସାହିର ଅବିବାହିତ ମହିଳା ଦ୍ରୌପଦୀ ମହାନ୍ତ (୪୭)ଙ୍କ ମୃତଦେହ ବୁଧବାର ଜଙ୍ଗଲ ନିକଟ ଏକ ଟ୍ରେଞ୍ଚରୁ ଉଦ୍ଧାର ହୋଇଛି। ସେ ତିନିଦିନ ପୂର୍ବରୁ ନିଖୋଜ ଥିଲେ। ବୁଧବାର ବଡ଼ବିଲ ଗାଁ ନିକଟ ଜଙ୍ଗଲରୁ ଟ୍ରେଞ୍ଚ ଖାଲ ଭିତରେ ମୃତଦେହ ଦେଖି ଗ୍ରାମବାସୀ ପୁଲିସ ଖବର ଦେଇଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବନ ବିଭାଗ ଖୋଳିଥିବା ଟ୍ରେଞ୍ଚ ଖାଲରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିବା ଜୀବନ ହରାଇଥିବା ଜଣାପଡ଼ିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବୁଡ଼ିଛି ନଈକୂଳିଆ ଚାଷୀଙ୍କ ଘର, ଜମି




ଆନନ୍ଦପୁର, ୨୯।୭ (ସମିସ): ଆନନ୍ଦପୁର ରିଙ୍ଗବନ୍ଧ ଭାଙ୍ଗି ବନ୍ୟା ଜଳ ପଶିଆସିବାରୁ ନଈକୂଳ ଚାଷ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଜଳରେ ଆଳିଆ ସାହିର ଅନନ୍ତ ସିଂହ ଅଚ୍ୟୁତ ସିଂହ ନାରାୟଣ ରାଜ କୃପାସିନ୍ଧୁ ରାମ ମାଳି ସାହିର କାଳିଆ ରଣା କୃପାସିନ୍ଧୁ ରଣା ଜୟରାମ ଦାସ ରାଜପୁତ ସାହିର ବିଶୁରାମ ବୁଦ୍ଧିଆ ରାମ ମୁଟୁ ରାମ ପହଲା ରାମ ଚେହେରୁ ରାମ ଓ ଅମୀୟ ପଣ୍ଡାଙ୍କ ପନିପରିବା ଫସଲ ବୁଡିରହିଛି। ବ୍ୟାଙ୍କରୁ ଋଣ କରି ଚାଷ କରିଥିବା ଚାଷୀମାନେ ହତାଶ ହୋଇପଡିଛନ୍ତି। ବିଳମ୍ବିତ ରାତିରେ ବନ୍ୟା ଜଳ ପଶିଆସିବାରୁ ଲୋକେ ଘର ଚାଳ ଉପରକୁ ଚଢିଯାଇଥିଲେ ପରେ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିଛି। ବନ୍ୟା ଜଳ ନିଷ୍କାସନ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ କଂଗ୍ରେସ ନେତା ଜୟଦେବ ଜେନା କେନ୍ଦୁଝର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

# ନଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବଜ୍ରପାତ ବଳିଦାନ ଦିବସ

## ବଜ୍ରପାତରେ ଲୋଟିପଡ଼ିଥିଲେ ୧୦ ନିରୀହ ଶିଶୁ

ବେତନଟୀ,୨୯।୭(ସମିସ)



କାଳର କୃଷ୍ଣପଟ୍ଟରେ ଯେତେବେଳେ ପ୍ରକୃତିର ତାଣ୍ଡବଲୀଳା କରାଳ ରୂପ ଧାରଣ କରେ, ସେତେବେଳେ ସୃଷ୍ଟି ହୁଏ ଅଭୁଲା ଅଶ୍ରୁର ଇତିହାସ। ଆଜି ଥିଲା ସେମିତି ଏକ ଦିନ। ଯେଉଁଦିନ ବଜ୍ରପାତରେ ଅକାଳରେ ଲୋଟିପଡ଼ିଥିଲା ୧୦ ନିରୀହ ଶିଶୁଙ୍କ ଶରୀର। ଏହି ଦିନକୁ ମନେ ପକାଇ ନଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ୪୧ତମ ସ୍ମୃତି-ତର୍ପଣ ଓ ସ୍ମାରକୀ ସଭା। ଜୁଲାଇ ୨୯ ତାରିଖର ସେହି ଦିନକୁ ମନେପକାଇ ଶୋକାକୁଳ ହୋଇଉଠିଥିଲା ବିଦ୍ୟାଳୟ ପ୍ରାଙ୍ଗଣ। ଶ୍ରଦ୍ଧାଞ୍ଜଳି ସଭାର ପ୍ରାରମ୍ଭରେ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଅଶ୍ରୁଳ ତର୍ପଣ ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଭାବଗମ୍ଭୀର ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱକୁ ଅତ୍ୟନ୍ତ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପାଦନ କରିଥିଲେ ସୁରେଶ କୁମାର ବେହେରା ଓ ନିତ୍ୟାନନ୍ଦ ସାହୁ।

ଏହି ସ୍ମୃତି ସଭାରେ ମୟୂରଭଞ୍ଜ ଓଷ୍ଟାର ସମ୍ପାଦକ କିଶୋର ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ଅପର୍ଣ୍ଣା ସାହୁ, ଅବସରପ୍ରାପ୍ତ ଅଧିକାରୀ ରମାକାନ୍ତ ମହାନ୍ତି, ସମାଜସେବୀ ତଥା ପ୍ରାକ୍ତନ ଶିକ୍ଷକ ବିଷ୍ଣୁଚରଣ ସାହୁ, ଭୀମଚରଣ ପାତ୍ର, ନଦପୁର ସିଆର୍‌ସିସି ଗଙ୍ଗାଧର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସରୋଜିନୀ ମହାନ୍ତ, ଓଷ୍ଟା ବ୍ଲକ୍ ସଭାପତି ଶିଶିର ନାୟକ, ସମାଜସେବୀ ପ୍ରକାଶ ଚନ୍ଦ୍ର ମହାପାତ୍ର ଏବଂ ଏସ୍‌ଏମ୍‌ସି ଉପ-ସଭାନେତ୍ରୀ ରଶ୍ମିତା କରଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାକୁସୁମ ଅର୍ପଣ କରିଥିଲେ। ଅତିଥିଗଣ ନିଜ ନିଜ ବକ୍ତବ୍ୟରେ କହିଥିଲେ ଯେ, "କାଳର କରାଳ ଗ୍ରାସରେ ସେଦିନ ଝଡ଼ିପଡ଼ିଥିବା ୧୦ଟି କଳିକା ଆଜି ବି ଆମ ହୃଦୟରେ ଅମର। ସେମାନଙ୍କ ବିଚ୍ଛେଦର ବେଦନା ଆଜି ବି ବିଦ୍ୟାଳୟର ପ୍ରତିଟି କୋଣରେ ଗୁଞ୍ଜରିତ ହୁଏ।' ସେମାନଙ୍କ ସ୍ମୃତିକୁ ଜୀବନ୍ତ ରଖିବା ସହ ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଏହି ସଭାର ମୂଳ ଲକ୍ଷ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାର ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଶ୍ରୁଳ ନୟନ ଓ ନିରବ ପ୍ରାର୍ଥନା ମଧ୍ୟରେ ଏହି ସ୍ମୃତି ସଭା ଉଦ୍‌ଯାପିତ ହୋଇଥିଲା।

## ନିଖୋଜ ଉର୍ମିଳାଙ୍କ ପରିବାରକୁ ଭେଟିଲେ ବିଧାୟକ

ଆନନ୍ଦପୁର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲାର ରେମାଳ ନଦୀରେ ଭାସିଯାଇ ନିଖୋଜ ଥିବା କେଶଦୁରାପାଳ ଗ୍ରାମର ଉର୍ମିଳାଙ୍କ ପିତା କୁଳମଣି ପାତ୍ରଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇଛନ୍ତି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର। କୁଳମଣିଙ୍କ ଝିଅ ଉର୍ମିଳା ପାତ୍ର (୨୪) ରେମାଳ ନଦୀର କେଶଦୁରାପାଳ ପାତ୍ରସାହି ଘାଟରେ ଗାଧେଇବା ପାଇଁ ଯାଇ ବୁଡି ଯାଇ ଭାସି ଯାଇଥିଲେ। ଖୋଜାଖୋଜି ପରେ ବି ଉର୍ମିଳାଙ୍କ ବର୍ତ୍ତମାନ ସୁଦ୍ଧା ପତ୍ତା ମିଳିପାରି ନାହିଁ। କୌଣସି ଓଡ୍ରାଫ ଟିମ ପହଞ୍ଚି ନାହାନ୍ତି। ଅନ୍ୟପକ୍ଷରେ ଉର୍ମିଳାଙ୍କ ବାପା ଓ ପରିବାର ଲୋକେ ସହାୟତା ପାଇଁ ସରକାରଙ୍କୁ ଗୁହାରି କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୮୮୨- ସ୍ୱାଧୀନତା ସଂଗ୍ରାମୀ ସତ୍ୟେନ୍ଦ୍ର ନାଥ ବୋଷଙ୍କ ଜନ୍ମ।
- ୧୮୮୬- ଦେଶର ପ୍ରଥମ ମହିଳା ଡାକ୍ତର ତଥା ପ୍ରଥମ ବିଧାୟିକା ଡଃ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ।
- ୧୯୦୯- ରାଇଟ୍ ବ୍ରଦର୍ସ ସେନା ପାଇଁ ପ୍ରଥମ ବିମାନ ତିଆରି କଲେ।
- ୧୯୬୬- ଇଂଲଣ୍ଡ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍ ଜିତିଲା।
- ୨୦୧୨- ଆନ୍ଧ୍ରପ୍ରଦେଶର ଏକ ରେଳଗାଡ଼ିରେ ନିଆଁ ଲାଗିବା ଯୋଗୁଁ ୩୨ ଜଣଙ୍କର ମୃତ୍ୟୁ, ୨୭ ଜଣ ଆହତ।



## ବଢୁଛି ଗଣେଶଙ୍କ ମୂର୍ତ୍ତିର ଆକାର

କାଣିପକମ୍ ବିନାୟକ ମନ୍ଦିର ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରେ ଅବସ୍ଥିତ ଏକ ପ୍ରସିଦ୍ଧ ମନ୍ଦିର। ଏହି ମନ୍ଦିର ନିଜର ଚମତ୍କାରିତା ଏବଂ ସ୍ୱୟଂଭୂ ମୂର୍ତ୍ତି ପାଇଁ ସାରା ଦେଶରେ ପରିଚିତ। ଏଠାରେ ପୂଜା ପାଉଥିବା ଭଗବାନ ଗଣେଶଙ୍କ ମୂର୍ତ୍ତି ମାନବ ନିର୍ମିତ ନୁହେଁ, ଏହା କୂଅ ଭିତରୁ ସ୍ୱୟଂ ପ୍ରକଟ ହୋଇଥିଲା ବୋଲି କୁହାଯାଏ। ଭକ୍ତମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ବିନାୟକଙ୍କ ମୂର୍ତ୍ତିର ଆକାର ଦିନକୁ ଦିନ ବୃଦ୍ଧି ପାଉଛି। କୁହାଯାଏ ଯେ, କିଛି ଦଶନ୍ଧି ପୂର୍ବେ ଭଗବାନଙ୍କ ପାଇଁ ତିଆରି ହୋଇଥିବା ରୂପା କବଚ ଏବେ ତାଙ୍କ ଶରୀରରେ ଫିଟ୍ ହେଉନାହିଁ। ଏପରିକି ଚାରିପାର୍ଶ୍ୱରୁ ଭଗବାନ ଗଣେଶଙ୍କ ମୂର୍ତ୍ତିର ଆକାର ବଢୁଥିବାରୁ ପୋଷାକ ମଧ୍ୟ ଛୋଟ ହେଉଛି। ଏଣୁ ଏବେ ଗଣେଶଙ୍କ ପାଇଁ ବଡ଼ ଗହଣା ଓ କବଚ ତିଆରି କରାଯାଉଛି। ସେହିପରି ମନ୍ଦିର ଇତିହାସ ବି ଖୁବ୍ ରୋଚକପୂର୍ଣ୍ଣ। ଏହି ମୂର୍ତ୍ତି କୌଣସି ମୂର୍ତ୍ତିକାରଙ୍କ ଦ୍ୱାରା ଖୋଦିତ ହୋଇ ନାହିଁ, ବରଂ ଏହା ଆପେ ଆପେ ଭୂମିରୁ ବାହାରିଛି। କୁହାଯାଏ, ବହୁ ବର୍ଷ ତଳେ ଏହି ଅଞ୍ଚଳର ଲୋକେ ଏକ କୂଅ ଖନନ କରୁଥିଲେ। ଖନନ ସମୟରେ ଅଚାନକ କୂଅ ଭିତରୁ ରକ୍ତ ବାହାରିଲା। ଏହା ଭିତରକୁ ଲୋକେ ଦେଖିବାରୁ ଭଗବାନ ଗଣେଶଙ୍କ ସୁନ୍ଦର ମୂର୍ତ୍ତି ଦେଖିବାକୁ ପାଇଲେ। ଏହାପରେ ଲୋକେ ଏହାକୁ ଠାକୁରଙ୍କ ଚମତ୍କାରିତା ବୋଲି ଭାବିଲେ ଏବଂ କୂଅ ଉପରେ ଏହି ଭବ୍ୟ ମନ୍ଦିର ସୃଷ୍ଟି ହେଲା। ତେବେ ମୂର୍ତ୍ତିର ଆକାର ବଢ଼ିବା ଖବର ଯେବେ ପ୍ରସାରିତ ହେଲା, ବୈଜ୍ଞାନିକମାନେ ବି ଏହାର ପରୀକ୍ଷା କରିବାକୁ ପହଞ୍ଚିଲେ। ଗବେଷକ ପଥରକୁ ପରୀକ୍ଷା କରିବା ସତ୍ତ୍ୱେ ବି ସେମାନଙ୍କୁ ଏନେଇ କୌଣସି ଠୋସ୍ ପ୍ରମାଣ ମିଳିପାରିଲା ନାହିଁ। ଦେଶର କୋଣ ଅନୁକୋଣରୁ ଏହି ଚମତ୍କାରିତା ଦେଖିବା ପାଇଁ ଲୋକେ ଏଠାରେ ପହଞ୍ଚିଥାନ୍ତି। ତିରୁପତି ଯିବା ପୂର୍ବରୁ ଭକ୍ତମାନେ ଏହି ବିନାୟକ ମନ୍ଦିର ପରିଦର୍ଶନ କରି ଭଗବାନ ଗଣେଶଙ୍କ ଦର୍ଶନ ଲାଭ କରନ୍ତି। ବିଶ୍ୱାସ ରହିଛି, ଏଠାକୁ ଆସୁଥିବା ଭକ୍ତଙ୍କ ସମସ୍ତ ଦୁଃଖ ଦୂର ହୁଏ। ଏଠାରେ ଗଣେଶ ଚତୁର୍ଥୀରୁ ୨୦ ଦିନ ଧରି ବ୍ରହ୍ମୋତ୍ସବ ପାଳନ କରାଯାଏ। କିମ୍ବଦନ୍ତୀ କୁହେ, ବ୍ରହ୍ମା ଥରେ ପୃଥିବୀକୁ ଆସିଥିଲେ ଏବଂ ସେହିଦିନଠାରୁ ଏହି ମନ୍ଦିରରେ ୨୦ ଦିନିଆ ବ୍ରହ୍ମୋତ୍ସବ ପାଳନ କରାଯାଏ।

## ସୁରକ୍ଷା ଓ ସାହସର ପ୍ରତୀକ 'ବାଡ଼ି-ଚଲା'



ଫିଲ୍ମ ହେଉ କିମ୍ବା ସର୍କସ୍ ଷ୍ଟଣ୍ଟ ଦେଖାଇବା ଉଦ୍ଦେଶ୍ୟରେ ଲୋକେ ଲମ୍ବା ବାଡ଼ିରେ ଚାଲିଥାନ୍ତି। ହେଲେ ଇଥୋପିଆର ଓମୋ ଉପତ୍ୟକାରେ ବାସ କରୁଥିବା ବାନ୍ନା ଜନଜାତିର ଲୋକେ (ବିଶେଷକରି ଯୁବକ ଓ ପିଲାମାନେ) ନିତିଦିନ ବାଡ଼ି ସାହାଯ୍ୟରେ ଚାଲିଥାନ୍ତି। ତେବେ ଲମ୍ବା କାଠ ବା ବାଡ଼ିରେ ସନ୍ତୁଳନ ବଜାୟ ରଖିବା ଆଦୌ ସହଜ ନୁହେଁ। ଏଥିପାଇଁ ଶାରୀରିକ ଶକ୍ତି, ଉତ୍ତମ ସନ୍ତୁଳନ ଏବଂ ନିରନ୍ତର ଅଭ୍ୟାସ ଦରକାର। ଏଥିପାଇଁ ବାନ୍ନା ଜନଜାତିର ପିଲାମାନେ ଅତି ଛୋଟ ବୟସରୁ ତାଲିମ ନେଇଥାନ୍ତି। କିଛି ବର୍ଷର ପରିଶ୍ରମ ପରେ ସେମାନେ ଏହି କଳାରେ ସମ୍ପୂର୍ଣ୍ଣ ପାରଙ୍ଗମ ହୋଇଯାଆନ୍ତି। ବାନ୍ନା ଜନଜାତିର ଲୋକଙ୍କ ପାଇଁ ଏହି ବାଡ଼ି କେବଳ ଏକ ଖେଳ ବା ପରମ୍ପରା ନୁହେଁ, ବରଂ ଜୀବନ ବଞ୍ଚାଇବା ଏବଂ ନିଜର ଜୀବିକା ରକ୍ଷା କରିବାର ଏକ ବଡ଼ ମାଧ୍ୟମ। ଏହି ଜନଜାତିର ଶିଶୁମାନଙ୍କୁ ମାତ୍ର ୩ ରୁ ୫ ବର୍ଷ ବୟସରୁ ବାଡ଼ି ଉପରେ ଶ ର । ର ର

ଭାରସାମ୍ୟ ରଖିବା ଶିଖାଯାଏ। ପ୍ରଥମେ ସେମାନେ ଛୋଟ ବାଡ଼ିରୁ ଆରମ୍ଭ କରନ୍ତି ଏବଂ ବୟସ ବଢ଼ିବା ସହିତ ବାଡ଼ିର ଉଚ୍ଚତା ମଧ୍ୟ ବଢ଼ିଥାଏ। ସେମାନେ ଧୀରେଧୀରେ ଏଥିରେ ଏତେ ପାରଙ୍ଗମ ହୋଇଯାନ୍ତି ଯେ, ବାଡ଼ି ସାହାଯ୍ୟରେ ସହଜରେ ଦୌଡ଼ିପାରନ୍ତି, ଡେଇଁପାରନ୍ତି ଏବଂ ଶିକାର ମଧ୍ୟ କରିପାରନ୍ତି। ଏହି ବାଡ଼ିଗୁଡ଼ିକୁ ଶକ୍ତ କାଠରେ ହାତରେ ତିଆରି କରାଯାଏ। ଏହାର ଉଚ୍ଚତା ସାଧାରଣତଃ ୧ ମିଟରରୁ ନେଇ ୩ ମିଟର ପର୍ଯ୍ୟନ୍ତ ହୋଇଥାଏ। ଗଛର ଦୁଇଟି ଡାଳ କାଟି, ସେଥିରେ ପାଦ ରଖିବା ପାଇଁ ଥାକ ତିଆରି କରାଯାଇଥାଏ। ଓମୋ ଉପତ୍ୟକାରେ ବହୁତ ଲମ୍ବା ଏବଂ ଘଞ୍ଚ ଘାସ ଥାଏ। ଭୂମିରେ ଠିଆ ହେଲେ ଦୂର ଜିନିଷ ଦେଖାଯାଏ ନାହିଁ। ୮-୧୦ ଫୁଟ ଉଚ୍ଚ ବାଡ଼ି ଉପରେ ଠିଆ ହେବା ଦ୍ୱାରା ସେମାନଙ୍କୁ ଏକ ପ୍ରାକୃତିକ ୱାଚ୍ ଟାୱାର ମିଳିଯାଏ, ଯେଉଁଠାରୁ ସେମାନେ ମାଇଲ୍ ମାଇଲ୍ ଦୂର ପର୍ଯ୍ୟନ୍ତ ସହଜରେ ନଜର ରଖିପାରନ୍ତି। ଏହାବାଦ୍ ଉଚ୍ଚରେ ରହିବା ଦ୍ୱାରା ବାଘ, ସିଂହମାନଙ୍କର ଗତିବିଧି ଦୂରରୁ ଜଣାପଡ଼ିଯାଏ, ଯାହାଦ୍ୱାରା ନିଜକୁ ଏବଂ ନିଜ ଗୋରୁଗାଈଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସମୟ ସେମାନଙ୍କୁ ମିଳିଯାଏ। ବେଳେବେଳେ ଘଞ୍ଚ ଜଙ୍ଗଲ କିମ୍ବା ଉଚ୍ଚା ଘାସ ଭିତରେ କିଛି ଗାଈ କିମ୍ବା ଛେଳି ଦଳରୁ ଅଲଗା ହୋଇ ହଜିଯାନ୍ତି। ଉଚ୍ଚରେ ଠିଆ ହୋଇ ସେମାନଙ୍କୁ ଖୋଜିବା ଏବଂ ସେମାନଙ୍କ ଉପରେ ନଜର ରଖିବା ବହୁତ ସହଜ ହୋଇଥାଏ। ବାନ୍ନା ସମାଜରେ ଏହି କଳାକୁ ଯୁବାବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବେ ଦେଖାଯାଏ। ଯେଉଁ ଯୁବକମାନେ ଉଚ୍ଚା ବାଡ଼ି ଉପରେ ସବୁଠାରୁ ସୁନ୍ଦର ଭାବେ ଏବଂ ଅଧିକ ସମୟ ନିଜର ଭାରସାମ୍ୟ ରକ୍ଷା କରି ଚାଲିପାରନ୍ତି, ସେମାନଙ୍କୁ ସମାଜରେ ଅଧିକ ସାହସୀ ଓ ଦାୟିତ୍ୱବାନ ମନାଯାଏ।



## 'ଚୌହାନ୍'ରେ ବିକ୍ରାନ୍ତ

ବଲିଉଡ୍ ଅଭିନେତା ବିକ୍ରାନ୍ତ ମେସି ଏବେ ତାଙ୍କର ୱେବ୍ ସିରିଜ୍ 'ମୁସାଫିର କାଫେ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ନିକଟରେ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଛି। ଏହି ରୋମାଣ୍ଟିକ୍ ସିରିଜ୍‌କୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଇତିମଧ୍ୟରେ, ବିକ୍ରାନ୍ତଙ୍କର ଚଳିତ ବର୍ଷର ସବୁଠାରୁ ବଡ଼ ଆକ୍ସନ୍ ଫିଲ୍ମରେ ଏଣ୍ଟ୍ରି ହୋଇଥିବା ନେଇ ଖବର ଆସିଛି। ଅଜୟ ଦେବଗନଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଚୌହାନ'ରେ ବିକ୍ରାନ୍ତଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ବିକ୍ରାନ୍ତଙ୍କ ଭୂମିକା ଫିଲ୍ମରେ ଏକ ବଡ଼ ଟ୍ୱିଷ୍ଟ ଆଣିବ ବୋଲି କୁହାଯାଉଛି। ବିକ୍ରାନ୍ତ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ଜଣାପଡ଼ିଛି। ଏଥିରେ ଅଜୟଙ୍କୁ ସେ ମୁକାବିଲା କରୁଥିବାର ଦେଖାଯିବେ। ବିକ୍ରାନ୍ତଙ୍କୁ ଏହାର କାହାଣୀ ଭଲ ଲାଗିବା ସହ ସେ ତୁରନ୍ତ ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିବା ଜଣାପଡ଼ିଛି। 'ଚୌହାନ'ର ସୁଟିଂ ଚଳିତବର୍ଷ ଶେଷ ଆଡ଼କୁ ଆରମ୍ଭ ହେବ। ଏହାକୁ ଆସନ୍ତାବର୍ଷ ଅକ୍ଟୋବରରେ ରିଲିଜ୍ କରାଯିବ। ଏବେ ଏହାର ପ୍ରିପ୍ରଡକ୍ସନ୍ କାମ ଜୋରସୋରରେ ଚାଲିଛି। ନୀରବ ଯାଦବ ଏହାର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହା ଆସନ୍ତା ବର୍ଷ ୧ ଅକ୍ଟୋବରରେ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ 'ଜିୟୋ ଷ୍ଟୁଡିଓ' ଓ 'କଲର୍ ୟେଲୋ ପ୍ରଡକ୍ସନ୍' ରହିଛି।

# ସୁଶ୍ରୀ

## ବର୍ଷାଦିନେ ରେନ୍‌କୋଟ୍ ଷ୍ଟାଇଲିଙ୍ଗ୍ ଟିପ୍ସ



ବର୍ଷାରୁ ସୁରକ୍ଷା ପାଇଁ ମହିଳାମାନେ ଛତା ଏବଂ ରେନ୍‌କୋଟ୍ ବ୍ୟବହାର କରିଥାନ୍ତି। ଅନେକେ ବର୍ଷାରେ ରେନ୍‌କୋଟ୍ ପିନ୍ଧିଲେ ଷ୍ଟାଇଲ୍ ବିଗିଡ଼ିଯାଏ ବୋଲି ଭାବନ୍ତି। ହେଲେ କିଛି ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଉପଯୋଗ କରି ଏହାକୁ ପିନ୍ଧିପାରିବେ। ଏହା ବୋରିଙ୍ଗ୍ ରେନ୍‌କୋଟ୍‌କୁ ଆକର୍ଷଣୀୟ କରିଥାଏ।

**ଟ୍ରାନ୍ସପ୍ୟାରେଣ୍ଟ**

ସାଲୱାର୍ ସୁଟ୍ କିମ୍ବା କୁର୍ତ୍ତୀ ଜିନ୍ସ ପିନ୍ଧି ଅଫିସ୍ ଯାଉଥିଲେ ଏହା ସହ ମ୍ୟାଚିଙ୍ଗ୍ କରି ରଙ୍ଗିନ୍ ଟ୍ରାନ୍ସପ୍ୟାରେଣ୍ଟ ରେନ୍‌କୋଟ୍ ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ। ଏହା ଡ୍ରେସ୍‌ର ଷ୍ଟାଇଲ୍‌କୁ ଅଧିକ ହାଇଲାଇଟ୍ କରିଥାଏ। ସେହିପରି ବର୍ଷା କମ୍ ଥିଲେ ଏହି ଚେନ୍ ଖୋଲି ସ୍ରଗ୍ ଭଳି ମଧ୍ୟ ଷ୍ଟାଇଲ କରିପାରିବେ।

**ଓଭର୍‌ସାଇଜ୍ ରେନ୍‌କୋଟ୍**

ଟ୍ରେଣ୍ଡ ଅନୁଯାୟୀ ଅଧିକାଂଶ ମହିଳା ଢିଲା ପୋଷାକ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏବେ ଓରସାଇଜ୍ ରେନ୍‌କୋଟ୍ ମଧ୍ୟ ଲୋକପ୍ରିୟ ରହିଛି। ବର୍ଷାଦିନେ କୁଲ୍ ଷ୍ଟ୍ରିଟ୍ ଲୁକ୍ ଚାହୁଁଥିଲେ ଏହା ପିନ୍ଧିପାରିବେ।

## ହଜିଯାଉଥିବା ସ୍ୱାଦ

## ପୋଇ ଚିଙ୍ଗୁଡ଼ି ବରା



**ଆବଶ୍ୟକ ସାମଗ୍ରୀ**

ଚିଙ୍ଗୁଡ଼ି – ୨୫୦ ଗ୍ରାମ୍, ପୋଇପତ୍ର– ଅଳ୍ପ, ବେସନ – ଅଧା କପ୍, କଟା ପିଆଜ – ଅଧା କପ୍, କଞ୍ଚାଲଙ୍କା– ଗୋଟିଏ, ଜିରା - ଅଧା ଚାମଚ, ଅଦା– ଖଣ୍ଡେ, ଧନିଆ ପତ୍ର – ଅଳ୍ପ, ହଳଦୀ ଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଲୁଣ- ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ଚିଙ୍ଗୁଡ଼ିକୁ ଧୋଇ ଲୁଣ ହଳଦୀ ଦେଇ ରଖନ୍ତୁ। ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦେଇ ଚିଙ୍ଗୁଡ଼ି ପିଆଜ, ଧନିଆ, ଲଙ୍କା ଦେଇ ଭଲରେ ଭାଜି ପ୍ଲେଟ୍‌କୁ କାଢ଼ନ୍ତୁ। ଏହାପରେ ଏକ ପାତ୍ରରେ ବେସନ, ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ ଦେଇ ପତଳା ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ପୋଇପତ୍ରକୁ ଧୋଇ ମଝିରେ ଭଜା ଚିଙ୍ଗୁଡ଼ି ଦେଇ ଉପରେ ଆଉ ଏକ ପତ୍ର ରଖି ବେସନରେ ବୁଡ଼ାନ୍ତୁ। ଏହାକୁ ପ୍ୟାନରେ ଅଳ୍ପ ତେଲ ଦେଇ ଗୋଟି ଗୋଟି କରି ଭାଜନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ପୋଇ ଚିଙ୍ଗୁଡ଼ି ବରା'।

## କେଶ ପାଇଁ ଗ୍ରୀନ୍ -ଟି

ସାଧାରଣତଃ ଗ୍ରୀନ୍ ଟି ଓଜନ ହ୍ରାସ କରିବା ସହ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କେବଳ ଶରୀର ନୁହେଁ, ଏହା କେଶ ପାଇଁ ମଧ୍ୟ ଉପକାରୀ ହୋଇଥାଏ। ଏଥିରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଏବଂପୋଷକ ତତ୍ତ୍ୱ ଥାଏ। ଯାହା କେଶ ଏବଂ ସ୍କାଲପ ପାଇଁ ଗୁଣକରୀ ହୋଇଥାଏ।

**କେଶ ହେବ ମଜବୁତ୍**

ଧୂଳି, ପ୍ରଦୂଷଣ ଏବଂ ଷ୍ଟାଇଲିଙ୍ଗ୍ ଯୋଗୁ କେଶ ଶୁଷ୍କ ଏବଂ ଦୁର୍ବଳ ହୋଇଯାଏ। ତେଣୁ କେଶ ସଫା କରି ଗ୍ରୀନ୍‌ଟି ଲଗାଇ ଧୋଇଲେ ଏହା ଗୁଣକାରୀ ହୋଇଥାଏ। ଏଥିପାଇଁ ଗୋଧୋଇବା ପୂର୍ବରୁ ଗରମପାଣିରେ ଗ୍ରୀନ୍‌ଟି ଫୁଟାନ୍ତୁ। କେଶକୁ ସାମ୍ପୁକରି ଏହାକୁ ଲଗେଇ ହାଲୁକା ହାତରେ ମସାଜ୍ କରି ଧୋଇ ଦିଅନ୍ତୁ।

**ରୂପି ସମସ୍ୟା ଦୂର**

ଏହା କେଶରେ ଥିବା ଅତିରିକ୍ତ ତେଲ, ଧୂଳି ,ମଳିକୁ ଦୂର କରିବାରେ ସହାୟକ ହୋଇଥାଏ। ସପ୍ତାହରେ ଥରେ ଗ୍ରୀନ୍ ଟି, ମହୁ ଏବଂ ଦହି ହେୟାର୍ ପ୍ୟାକ୍ ଲଗାଇପାରିବେ। ଏଥିପାଇଁ ଦୁଇ ବଡ଼ ଚାମଚ ଦହି, ଏକ ଚାମଚ ମହୁ, ଏବଂ ଏକ ଚାମଚ ଗ୍ରୀନ୍‌ଟି ମିଶାଇ ପେଷ୍ଟ ବନାନ୍ତୁ। ଏହାକୁ ଲଗାଇ ଏକ ଘଣ୍ଟା ରଖି ସଫା କରି ଦିଅନ୍ତୁ।



## ଆତ୍ମନିର୍ଭର କରିଛି ଝୋଟ



ଆତ୍ମନିର୍ଭର ଭାରତ ଅଭିଯାନ ଅନୁଯାୟୀ, ମହିଳାମାନେ ଏବେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ହସ୍ତଶିଳ୍ପ, କୁଟୀର ଶିଳ୍ପ ଭଳି ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହି କ୍ରମରେ ଝାଡ଼ଖଣ୍ଡ କୋଡରମା ଜିଲ୍ଲାର ମହିଳାମାନେ ଝୋଟ ହସ୍ତଶିଳ୍ପରୁ ଭଳିକି ଭଳି ଘର ସଜ୍ଜା ଉପକରଣ, ବ୍ୟାଗ୍, ଫାଇଲ୍ କଭର୍ ସମେତ ମୋବାଇଲ୍ ଷ୍ଟାଣ୍ଡ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି। ଏହାଦ୍ୱାରା ସେମାନେ ପରିବେଶ ସଚେତନତା ବାର୍ତ୍ତା ଦେଉଛନ୍ତି।

**ଝୋଟ ହସ୍ତଶିଳ୍ପର ବିଶେଷତା-**

ବିଶେଷତା ଅନୁଯାୟୀ ଝୋଟ ପରିବେଶ ଅନୁକୂଳ ହେବା ସହ ଦୀର୍ଘସ୍ଥାୟୀ ହୋଇଥାଏ। ଏହା ପରିବେଶକୁ କୌଣସି କ୍ଷତି ପହଞ୍ଚାଏ ନାହିଁ। ଏଥିରେ ତିଆରି ସାମଗ୍ରୀ ମଜ୍‌ବୁତ ହୋଇଥିବାବେଳେ ଦୀର୍ଘଦିନ ବ୍ୟବହାର ପାଇଁ ସୁବିଧାଯୋଗ୍ୟ ହୋଇଥାଏ। ତେଣୁ ମହିଳାମାନେ ଝୋଟରୁ ଭଳିକି ଭଳି ବ୍ୟାଗ୍, ଘରସଜ୍ଜା ଉପକରଣ, ଡାଏରୀ କଭର୍, ଲାପଟପ୍ ବ୍ୟାଗ୍ ଆଦି ପ୍ରସ୍ତୁତ କରିଥାନ୍ତି। ଏହା ପ୍ଲାଷ୍ଟିକ୍‌ର ଏକ ଭଲ ବିକଳ୍ପ ଭାବେ ଜଣାଯାଏ।

**ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗୁରୁତ୍ୱ -**

ପାଖାପାଖି ୨୦ ଜଣ ମହିଳା ଏକ ଗୋଷ୍ଠୀ ଗଠନ କରି ଏକତ୍ର ହୋଇ ଏହିସବୁ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ମହିଳା ନିର୍ମିତ ଏହି ଜିନିଷକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ସେହିପରି ଏହି କାର୍ଯ୍ୟ କରି ମହିଳାମାନେ ରୋଜଗାରକ୍ଷମ ହେବା ସହ ପରିବାରର ଦାୟିତ୍ୱ ବହନ କରିଛନ୍ତି। ପରିଶ୍ରମ, ନିଷ୍ଠା ବଳରେ ମହିଳାମାନେ ସ୍ୱାବଲମ୍ବୀ ହୋଇଛନ୍ତି। ଏପରି କରି ପ୍ଲାଷ୍ଟିକ୍ ମୁକ୍ତ ଭାରତ ଗଠନ ସଂକଳ୍ପ ବଜାୟ ରଖିଛନ୍ତି।

**ଘରେ ବସି ରୋଜଗାର-**

ଗୋଷ୍ଠୀ ମହିଳାଙ୍କ କହିବାନୁଯାୟୀ ଏହି ବ୍ୟବସାୟ ଦ୍ୱାରା ସେମାନେ ଘରେ ରହି ମଧ୍ୟ ଭଲ ରୋଜଗାର କରୁଛନ୍ତି। ଦିନଯାକର କାମ ସାରିବା ପରେ ଦିନକୁ ଚାରି ପାଞ୍ଚ ଘଣ୍ଟା ମହିଳାମାନେ ଏକତ୍ର ହୋଇଥାନ୍ତି। ମେସିନ ଏବଂ ହାତ ସାହାଯ୍ୟରେ ଜିନିଷମାନ ପ୍ରସ୍ତୁତ କରିଥାନ୍ତି। ଗୋଟିଏ ଫାଇଲ୍ ପ୍ରସ୍ତୁତ କରିବା ପାଇଁ ମହିଳାଙ୍କୁ ଏକ ଘଣ୍ଟା ସମୟ ଲାଗିଥାଏ। ଏଥିପାଇଁ ଭଲ ପାରିଶ୍ରମିକ ମଧ୍ୟ ମିଳିଥାଏ। ତେବେ ଏହି ଝୋଟ ଉତ୍ପାଦ ମହିଳାଙ୍କୁ ଆର୍ଥିକ ସଶକ୍ତ କରିପାରିଛି।

## ଉଜ୍ଜ୍ୱଳ ତ୍ୱଚା ପାଇଁ ଘରୋଇ ଉପଚାର



ମହିଳାମାନେ ଉଜ୍ଜ୍ୱଳ ତ୍ୱଚା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି। ସେହିପରି ତ୍ୱଚାକୁ କୋମଳ ଏବଂ ନରମ ରଖିବାକୁ ଚାହୁଁଥିଲେ, ତ୍ୱଚା ଅନୁସାରେ ଘର ତିଆରି ଫେସ୍‌ପ୍ୟାକ୍ ଲଗାଇପାରିବେ। ଏହାଦ୍ୱାରା ତ୍ୱଚାରେ ଚମକ ଆସିଥାଏ।

**ନିମ୍ବ**

କେଶ ଭଳି ନିମ୍ବ ତ୍ୱଚା ପାଇଁ ମଧ୍ୟ ଗୁଣକରୀ ହୋଇଥାଏ। ଏହା ଦାଗ, ବ୍ରଣ ସମେତ ଓପନ୍ ପୋର୍ସ ସମସ୍ୟା ଦୂର କରିଥାଏ। ତେଣୁ ପୋଡ଼ାଦାଗ, ବ୍ରଣ ଥିଲେ, ନିମ୍ବ ଫେସ୍‌ପ୍ୟାକ୍ ଲଗାଇପାରିବେ। ଏଥିପାଇଁ ଏକ ପାତ୍ରରେ ବଡ଼ଚାମଚ ନିମ୍ବ ପାଉଡର୍, ଏକ ଚାମଚ ମୁଲତାନୀ ମାଟି ଏବଂ ଏକ ଚାମଚ ଦହିରେ ଗୋଲାପ ଜଳ ମିଶାଇ ମିକ୍ସ କରନ୍ତୁ। ଏହାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ। ସମ୍ବେଦନଶୀଳ ତ୍ୱଚା, ବ୍ରଣ ଥିବା ମହିଳାମାନେ ମଧ୍ୟ ଏହା ଲଗାଇପାରିବେ।


**ବେସନ –ହଳଦୀ**

କର୍ମଜୀବୀମହିଳାଙ୍କ ତ୍ୱଚା ଅଧିକ ଶୁଷ୍କ ଏବଂ ଟାନିଙ୍ଗ୍ ପଡ଼ିଯାଏ। ଏଥିପାଇଁ ବେସନ ହଳଦୀ ଖୁବ୍ ଭଲ ହୋଇଥାଏ। ଏକ ଚାମଚ ବେସନ, ଅଧା ଚାମଚ ମହୁରେ ଚୁଟ୍‌କୀ ହଳଦୀ ମିଶାଇ ଲଗାନ୍ତୁ। ଏହା ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ।



**ଏସୀୟ କ୍ରୀଡ଼ା**

# ଭାରତୀୟ ଦଳରେ ଅମିତ୍ ଓ ଶିଳାନନ୍ଦ




ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ାର ହକି ପ୍ରତିଯୋଗିତା ଲାଗି ବୁଧବାର ଭାରତୀୟ ପୁରୁଷ ଦଳ ଘୋଷଣା କରାଯାଇଛି। ଷ୍ଟାର ଡିଫେଣ୍ଡର ତଥା ଡ୍ରାଗ-ଫ୍ଲିକର ହରମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି। ସେହିଭଳି ଘୋଷିତ ୨୦ ଜଣିଆ ଦଳରେ ଓଡ଼ିଶାରୁ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ ରୋହିଦାସ ଓ ଅଗ୍ରଭାଗ ଖେଳାଳି ଶିଳାନନ୍ଦ ଲାକ୍ରା। ଅମିତ ଓ ଶିଳାନନ୍ଦ ମଧ୍ୟ ନିକଟରେ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରେ ସୁଯୋଗ ପାଇଥିଲେ। ଉଲ୍ଲେଖଯୋଗ୍ୟ, ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ହେବ। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ପୁରୁଷ ହକି ଦଳ ଏସୀୟ କ୍ରୀଡ଼ାରେ ପୁଲ୍-ଏ'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଆୟୋଜକ ଜାପାନ, କୋରିଆ, ବାଂଲାଦେଶ, ଶ୍ରୀଲଙ୍କା ଓ ଇଣ୍ଡୋନେସିଆ ମଧ୍ୟ ରହିଛି। ଭାରତ ସେପ୍ଟେମ୍ବର ୨୦ ତାରିଖରେ ଇଣ୍ଡୋନେସିଆ ସହ ଖେଳି ଅଭିଯାନ ଆରମ୍ଭ କରିବ।

# ଆର୍ଚରେକରଙ୍କୁ ମନେ ପକାଇଲେ ସଚିନ



ମୁମ୍ବାଇ, ୨୯।୭ (ଏଜେନ୍ସି): ପୂର୍ବତନ କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକର ବୁଧବାର ପବିତ୍ର 'ଗୁରୁ ପୂର୍ଣ୍ଣିମା' ଅବସରରେ ତାଙ୍କ ପ୍ରଶିକ୍ଷକ ରମାକାନ୍ତ ଆର୍ଚରେକରଙ୍କୁ ମନେ ପକାଇଛନ୍ତି। ମୁମ୍ବାଇର ଶିବାଜୀ ପାର୍କରେ ଆର୍ଚରେକରଙ୍କ ସ୍ମାରକୀର କିଛି ଫଟୋ ସେୟାର କରି ସଚିନ ଭାବପ୍ରବଣ ହୋଇଛନ୍ତି। ଏହି ଅବସରରେ ସଚିନ କହିଥିଲେ ଯେ ଆଜି ଏଠାରେ ଠିଆ ହୋଇ ମୁଁ କିଛି ଅନୁଭବ କରୁଛି। କେତେ ବର୍ଷ ବିତିଗଲାଣି, କିଛି ଫରକ ପଡୁନି। କିନ୍ତୁ ମୁଁ ସବୁବେଳେ ଅନୁଭବ କରେ ଯେ ତାଙ୍କୁ (ରମାକାନ୍ତ) ଗୋଟିଏ ଧନ୍ୟବାଦ କହିବା ବାକି ରହିଗଲା। ମୋ ଉପରେ ବିଶ୍ୱାସ କରିବା, ମୋତେ ମାର୍ଗଦର୍ଶନ କରିବା ଏବଂ ଆଜି ମୋତେ ସଫଳ ବ୍ୟକ୍ତି ଭାବେ ଗଢ଼ି ତୋଳିଥିବାରୁ ଆପଣଙ୍କୁ ଧନ୍ୟବାଦ। ଶୁଭ ଗୁରୁ ପୂର୍ଣ୍ଣିମା, ଆର୍ଚରେକର ସାର୍' ବୋଲି ସଚିନ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି। ପ୍ରକାଶଯୋଗ୍ୟ, ପ୍ରଶିକ୍ଷକ ରମାକାନ୍ତଙ୍କୁ କ୍ରିକେଟର ଦ୍ରୋଣାଚାର୍ଯ୍ୟ ଭାବରେ ବିବେଚନା କରାଯାଏ। ସେ ସଚିନ ଓ ବିନୋଦ କାମ୍ବଲିଙ୍କ ପରି କିମ୍ବଦନ୍ତୀ ବ୍ୟାଟସମ୍ୟାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# କେକେଆର୍‌ରେ ଯୋଗଦେଲେ ର୍ୟାନ୍

କୋଲକାତା, ୨୯।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ସହାୟକ କୋଚ୍ ପଦରୁ ଇସ୍ତଫା ଦେବାର ଦିନକ ପରେ ର୍ୟାନ୍ ଟେନ୍ ଡୋଶେଟ ଆଇପିଏଲ୍ ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ସହ ଯୋଡ଼ି ହୋଇଛନ୍ତି। ୪୬ ବର୍ଷୀୟ ର୍ୟାନ୍ କେକେଆର୍ ଦଳର କ୍ରିକେଟ୍ ରଣନୀତି ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଏହି ଭୂମିକାରେ ସେ ଫ୍ରାଞ୍ଚାଇଜ୍‌ର ବିଶ୍ୱସ୍ତରୀୟ ଦଳଗୁଡ଼ିକରେ କ୍ରିକେଟ୍ ରଣନୀତି ତଦାରଖ କରିବେ। ଯେଉଁଥିରେ ସେ କେକେଆର ନେଟୱାର୍କରେ କ୍ରିକେଟ୍ ରଣନୀତି, ପ୍ରତିଭା ଚିହ୍ନଟ, ଖେଳାଳି ନିଯୁକ୍ତି, ସ୍କ୍ୱାଡ୍ ଯୋଜନା ଏବଂ ପ୍ରଦର୍ଶନ ମୂଲ୍ୟାଙ୍କନର ତଦାରଖ କରିବେ। ଏହାବାଦ୍ ର୍ୟାନ୍ କାରିବିୟାନ୍ ପ୍ରିମିଅର ଲିଗ୍‌ରେ ତ୍ରିନବାଗୋ ନାଇଟ୍ ରାଇଡର୍ସ, ଆଇଏଲ ଟି-୨୦ରେ ଆବୁ ଧାବି ନାଇଟ୍ ରାଇଡର୍ସ ଏବଂ ମେଜର ଲିଗ୍ କ୍ରିକେଟ୍‌ରେ ଲସ୍ ଆଞ୍ଜେଲସ୍ ନାଇଟ୍ ରାଇଡର୍ସ ପାଇଁ ସହାୟକ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବେ। ର୍ୟାନ୍‌ଙ୍କୁ ନାଇଟ୍ ରାଇଡର୍ସ ପରିବାରକୁ ପୁନର୍ବାର ସ୍ୱାଗତ କରି ଆମେ ଆନନ୍ଦିତ ବୋଲି ନାଇଟ୍ ରାଇଡର୍ସ ସ୍ପୋର୍ଟ୍ସ ସିଇଓ ଭେଙ୍କି ମାଇସୁର କହିଛନ୍ତି।

**FOR RENT**
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes.
Interested parties may contact:
8249526803

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

# ଫାଇନାଲରେ ତାଜିନ୍ଦର, ସମରଦୀପ୍; ସେମିରେ ଅନିମେଷ

ଗ୍ଲାସଗୋ, ୨୯।୭ (ଏଜେନ୍ସି)


ଅନିମେଷ କୁଜୁର

ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆଥ୍‌ଲେଟିକ୍ସରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଦୁଇଥରର ଏସିଆନ୍ ଚାମ୍ପିଅନ ତାଜିନ୍ଦର ପାଲ୍ ସିଂହ ପୁରୁଷ ସଟ୍ ପୁଟ୍ ଫାଇନାଲରେ ପ୍ରବେଶ କରିଛନ୍ତି। ତାଜିନ୍ଦର ତାଙ୍କ ଦ୍ୱିତୀୟ ପ୍ରୟାସରେ ୨୦ ମିଟର ମାର୍କ ଅତିକ୍ରମ କରିଥିଲେ। ୨୦.୧୪ ମିଟର ସଟ୍ ପୁଟ୍ ଫିଙ୍ଗି ତାଜିନ୍ଦର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ସେ ନ୍ୟୁଜିଲାଣ୍ଡର ଟମ୍ ୱାଲ୍ସ (୨୧.୦୩ ମିଟର)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିଭଳି ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ସଟ୍ ପୁଟର୍ ସମରଦୀପ୍ ଗିଲ୍ ମଧ୍ୟ ଫାଇନାଲରେ ପହଞ୍ଚିଛନ୍ତି। ସମରଦୀପ୍ ୧୯.୯୫ ମିଟର ଦୂରତା ହାସଲ କରିଥିଲେ। ତେବେ ସେ ୨୦ ମିଟର ମାର୍କ ହାସଲ କରିପାରି ନ ଥିବାରୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ଶ୍ରେଷ୍ଠ-୧୨ରେ ରହି ସମରଦୀପ୍ ଫାଇନାଲ ଟିକଟ୍ ଅର୍ଜନ କରିଥିଲେ। ଗୁରୁବାର ରାତିରେ ଫାଇନାଲ ରାଉଣ୍ଡ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।


ତାଜିନ୍ଦର ପାଲ୍ ସିଂହ

ଅପରପକ୍ଷରେ ପୁରୁଷ ୨୦୦ ମିଟର ରେସରେ ତାରକା ଧାବକ ଅନିମେଷ କୁଜୁର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବୁଧବାର ହିଟ୍-୪ରେ ଦୌଡ଼ିଥିବା ଅନିମେଷ ୨୦.୪୬ ସେକେଣ୍ଡରେ ରେସ୍ ଫିନିଶ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଓଭରଅଲ୍ ଯୋଗ୍ୟତା ପର୍ଯ୍ୟାୟରେ ସେ ୭ମ ସ୍ଥାନରେ ରହି ସେମିଫାଇନାଲରେ ପହଞ୍ଚିଛନ୍ତି। ଚଳିତ ସିଜନରେ ୨୦୦ ମିଟରରେ ଅନିମେଶଙ୍କ ଏହା ଶ୍ରେଷ୍ଠ ଟାଇମିଂ ଥିଲା। ଗୁରୁବାର ସେମିଫାଇନାଲ ଅନୁଷ୍ଠିତ ହେବ। ଅନିମେଶ ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବହୁ ଦୂରରେ ରହିଯାଇଥିଲେ। ଚଳିତ ବର୍ଷ ଫେଡେରେସନ କପ୍‌ରେ ଅନିମେଶ ୨୦.୩୨ ସେକେଣ୍ଡ ସହ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ।

## ବକ୍ସିଂରେ ୫ ପଦକ ପକ୍କା

ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୭ମ ଦିବସରେ ଭାରତୀୟ ବକ୍ସରମାନେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରି ୫ଟି ପଦକ ପକ୍କା କରିଛନ୍ତି। ପୁରୁଷ ବିଭାଗରେ ସଚିନ ସିୱା, ଅଙ୍କୁଶ ପଙ୍ଘାଲ ଓ ନରେନ୍ଦର ବେରୱାଲ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ ସହ ପୋଡିୟମ ଫିନିଶ କରିବା ନିଶ୍ଚିତ ହୋଇଛି। ସେହିଭଳି ମହିଳା ବିଭାଗରରେ ସାକ୍ଷୀ ଚୌଧୁରୀ ଓ ଅରୁନ୍ଧତୀ ଚୌଧରୀ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୬୦ କିଗ୍ରା ବିଭାଗରେ ସଚିନ ୫-୦ରେ ବୋତ୍ସ୍ୱାନାର ମୋରେମିଙ୍କୁ, ପୁରୁଷ ୮୦ କିଗ୍ରା ବିଭାଗରେ ଅଙ୍କୁଶ ୫-୦ରେ ଆଫ୍ରିକୀୟ ରାଷ୍ଟ୍ର ସିଚେଲ୍ସର ଜାଡେ ମିକୋଙ୍କୁ ଏବଂ ନରେନ୍ଦର ୯୦ କିଗ୍ରାରୁ ଉଦ୍ଧ୍ୱର୍ ବର୍ଗରେ ସମାଓର ମାଇକେଲ ସେକୋଙ୍କୁ କ୍ୱାର୍ଟର ଫାଇନାଲରେ ମାତ୍ ଦେଇଥିଲେ।

## ଆଜି ଟ୍ରାକକୁ ଓହ୍ଲାଇବେ ନୀରଜ

ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଗୁରୁବାର ଗ୍ଲାସଗୋରେ ଟ୍ରାକ୍‌କୁ ଓହ୍ଲାଇବେ। ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟ ଅପରାହ୍ଣ ୨ଟା ୫୫ ମିନିଟରୁ ଆରମ୍ଭ ହେବ। ଏହି ଇଭେଣ୍ଟରେ ନୀରଜଙ୍କ ସହ ଅନ୍ୟ ଦୁଇ ଭାରତୀୟ ରୋହିତ ଯାଦବ ଓ ଯଶବୀର ସିଂହ ମଧ୍ୟ ରହିଛନ୍ତି। ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୀରଜ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତେବେ ୨୦୨୨ ବର୍ମିଂହାମ ସଂସ୍କରଣରେ ନୀରଜ ଅଂଶଗ୍ରହଣ କରି ନ ଥିଲେ। ନୀରଜଙ୍କ ସହ ପାକିସ୍ତାନର ଅର୍ଶଦ ନଦୀମଙ୍କ ମଧ୍ୟରେ ସ୍ୱର୍ଣ୍ଣ ପାଇଁ ଜୋରଦାର ଲଢ଼େଇ ହେବ। ସେହିଭଳି ରାତି ୧୧ଟା ୩୫ ମିନିଟରେ ଅନିମେଶଙ୍କ ୨୦୦ ମିଟର ସେମିଫାଇନାଲ ଅନୁଷ୍ଠିତ ହେବ।



## ଗୁଲ୍‌ବୀରଙ୍କୁ ଐତିହାସିକ ରୌପ୍ୟ

ପୁରୁଷ ୧୦୦୦୦ ମିଟର ରେସରେ ଭାରତର ଗୁଲ୍‌ବୀର ସିଂ ଐତିହାସିକ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଗୁଲ୍‌ବୀର ଶେଷ ୯୦୦ ମିଟରରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନରେ ଫିନିଶ କରିଥିଲେ। ଏହି ଦୂରତାକୁ ସେ ୨୭ ମିନିଟ ୪୯.୭୮ ସେକେଣ୍ଡରେ ଫିନିଶ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ପୁରୁଷ ୧୦୦୦୦ ମିଟର ରେସରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ପୁରୁଷ ଧାବକ ହୋଇଛନ୍ତି। ଏଥିରେ ଅଷ୍ଟ୍ରେଲିଆର କେ ରବିନସନ (୨୭ ମିନିଟ ୪୮.୦୩ ସେକେଣ୍ଡ) ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ।

**ଆଇସିସି ଟି-୨୦ ବ୍ୟାଟିଂ ର୍ୟାଙ୍କିଂ**

# ୯୦୦ ରେଟିଂ ପାଇବାରେ ଇଶାନ ୪ର୍ଥ ଭାରତୀୟ



ଦୁବାଇ, ୨୯।୭ (ଏଜେନ୍ସି): ଭାରତୀୟ ୱିକେଟ୍‌କିପର ବ୍ୟାଟର ଇଶାନ କିଶାନ ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର୍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଇଶାନ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ତେବେ ତାଙ୍କ ରେଟିଂ ପଏଣ୍ଟ ୯୦୦ ଅତିକ୍ରମ କରି ୯୧୦ରେ ପହଞ୍ଚିଛି। ଫଳରେ ଟି-୨୦ରେ ୯୦୦ କିମ୍ବା ଏହାଠାରୁ ଅଧିକ ରେଟିଂ ହାସଲ କରିବାରେ ଇଶାନ ୪ର୍ଥ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ତାଙ୍କ ପୂର୍ବରୁ ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ ଓ ଅଭିଷେକ ଶର୍ମା ଏହି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇସାରିଛନ୍ତି। ଇଶାନ ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି। ସେ ମୋଟ୍ ୨୮ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୬.୫୧ ହାରରେ ୯୮୬ ରନ କରିଛନ୍ତି। ଯେଉଁଥିରେ ଦୁଇଟି ଶତକ ଓ ୬ଟି ଅର୍ଦ୍ଧଶତକ ସାମିଲ ରହିଛି।

## ୨୩୦ଟି ସ୍ଥାନ ଉଠିଲେ ସୂର୍ଯ୍ୟବଂଶୀ

ଅପରପକ୍ଷରେ ଜିମ୍ବାୱେ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ପ୍ରଥମଥର ଲାଗି ବୁଧବାର ଆଇସିସି ଟି-୨୦ ର୍‌ୟାଙ୍କିଙ୍ଗରେ ସ୍ଥାନ ପାଇଛନ୍ତି। ସେ ଏକାଥରକେ ୨୩୦ଟି ପାହାଚ ଲମ୍ଫ ପ୍ରଦାନ କରି କ୍ୟାରିୟର ଶ୍ରେଷ୍ଠ ୪୮ତମ ସ୍ଥାନ ଲାଭ କରିଛନ୍ତି। ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ଜିମ୍ବାୱେ ବିପକ୍ଷ ସିରିଜରେ ୩ଟି ମ୍ୟାଚ୍‌ରେ ମୋଟ୍ ୧୫୧ ରନ ସଂଗ୍ରହ କରି ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

# ବ୍ରାଜିଲରେ ନେମାର ଯୁଗର ଅନ୍ତ



ସାଓ ପାଓଲୋ, ୨୯।୭ (ଏଜେନ୍ସି): ବ୍ରାଜିଲ ଫୁଟବଲରେ ନେମାର ଯୁଗର ଅନ୍ତ ଘଟିଛି। ଦୀର୍ଘ ୧୬ ବର୍ଷ ଧରି ବ୍ରାଜିଲ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଥିବା ମହାନ ଫୁଟବଲର୍ ନେମାର ତାଙ୍କ ଅବସରକୁ ନିଶ୍ଚିତ କରିଛନ୍ତି। ସଦ୍ୟ ସମାପ୍ତ ଫିଫା ବିଶ୍ୱକପରେ ବ୍ରାଜିଲ ରାଉଣ୍ଡ ଅଫ୍ ୧୬ରେ ୨-୧ ଗୋଲରେ ନରୱେ ନିକଟରୁ ହାରି ବିଦାୟ ନେଇଥିଲା। ଏହାପରେ ନେମାରଙ୍କ ଅବସରକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା।

ଏହାର କିଛିଦିନ ପରେ ବୁଧବାର ୩୪ ବର୍ଷୀୟ ଫରୱାର୍ଡ ନେମାର କହିଥିଲେ ଯେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିଅର ଏବେ ଶେଷ ହୋଇଯାଇଛି। ସାମ୍ବାଦିକଙ୍କ ସହ ଆଲୋଚନା ସମୟରେ ନେମାର କହିଛନ୍ତି ଯେ ଜାତୀୟ ଦଳ (ବ୍ରାଜିଲ) ସହିତ ମୋର ଯାତ୍ରା ଶେଷ ହୋଇଛି। ମୁଁ ବ୍ରାଜିଲ ପାଇଁ ଇତିହାସ ସୃଷ୍ଟି କରିଛି। ମୁଁ ବହୁତ ଖୁସି ଥିଲି ଯେ ଫୁଟବଲ ପାଇଁ ମୋର ସବୁକିଛି ଦେଇଛି। ସବୁବେଳେ ହଳଦିଆ ଜର୍ସି ପାଇଁ ଲଢ଼ିଥିଲି, କିନ୍ତୁ ମୁଁ ଆଉ ଖେଳିବାକୁ ଚାହୁଁନାହିଁ ବୋଲି ନେମାର କହିଛନ୍ତି। ଉଲ୍ଲେଖଯୋଗ୍ୟ, ନେମାରଙ୍କୁ ବ୍ରାଜିଲର ସର୍ବକାଳୀନ ଶ୍ରେଷ୍ଠ ଫୁଟବଲର୍ ଭାବେ ବିବେଚନା କରାଯାଏ। ଅଗଷ୍ଟ ୧୦ ତାରିଖ ୨୦୧୦ ମସିହାରେ ଆମେରିକା ବିପକ୍ଷରେ ଖେଳି ନେମାର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ୧୬ ବର୍ଷର କ୍ୟାରିୟରରେ ସେ ବ୍ରାଜିଲ ପାଇଁ ୧୩୦ଟି ମ୍ୟାଚ୍ ଖେଳି ୮୦ଟି ଗୋଲ୍ ଓ ୫୮ଟି ଆସିଷ୍ଟ କରିଛନ୍ତି। ବ୍ରାଜିଲ ପାଇଁ ସେ ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର ରହିଛନ୍ତି। ୭୭ ଗୋଲ୍ ସହ କିମ୍ବଦନ୍ତୀ ଖେଳାଳି ପେଲେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନେମାର ତାଙ୍କ କ୍ୟାରିୟରରେ ୪ଟି ଫିଫା ବିଶ୍ୱକପ୍ ଖେଳିଥିଲେ ମଧ୍ୟ ବ୍ରାଜିଲ ଥରେ ହେଲେ ଫାଇନାଲରେ ଫାଇନାଲରେ ପ୍ରବେଶ କରିପାରି ନ ଥିଲା। ୨୦୧୬ ରିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। କ୍ଲବ୍‌ସ୍ତରରେ, ନେମାର ବର୍ତ୍ତମାନ ବ୍ରାଜିଲ୍ ସାଣ୍ଟୋସ୍ ପାଇଁ ଖେଳୁଛନ୍ତି। ସେ କ୍ଲବ୍ ପାଇଁ ୩୮ ମ୍ୟାଚ୍‌ରେ ୧୭ ଗୋଲ୍ କରିଛନ୍ତି। ରିପୋର୍ଟ ଅନୁଯାୟୀ, ନେମାର ଏହି କ୍ଲବ୍‌ରୁ ପ୍ରତି ମାସରେ ୭ ଲକ୍ଷ ୫୦ ହଜାର ଡଲାର ପାଆନ୍ତି।

# ପ୍ରି-କ୍ୱାର୍ଟରରେ ଓଡ଼ିଶାର ତନ୍‌ଭୀ



ଭୁବନେଶ୍ୱର, ୨୯।୭ (ସମିସ): ଟାଇଟଲ ଆଶାୟୀ ତଥା ଟପ୍ ସିଡ୍ ଓଡ଼ିଶାର ତନ୍‌ଭୀ ପତ୍ରୀ ଏଠାରେ ଚାଲିଥିବା ଜାତୀୟ ଜୁନିଅର ର୍‌ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କ ସହ ମିଶ୍ରିତ ଯୁଗଳ ଯୋଡି ଦିବ୍ୟମ କେଜରିୱାଲ ଓ ସ୍ୱିଟିପ୍ରିୟା ପ୍ରଧାନ ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କିନ୍ତୁ ବାଳକ ଏକକରେ ଭାଗନେଇଥିବା ଦିବ୍ୟମ କେଜରିୱାଲ ପ୍ରଥମ ରାଉଣ୍ଡ ଜିତିବା ପରେ ଦ୍ୱିତୀୟ ରାଉଣ୍ଡରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ବାଳକ ବିଭାଗ ଏକକର ଟପ୍ ସିଡ୍ ମେନ୍ ଡ୍ର ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏଥିରେ ଉଭୟ ବାଳକ ଓ ବାଳିକା ଏକକରେ ୩୨ଜଣ ଲେଖାଏଁ, ଯୁଗଳରେ ୧୬ଟି ଲେଖାଏଁ ଯୋଡି ଓ ମିଶ୍ରିତ ଯୁଗଳରେ ୧୬ ଯୋଡା ଖେଳାଳି ଅଂଶଗ୍ରହଣ କରୁଛନ୍ତି।

# ରାଜ୍ୟ ବରିଷ୍ଠ ଚେସ୍ ଜିତିଲେ ଫକିର



ଭୁବନେଶ୍ୱର,୨୯।୭(ସମିସ): ରାୟଗଡ଼ା ତଥା କିସ୍‌ର ଛାତ୍ର ଫକିର ମାଝୀ ଏଠାରେ ଚାଲିଥିବା ୬୬ତମ ରାଜ୍ୟ ବରିଷ୍ଠ ଫିଡ଼େ ରେଟିଂ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଅଲଓଡ଼ିଶା ରାଜ୍ୟ ଚେସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ଚାମ୍ପିଅନସିପ୍‌ରେ ଫକିର ଏକାକୀ ସର୍ବାଧିକ ୮ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ୩ଜଣ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନେ ହେଲେ ବାଲେଶ୍ୱରର ସିଦ୍ଧେଶ କାମିଲା, ପୁରୀର ଆୟୁଷ୍ମାନ ମହାନ୍ତି ଓ ଖୋର୍ଦ୍ଧାର ସ୍ୱପ୍ନିଳ ପ୍ରିୟଦର୍ଶୀ ଯଥାକ୍ରମେ ଦ୍ୱିତୀୟରୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ୪ଜଣ ଖେଳାଳି ଜାତୀୟ ବରିଷ୍ଠ ଚେସ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଖେଳ ଶେଷରେ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଇଣ୍ଡିଆନ୍ ଚାମ୍ବର ଅଫ କମର୍ସର ସଭାପତି ରାଜୀବଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଫକିରଙ୍କୁ ଟ୍ରଫି ସହ ୨୦,୦୦୦ ଟଙ୍କା, ରନର୍ସ ଅପ୍ ସିଦ୍ଧେଶଙ୍କୁ ଟ୍ରଫି ସହ ୧୫,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

ନନ୍ଦିଘୋଷ
NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS